୬ ଅବସର ଘୋଷଣା କଲେ ଚେତେଶ୍ୱର ପୂଜାରା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

E-mail : sambadkalikanews@gmail.com

• ବର୍ଷ–୩୨ • ସଂଖ୍ୟା–୨୦୭ • ୨୫ ଅଗଷ୍ଟ ୨୦୨୫, ସୋମବାର • ଭୁବନେଶ୍ୱର • Vol -32 • Issue-207 • 25th August 2025, Monday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ସୁବର୍ଣ୍ଣରେଖା ଓ ବୈତରଣୀରେ ବନ୍ୟା : ତଳିଆ ଅଞ୍ଚଳ ସ୍ଥିତି ବେହାଲ

ଭୁବନେଶ୍ୱର/ଧାମନଗର, ୨୪।୮

ନ୍ୟୁଜ୍ ବ୍ୟୁରୋ



ବିଗତ କିଛି ଦିନ ଧରି ଲଗାଣ ବର୍ଷା ହେଉଛି। ଗତ ୨୪ ଘଣ୍ଟାରେ ବୈତରଣୀ ବେସିନ କେନ୍ଦୁଝର ଓ ଝାଡ଼ଖଣ୍ଡରେ ୪୨.୫୭ ମିମି ବର୍ଷା ହୋଇଛି। ଉପର ବ୍ରାହ୍ମଣୀରେ ୩୫ ମିମି ବର୍ଷା ହୋଇଛି। ଉପର ମହାନଦୀରେ ୩୧ ମିମି ବର୍ଷା ହୋଇଛି।ଯାହା ପ୍ରଭାବରେ ବନ୍ୟା ଆସିବ ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ସୁବର୍ଣ୍ଣରେଖା ଓ ବୈତରଣୀରେ ବନ୍ୟା ସୃଷ୍ଟି ହୋଇଛି।ବଂଶଧରା ଓ ବୁଢାବଳଙ୍ଗରେ ପାଣି ଅଧିକ ଥିଲେ ବି କମିଯିବ। ବୈତରଣୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ସୁବର୍ଣ୍ଣରେଖାରେ ରବିବାର ସନ୍ଧ୍ୟା ସୁଦ୍ଧା ରାଜଘାଟଠାରେ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହୋଇଛି। ବନ୍ୟା ପରିସ୍ଥିତି ଆହୁରି ବଢ଼ିବ। ଚଳିତ ବର୍ଷ ସୁବର୍ଣ୍ଣରେଖାରେ ପଞ୍ଚମ ବନ୍ୟା ହୋଇଛି। ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ବଢ଼ିଛି। ହୀରାକୁଦ ଜଳଭଣ୍ଡାରରେ ୬୨୧.୬୫ ଫୁଟ ପାଣି ଅଛି। ୧.୯୮ ଲକ୍ଷ ଜଳ ପ୍ରବେଶ କରୁଛି। ୧୨ ଗେଟ ଦେଇ ୧.୬୦ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରେଙ୍ଗାଲି ଡ୍ୟାମରେ ଦୁଇଟି ଗେଟ ଦେଇ ୩,୪୦୦ କ୍ୟୁସେକ ଜଳ ବ୍ରାହ୍ମଣୀକୁ ନିଷ୍କାସନ ହେଉଛି। ତେଣୁ ଜେନାପୁରରେ ବନ୍ୟା ଜଳସ୍ତର ବିପଦ ସଂକେତ ତଳେ ଅଛି। ଯାଜପୁରରେ ମୁଖ୍ୟ ଯନ୍ତ୍ରୀ ଓ ଧାମନଗରରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କ୍ୟାମ୍ପ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ବୈତରଣୀ ବନ୍ୟାରେ ତଳିଆ ଅଞ୍ଚଳ ବେହାଲ ହୋଇଛି। ସୋମବାର ସ୍ଥିତି ସଂଗୀନ ହେବାର ଆଶଙ୍କା ରହିଛି।

ଲଘୁଚାପ ଯୋଗୁଁ ମୌସୁମୀ ବାୟୁ ସକ୍ରିୟ ହେବା କାରଣରୁ ପ୍ରବଳ ବର୍ଷା। ଫଳରେ ଭଦ୍ରକ ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିରେ ବନ୍ୟା ଆସିଛି। ଏହାଦ୍ୱାରା ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର ଓ ତିହିଡ଼ି ବ୍ଲକରେ ବନ୍ୟା ଜଳ ପ୍ରବେଶ କରିଛି। ଭଣ୍ଡାରିପୋଖରୀର ଷୋଳମପୁର ପଞ୍ଚାୟତ ଉପରମୁଣ୍ଡରେ ଥିବା ବୈତରଣୀ ନଦୀର କଣ୍ଟିଘାଇ ଏସକେପ୍ ଯୋଗେ ପାଣି ଗାଁ ଭିତରକୁ ପଶିଛି। ଷୋଳମପୁର, ମାଳଦା ଓ ରହଣିଆ ପଞ୍ଚାୟତର କେତେକ ଅଞ୍ଚଳ ବନ୍ୟାପ୍ଲାବିତ ହୋଇଛି। ସେହିପରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରଠାରେ ଥିବା ମଲ୍ଲିମାହାରା, ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଯୋଗେ ବୈତରଣୀର ବନ୍ୟା ଜଳ ଜନବସତି ଭିତରକୁ ପ୍ରବେଶ କରିଛି। ସେହିପରି ଆଉ ଅଳ୍ପ ପାଣି ବଢ଼ିଲେ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ମଠମାହାରା ଓ କୋରକଦାର କନକେଇ ଏସକେପ୍ ଯୋଗେ ଗେଙ୍ଗୁଟି ନଦୀର ବନ୍ୟାଜଳ ଗାଁ ଭିତରକୁ ଆସିଯିବ।

ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପ୍ ଯୋଗେ ପାଣି ପଶିବାରୁ ଖଡ଼ିପଦା, କରଦା ଓ ସୋହଡ଼ା ପଞ୍ଚାୟତ ଜଳାର୍ଣ୍ଣବ ହୋଇଛି। ଏହାସହ ଶହ ଶହ ଏକର ଜମି ପାଣିରେ ବୁଡ଼ି ରହିଛି। ପନିପରିବା ଚାଷ ବି ପାଣିରେ ବୁଡ଼ିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ସେପଟେ ପଧାନି ପଞ୍ଚାୟତର ସଇଲୋରେ କୋଚିଲା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧସି ଯାଇଛି। ଜଳ ସମ୍ପଦ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକେ ବାଉଁଶ, ବାଲିବସ୍ତା, ଟିଣ ଚଦର ଓ କାଠ ବଲା ଦେଇ ବନ୍ଧକୁ ସୁରକ୍ଷା ଦେଇଛନ୍ତି। ଅର୍ଜୁନପୁର ଗାଁ ପାଖରେ କୋଚିଲା ନଦୀରୁ ବଡ଼ ଘଳିଆ ପଡ଼ିଥିଲା। ତେବେ ତାକୁ ବାଲିବସ୍ତ ପକାଇ ତୁରନ୍ତ ମରାମତି କରାଯାଇଛି।

ଅନ୍ୟ ପକ୍ଷରେ ବନ୍ୟା ପାଇଁ ଧାମନଗର ବ୍ଲକ ଓ ତହସିଲ ପ୍ରଶାସନ ତତ୍ପରତା ପ୍ରକାଶ କରି କାମ କରୁଛି। ଧାମନଗର ବିଡିଓ ବନବିହାରୀ ଦିନ୍ଦା ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ପାଣି ପଶିବା ଆଶଙ୍କା ଥିବା ଗାଁରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ତଥା ବିଦ୍ୟାଳୟ ଗୃହ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ଲାଗି ପରାମର୍ଶ ଦେଇଛନ୍ତି। ଲୋକମାନେ ଆଶ୍ରୟ ନେଇଥିବା କୋଠାଗୁଡ଼ିକରେ ପଞ୍ଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି।

ବନ୍ୟା ଯୋଗୁଁ ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତରେ ସ୍ଥିତି ସଂଗୀନ ହେବାରେ ଲାଗିଛି। (ପୃଷ୍ଠା ୭ରେ)

# ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀକୁ ଉଦ୍‌ଘାଟନ କଲେ ଅମିତ ଶାହ



ନୂଆଦିଲ୍ଲୀ, ୨୪।୮

ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ପ୍ରଥମ ନିର୍ବାଚିତ ଭାରତୀୟ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ପାଳନ ଅବସରରେ ଦିଲ୍ଲୀ ବିଧାନସଭାରେ ଆୟୋଜିତ ଦୁଇ ଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀକୁ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ଉଦଘାଟନ କରିଛନ୍ତି। ଏହି ଅବସରରେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ବିଧାନସଭାର ବାଚସ୍ପତି ଏବଂ ଉପବାଚସ୍ପତି ତଥା ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ଯୋଗ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହ ମନ୍ତ୍ରୀ ଦିଲ୍ଲୀ ବିଧାନସଭା ପରିସରରେ ବିଠଲଭାଇ ପଟେଲଙ୍କ ଜୀବନୀ ଉପରେ ଆୟୋଜିତ ଏକ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିଥିଲେ।

ଏହି ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି ଦେଶର ବିଧାନସଭା ଇତିହାସର ଆରମ୍ଭ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ଦିନ ମହାନ ସ୍ୱାଧୀନତା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱରରେ ଜବତ ହୋଇଥିବା ଓ ଅଯୋଗ୍ୟ ଗାଡ଼ିଗୁଡ଼ିକୁ ନଷ୍ଟ କରାଯିବ।
- ୨୦ କୋଟି ଟଙ୍କାର 'HUGE App' ଠକେଇ ଘଟଣାର ଅର୍ଥ ଅପରାଧ ବିଭାଗ ତଦନ୍ତ କରିବ।
- ବାଲେଶ୍ୱରରେ ନଦୀରେ ନୌକା ଓଲଟି ୩ଜଣ ଲୋକ ଗଛକୁ ଧରି ଜୀବନରକ୍ଷା କରିଥିଲେ।
- ଓଡ଼ିଶାରେ ପ୍ରଥମ କରି 'ଐରାବତ' ନାମରେ ଆଧୁନିକ ହାତୀ ପରିବହନ ଟ୍ରକ୍‌ର ଶୁଭାରମ୍ଭ।
- ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବତୀଙ୍କ ଆତ୍ମଦାହ ପ୍ରୟାସ।
- ଦେଶର ସବୁଠାରୁ ବଡ଼ ଗ୍ରାମୀଣ କ୍ରୀଡ଼ା ଉତ୍ସବ ପୁରୀରେ ଆରମ୍ଭ ହେବ। ୫ଟି ଜିଲ୍ଲାରୁ ୩୦୦୦ରୁ ଅଧିକ ଖେଳାଳି ଯୋଗଦେବେ।
- ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ।
- ଆରଟିଆଇ ମାମଲା ବନ୍ଦ କରିବାକୁ ଓଆଇସିର ଯୋଜନାକୁ ଉଚ୍ଚନ୍ୟାୟାଳୟର ସମର୍ଥନ
- ୨ଜଣ ମାଛ ଧରାଳିଙ୍କ ବୋଟ୍‌ର ଗୋଦାମ ଘରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ।
- ଭଦ୍ରକରେ କୁକୁର କାମୁଡ଼ାରେ ୩ ଶିଶୁ ସମେତ ୫ଜଣ ଗୁରୁତର।
- ପିପିଲିରେ ବାଘର ପାଦଚିହ୍ନ : ଗ୍ରାମବାସୀ ଭୟଭୀତ।
- ଜଗତସିଂହପୁର 'ସଖୀ କେନ୍ଦ୍ର'ରୁ ନାବାଳିକା ଅପହୃତ।

# ଭାରତରେ ନିର୍ମାଣ ହେବ ଯୁଦ୍ଧ ବିମାନ ଇଞ୍ଜିନ

ନୂଆଦିଲ୍ଲୀ, ୨୪।୮



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଘୋଷଣା କରିଛନ୍ତି ଯେ, ଭାରତ ପଞ୍ଚମ ପିଢ଼ିର ଲଢୁଆ ବିମାନ ପାଇଁ ଇଞ୍ଜିନ ନିର୍ମାଣ ପାଇଁ ଫରାସୀ କମ୍ପାନୀ ସାଫ୍ରାନ ସହିତ ମିଳିତ ହେବ। ଏହା ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଆଜି ଆମେ ପଞ୍ଚମ ପିଢ଼ିର ଲଢୁଆ ବିମାନ ନିର୍ମାଣ ଦିଗରେ ଆଉ ଏକ ପଦକ୍ଷେପ ନେଇଛୁ। ଆମେ ଏବେ ଫରାସୀ କମ୍ପାନୀ ସାଫ୍ରାନ ସହଯୋଗରେ ଭାରତରେ ସେମାନଙ୍କର ଇଞ୍ଜିନ ନିର୍ମାଣ କରିବା ଦିଗରେ ଅଗ୍ରସର ହେଉଛୁ।

ରାଜନାଥ ସିଂହ ଭାରତର ବର୍ଦ୍ଧିତ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି ଏବଂ ସେମାନଙ୍କୁ ସରକାରଙ୍କ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି। ସେ ବିଦେଶୀ କମ୍ପାନୀ ଏବଂ ନିବେଶକମାନଙ୍କୁ ଭାରତର ସକ୍ରିୟ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ନିବେଶ କରିବାକୁ ଆହ୍ୱାନ କରିଛନ୍ତି।

ସେ କହିଛନ୍ତି, ଆମେ ସମସ୍ତ ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବୁ ଏବଂ ସମର୍ଥନ ଦେବୁ। 'ମେକ୍ ଇନ୍ ଇଣ୍ଡିଆ' ପଛରେ ଥିବା ବ୍ୟାପକ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜନାଥ କହିଛନ୍ତି, ଆମର ମେକ୍ ଇନ୍ ଇଣ୍ଡିଆ (ପୃଷ୍ଠା ୭ରେ)

# ଆଗାମୀ ୬ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା : ୧୪ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ଆଗାମୀ ୬ ଦିନ ମଧ୍ୟରେ ଭୀଷଣରୁ ଅତି ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା)କୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୪ ଜିଲ୍ଲା( ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ବରଗଡ଼)କୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ବର୍ଷା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ ଗୋଟିଏରୁ ୨ଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସମୟରେ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ ।

ସେହିପରି ସୋମବାର ଭୀଷଣରୁ ଅତି ଭୀଷଣ ବର୍ଷା, ଝଡ଼ କିମ୍ବା (ପୃଷ୍ଠା ୭ରେ)

## ୨୬ରୁ ୨୮ ତାରିଖ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୬ରୁ ୨୮ ତାରିଖ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବ। ଏଣୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପାଗ ଖରାପ ରହିବା (ପୃଷ୍ଠା ୭ରେ)

# ହିମାଚଳରେ ମୌସୁମୀର ତାଣ୍ଡବ: ୨୯୮ ମୃତ

ଶିମଳା, ୨୪।୮



ହିମାଚଳ ପ୍ରଦେଶରେ ପ୍ରବଳ ମୌସୁମୀ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ ରାତିରୁ ବ୍ୟାପକ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୧ ଜାତୀୟ ରାଜପଥ ସମେତ ୪୦୦ ରାସ୍ତା ବନ୍ଦ ରହିଛି। ପାଣିପାଗ ବିଭାଗ ୨୭ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଏହା ପରେ, ୨୮ ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ପାଗ ଖରାପ ରହିବାର ସମ୍ଭାବନା ରହିଛି।

ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଅନୁଯାୟୀ, ରବିବାର ସକାଳ ପର୍ଯ୍ୟନ୍ତ ହିମାଚଳରେ ୧ ଜାତୀୟ ରାଜପଥ ଏବଂ ୪୦୦ ରାସ୍ତା ବନ୍ଦ ରହିଥିଲା। ଏଥିମଧ୍ୟରୁ କେବଳ ମଣ୍ଡି ଜିଲ୍ଲାରେ ୨୨୦ ଏବଂ କୁଲୁରେ ୧୦୧ ରାସ୍ତା ବନ୍ଦ ରହିଛି। ଚମ୍ବାରେ ୨୪ ଏବଂ କାଙ୍ଗଡ଼ାରେ ୨୧ ରାସ୍ତା ବନ୍ଦ ରହିଛି। ଏହା ବ୍ୟତୀତ, ରାଜ୍ୟବ୍ୟାପୀ ୨୦୮ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ୫୧ ପାନୀୟ ଜଳ ଯୋଜନା ପ୍ରଭାବିତ ହୋଇଛି। ମଣ୍ଡି ଜିଲ୍ଲାରେ ୧୩୪ ଟ୍ରାନ୍ସଫର୍ମର ଏବଂ ୩୬ ପାନୀୟ ଜଳ ଯୋଜନା ଅଚଳ ରହିଛି।

# କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଭୂମିକା ନିର୍ବାହ କରୁ : ରାଜ୍ୟପାଳ

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ଛାତ୍ରଛାତ୍ରୀ, କୃଷକ ମାନଙ୍କ ମଧ୍ୟରେ ତଥା ସମାଜରେ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଅଗ୍ରଣୀ ଭୂମିକା ନିଭାଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ରବିବାର ଦିନ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୬୪ ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍‌ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଓୟୁଏଟି କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏପରି ପ୍ରକଳ୍ପ ପ୍ରୋଫାଇଲ୍ ଛାତ୍ରଛାତ୍ରୀ ଏବଂ କୃଷକମାନଙ୍କୁ କୃଷି ଭିତ୍ତିକ ଉଦ୍ୟୋଗ ଗୁଡ଼ିକର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ ଏବଂ ସେମାନଙ୍କୁ ଏପରି ଉଦ୍ୟୋଗ ଗୁଡିକୁ ଆପଣାଇବା ନିମନ୍ତେ ଉତ୍ସାହିତ କରିବ ବୋଲି କହିଥିଲେ। ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପରିଦର୍ଶନ କରିଥିବା କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ନିଜର ଉପଲବ୍ଧି ଅବତାରଣା କରି ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମକୁ ପ୍ରଶଂସା କରିଥିଲେ। ତାଲିମ ନେବା ପରେ ଅଳ୍ପ କେତେଜଣ ଚାଷୀ ଔଦ୍ୟୋଗିକ କାର୍ଯ୍ୟକଳାପ କରୁଥିବା ପରିଲକ୍ଷିତ ହେଉଛି। ଯଦି ସମସ୍ତଙ୍କୁ ପ୍ରକଳ୍ପ ପ୍ରୋଫାଇଲ୍ ଦିଆଯାଇ ମାର୍ଗଦର୍ଶନ କରାଯାଏ ତାହେଲେ କୃଷି ଉଦ୍ୟୋଗ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ବୃଦ୍ଧି ପାଇବ ବୋଲି ରାଜ୍ୟପାଳ କହିଥିଲେ। ଓୟୁଏଟି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କୃଷିକୁ ଭାରତର ମେରୁଦଣ୍ଡ ଭାବେ ବର୍ଣ୍ଣନା କରିଥିଲେ। ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ ଏହା ଆମ ସଂସ୍କୃତି ର ଏକ ଅଂଶ ଏବଂ ଏହା ପରିବାର ସହିତ ଅର୍ଥନୀତିକୁ ପ୍ରତିପାଳନ କରେ ବୋଲି କହିଥିଲେ । ଓୟୁଏଟି ଭଳି ପ୍ରତିଷ୍ଠାନ ଗୁଡିକ ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ (ପୃଷ୍ଠା ୭ରେ)

# ସମନ୍ୱିତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀର ପ୍ରଥମ ସଫଳ ପରୀକ୍ଷଣ

ବାଲେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ସମନ୍ୱିତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀ (ଆଇଏଡିଡବ୍ଲୁଏସ)ର ପ୍ରଥମ ସଫଳ ପରୀକ୍ଷଣ ସମ୍ପନ୍ନ କରିଛି। ଓଡ଼ିଶା ଉପକୂଳରୁ ଏହି ପରୀକ୍ଷଣ କରାଯାଇଥିଲା। ଆଇଏଡିଡବ୍ଲୁଏସ ଏକ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯେଉଁଥିରେ ସମସ୍ତ ସ୍ୱଦେଶୀ ତ୍ୱରିତ ମୁକାବିଲା କ୍ଷମତା ସମ୍ପନ୍ନ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛି। ଏହାଛଡ଼ା ଏଥିରେ ଉନ୍ନତ ଅତି ସ୍ୱଳ୍ପ ଦୂରଗାମୀ ବାୟୁ (ପୃଷ୍ଠା ୭ରେ)

## ଏକାଳ ପଖାଳ




କ୍ରିକେଟକୁ ଭଲ ପାଉଥିବା
ଯେତେ ଅଛନ୍ତି ଲୋକ
ପୂଜାରାଙ୍କ ଅବସର କଥା
ଶୁଣି କରିଥାନ୍ତି ଦୁଃଖ
କ୍ରିକେଟ ଖେଳରେ ଥିଲେ ସେ ପୋକ
ପ୍ରକୃତ ଖେଳାଳୀ କାହାକୁ କହନ୍ତି
ସବୁ ପିଢି ଲୋକ ଦେଖ ।

# ଭାରତୀୟ ବାୟୁସେନାର କ୍ଷମତା ବୃଦ୍ଧି : ପାକିସ୍ତାନ ଛାନିଆ




ନୂଆଦିଲ୍ଲୀ, ୨୪।୮

ଭାରତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ସହିତ ୧୨୦ଟି ତେଜସ୍ ଏମକେ-୨ ଲଢୁଆ ବିମାନ କିଣିବା ପାଇଁ ଏକ ମେଗା ଡିଲ୍ କରିଛି। ଏହି ବିମାନଗୁଡ଼ିକୁ ସାମିଲ କରିବା ଦ୍ୱାରା ଭାରତୀୟ ବାୟୁସେନା (ଆଇଏଏଫ)ର କ୍ଷମତା ଅଧିକ ଶକ୍ତିଶାଳୀ ହେବ। ହାଲ୍ ସ୍ପଷ୍ଟ କରିଛି ଯେ, କମ୍ପାନି ପ୍ରତିବର୍ଷ ବାୟୁସେନାକୁ ୩୦ଟି ଲଢୁଆ ବିମାନ ହସ୍ତାନ୍ତର କରିବ, ଯାହା ଦ୍ୱାରା ପୁରୁଣା ମିଗ୍-୨୯, ମିରେଜ-୨୦୦୦ ଏବଂ ଜାଗୁଆର ବିମାନକୁ ସମୟ ଅନୁସାରେ ବଦଳାଯାଇପାରିବ। ଆକଳନ କରାଯାଉଛି ଯେ, ଭାରତୀୟ ବାୟୁସେନାର ଚୂଡ଼ାନ୍ତ ଅର୍ଡର ୨୦୦ରୁ ଅଧିକ ହୋଇପାରେ। ଏହି ପଦକ୍ଷେପକୁ ଭାରତର ସାମରିକ ଆଧୁନିକୀକରଣ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ପ୍ରମୁଖ ସଫଳତା ବୋଲି କୁହାଯାଉଛି।

ଭାରତୀୟ ବାୟୁସେନା ପ୍ରଥମେ ହାଲ୍‌ଠାରୁ ୧୨୦ଟି ତେଜସ୍ ଏମକେ-୨ ଅର୍ଡର କରିଛି। କିନ୍ତୁ ପୁରୁଣା ବିମାନ ସଂଖ୍ୟା ୨୩୦ ପାଖାପାଖି ରହିଛି। ତେଣୁ ଚୂଡ଼ାନ୍ତ ଅର୍ଡର ୨୦୦ରୁ ଅଧିକ ହୋଇପାରେ। ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ହାଲ୍ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଯୋଜନା କରୁଛି। ତେଜସ୍ ଏମକେ-୨ ହେଉଛି ଏକ ୪.୫ ପିଢ଼ିର ମଧ୍ୟମ (ପୃଷ୍ଠା ୭ରେ)

# ହୀରାକୁଦର ୧୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ହୀରାକୁଦ, ୨୪।୮

ନ୍ୟୁଜ୍ ବ୍ୟୁରୋ



ଉପରମୁଣ୍ଡରେ ବର୍ଷା ପରେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ବୃଦ୍ଧି ପାଇଛି। ତେଣୁ ରବିବାର ଦୁଇଟି ପର୍ଯ୍ୟାୟରେ ୧୨ଟି ଫାଟକ ଖୋଲାଯାଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଶନିବାର ରାତି ୯ଟାରେ ଜଳଭଣ୍ଡାରର ଜଳସ୍ତର ୬୧୮.୮୫ ଫୁଟ ଥିବାବେଳେ ରବିବାର ରାତି ୯ଟା ସୁଦ୍ଧା ଜଳସ୍ତର ୬୨୧.୩୩ ଫୁଟକୁ ପହଞ୍ଚିଥିଲା। ଲଘୁଚାପ ନେଇ ପାଣିପାଗ ବିଭାଗର ସତର୍କ ସୂଚନା ପରିପ୍ରେକ୍ଷୀରେ ଅତିରିକ୍ତ ଫାଟକ ଖୋଲାଯାଇପାରେ ବୋଲି ବନ୍ଧ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଛି। ଶନିବାର ସକାଳ ୮ଟାରୁ ସତର୍କ ଘଣ୍ଟି ବାଜିଲା ପରେ ପୂର୍ବାହ୍ନ ୧୦ ଟାରେ ୪ଟି ଫାଟକ ଏବଂ ଅପରାହ୍ନ ୪ଟା ୩୦ରେ ପୁଣି ଅତିରିକ୍ତ ୪ଟି ଫାଟକ ଖୋଲାଯାଇଥିଲା। (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୫ ସୋମବାର





# ରାଜ୍ୟର ୧୭, ୪୯୭ କଏଦୀଙ୍କୁ ଜଗିବ ଡ୍ରୋନ୍



**କଟକ, ନ୍ୟୁଜ ବ୍ୟୁରୋ**
ରାଜ୍ୟର ବିଭିନ୍ନ ଜେଲ୍‌ର କଏଦୀଙ୍କ ବିଶୃଙ୍ଖଳିତ ଆଚରଣ ଏବେ ଜେଲ୍ ବିଭାଗ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଜେଲ୍ ପାଚେରି ଦେଇ ନିଶା ସାମଗ୍ରୀ ଜେଲ୍ ଭିତରକୁ ଆସୁଛି । ଏହାକୁ ରୋକିବା ପାଇଁ ଜେଲ୍ ବିଭାଗ ଜେଲ୍ ପରିସରରେ ଡ୍ରୋନ୍ ଉଡ଼ାଇବାକୁ ନିଷ୍ପତ୍ତି ନେଇଛି । ପ୍ରଥମ ପର୍ଯ୍ୟାୟରେ ୫ଟି ଜେଲ୍‌ରେ ଡ୍ରୋନ୍ ଉଡ଼ାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜେଲ୍‌ରେ ଡ୍ରୋନ୍ ଉଡ଼ାଇବାକୁ ଲକ୍ଷ୍ୟ ରଖାଯାଇଛି । ସୂଚନା ଅନୁଯାୟୀ, ରାଜ୍ୟରେ ଏବେ ୧୭ ହଜାର ୪୯୭ କଏଦୀ ବିଭିନ୍ନ ଜେଲ୍‌ରେ ଅଛନ୍ତି । ଜେଲ୍ ଭିତରେ ଗଞ୍ଜେଇ, ବ୍ରାଉନ୍‌ସୁଗାର, ମୋବାଇଲ୍ ଚାଲାଣର ମୁଖ୍ୟ ମାଧ୍ୟମ ପାଲଟିଛି ଜେଲ୍ ପାଚେରି । କଏଦୀଙ୍କ ସହଯୋଗୀମାନେ ଜେଲ୍‌ର ଉଚ୍ଚା ପାଚେରି ଦେଇ ପୁଡ଼ିଆଗୁଡ଼ିକ ଜେଲ୍ ଭିତରକୁ ଫିଙ୍ଗୁଛନ୍ତି । ଏହାକୁ ରୋକିବା ଉଦ୍ଦେଶ୍ୟରେ କଟକରେ ଥିବା ଚୌଦ୍ୱାର ସର୍କଲ ଜେଲ୍, କୋରାପୁଟ ସର୍କଲ ଜେଲ୍, ସମ୍ବଲପୁର ସର୍କଲ ଜେଲ୍, ବ୍ରହ୍ମପୁର ସର୍କଲ ଜେଲ୍, ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ପ୍ରାଥମିକ ପର୍ଯ୍ୟାୟରେ ଡ୍ରୋନ୍ ଉଡ଼ାଇବାକୁ ନିଷ୍ପତ୍ତି ହୋଇଛି । ଏହି ଜେଲ୍‌ଗୁଡ଼ିକ ମୁଖ୍ୟତଃ ସମ୍ବେଦନଶୀଳ ହୋଇଥିବା ବେଳେ ଏଠି ହାଇପ୍ରୋଫାଇଲ୍ ଅପରାଧୀମାନେ କଏଦୀ ଭାବେ ରହୁଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ଏହି ପ୍ରମୁଖ ଜେଲ୍‌ରେ ଡ୍ରୋନ୍ ଉଡ଼ାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ଜେଲ୍‌ଗୁଡ଼ିକରେ ଡ୍ରୋନ୍ ଉଡ଼ାଯିବାକୁ ଯୋଜନା କରାଯାଉଛି । ଓଡ଼ିଶାର ଜେଲ୍‌ଗୁଡ଼ିକର ଆଧୁନିକୀକରଣ କରିବା ପାଇଁ ୭ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଉଛି । ଏହି ଅର୍ଥରାଶିରୁ ହିଁ ଡ୍ରୋନ୍ କିଣା ପାଇଁ ଖର୍ଚ୍ଚ କରାଯିବ । ଡ୍ରୋନ୍ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯିବ । ଏଥିରେ ୨୦ଟି ଡ୍ରୋନ୍ କିଣାଯିବ । ପ୍ରତି ଡ୍ରୋନ୍ ପିଛା ପ୍ରାୟ ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା କରାଯାଉଛି । ତତ୍କାଳୀନ ଜେଲ୍ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ସମୟରେ ଜେଲ୍‌ଗୁଡ଼ିକରେ ବାର୍ଡରଙ୍କୁ କ୍ୟାମେରା ପ୍ରଦାନ କରାଯାଇଥିଲା । ଏହାକୁ ସେମାନେ ସାର୍ଟରେ ଲଗାଉଥିଲେ । ଏମାନେ ଜେଲ୍‌ରେ ଚେକିଂ ସମୟରେ ଏହି ବଡି-ଓନ୍ କ୍ୟାମେରାରେ ଭିଡିଓ ରେକର୍ଡ ହୋଇପାରିବ । ଜେଲ୍ ବାହାରେ ଖୋଲା ଆକାଶକୁ ଏବେ ଡ୍ରୋନ୍ ଜଗିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜେଲ୍ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଗାଁଠୁ ସହର ସବୁଠି ବଢ଼ିଛି ତମାଖୁ ସେବନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ତମାଖୁ ସେବନ ବଢ଼ିବାରେ ଲାଗିଛି । ବିଶେଷ କରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ମାତ୍ରାରେ ଏହା ବ୍ୟବହାର କରାଯାଉଛି । ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆକ୍ସନ ପ୍ଲାନ ତିଆରି କରୁଛନ୍ତି । ତୃଣମୂଳ ସ୍ତରରୁ ତମାଖୁ ସେବନକୁ ନେଇ ସଚେତନତା ସୃଷ୍ଟି କରିବା ସହିତ ସ୍କୁଲରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ନେଇ ଛାତ୍ରଛାତ୍ରୀ ସଭିଏଁ ସାମିଲ ହୋଇଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳକୁ ଅଧିକ ଫୋକସ କରାଯାଉଛି । ଯେପରିକି ଗାଁ ଲୋକମାନେ ଓ ବିଶେଷ ଭାବରେ ସ୍କୁଲ ହତା ମଧ୍ୟରେ ବା ବାହାରେ କୌଣସି ନିଶାଦ୍ରବ୍ୟ ବିକ୍ରି ସେବନ ନିଶିଦ୍ଧ ହେବ ସେନେଇ ଧ୍ୟାନ ଦିଆଯାଉଛି । କୋଟପା ଆଇନ ଅନୁଯାୟୀ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଥିବା ବେଳେ ଏହାକୁ ସଫଳ କରିବା ପାଇଁ ଆହୁରି ସମୟ ଲାଗିବ । ଏଥିପାଇଁ ସଚେତନତା ଆବଶ୍ୟକ । ଟବାକୋ ବା ବିଡି ସିଗାରେଟର ବ୍ୟବହାରକୁ ନେଇ ଓଡ଼ିଶାର ଗ୍ରାମାଞ୍ଚଳରେ ବେଶ ସତର୍କତା ଅବଲମ୍ବନ କରାଯାଉଛି । ଏନେଇ ଗ୍ରାମାଞ୍ଚଳରେ ସରପଞ୍ଚମାନଙ୍କୁ ତାଲିମ ଦିଆଯାଉଛି । ୨ ବର୍ଷରେ ପାଖାପାଖି ୫ ହଜାରରୁ ଅଧିକ ସରପଞ୍ଚଙ୍କୁ ତାଲିମ ଦିଆଯାଇଛି । ସେମାନେ କିଭଳି ଭାବରେ ପ୍ରତି ଗାଁକୁ ଯାଇ ନିଶା ସେବନ ନ କରିବାକୁ ସଚେତନତା ସୃଷ୍ଟି କରିବେ ସେନେଇ ଏକ ଆକ୍ସନ ପ୍ଲାନ ତିଆରି କରାଯାଉଛି । ଗ୍ରାମାଞ୍ଚଳରେ ଥିବା ସ୍କୁଲ ଓ କଲେଜରେ ଟବାକୋ ମୁକ୍ତ ଅଭିଯାନ ଚାଲିଛି । ଏନେଇ ୪-୫ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳଗୁଡ଼ିକୁ ଟବାକୋ ମୁକ୍ତ ଅଞ୍ଚଳ କରାଯିବାର ଲକ୍ଷ୍ୟ ରହିଛି । ଏହା ସହିତ ଯେଉଁମାନେ ସେବନ କରୁଛନ୍ତି ତାଙ୍କର କାଉନସ୍ଲିଂ ମଧ୍ୟ କରାଯିବ । ରାଜ୍ୟ ସରକାର ଏହି ବ୍ୟାଧିକୁ ଦୂର କରିବା ପାଇଁ ନୂଆ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ବିଭିନ୍ନ ସ୍କୁଲରେ ଏକ ସ୍ୱତନ୍ତ୍ର ଆପ୍ଲିକେସନର ବ୍ୟବହାର କରାଯାଉଛି । ବିଶେଷ କରି ୭ଟି ଜିଲ୍ଲାରେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବରେ ଆରମ୍ଭ କରାଯାଉଛି । ଏଥିରେ ପିଲା ଓ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିଜର ମତାମତ ଦେବେ । ସ୍କୁଲରେ ନିଶାଦ୍ରବ୍ୟ ବ୍ୟବହାର ବର୍ଜନ କରିବା ସହିତ ସ୍ୱଚ୍ଛ ପରିବେଶ ଗଠନ ନେଇ କେତେ ଏହି ପ୍ରକ୍ରିୟା କେତେ ଫଳପ୍ରଦ ସେନେଇ ନିଜର ମତାମତ ଦେବେ । ଏହି ପ୍ରକଳ୍ପଟି ଗଞ୍ଜାମ, ସୁନ୍ଦରଗଡ, କେନ୍ଦୁଝର, କଟକ, ଖୋର୍ଦ୍ଧା, ବଲାଙ୍ଗୀର, ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଛି । ଆସନ୍ତା ୫ ବର୍ଷ ମଧ୍ୟରେ ୧୫ ହଜାର ସ୍କୁଲ ଏହି ପ୍ରକଳ୍ପରେ ସାମିଲ ହେବେ । ଟବାକୋ ଫ୍ରି ଭିଲେଜ ଯୋଜନା ୨୦୨୨-୨୩ ମସିହାରେ ଓଡିଶାରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହାକୁ ଭାରତ ସରକାର ମଧ୍ୟ ଆରମ୍ଭ କରିଛନ୍ତି । ଗ୍ରାମାଞ୍ଚଳରେ ଅଧିକ ଖର୍ଚ୍ଚ:ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି, 'ଗ୍ରାମାଞ୍ଚଳରେ ସଚେତନତା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ଗତ ବର୍ଷ ପଖାପାଖି ୭୦ ପ୍ରତିଶତ ଖର୍ଚ୍ଚ ହୋଇଛି । ରାଜ୍ୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ଏହା ସହିତ ଲୋକଙ୍କ ଚିକିତ୍ସା ପାଇଁ ମଧ୍ୟ ଖର୍ଚ୍ଚ କରାଯାଉଛି । ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି ରିଲିଜ୍ ଅନୁଯାୟୀ , ଗତ ଦଶନ୍ଧି ରିପୋର୍ଟରେ ତମାଖୁ ଏବଂ ମଦ୍ୟପାନ ଉପରେ ମୁଣ୍ଡପିଛା ଖର୍ଚ୍ଚ ଉପରେ ଆଲୋଚନା କରାଯାଇଛି । ଗତ ଦଶନ୍ଧି ମଧ୍ୟରେ ମଦ୍ୟପାନ ଉପରେ ବିଶେଷ ଭାବରେ ତମାଖୁ, ତମାଖୁ ଦ୍ରବ୍ୟ ଏବଂ ମଦ୍ୟପାନୀୟ ପାନୀୟ ଉପରେ ଘରୋଇ ବ୍ୟବହାର ଖର୍ଚ୍ଚ ଭାରତରେ ଜନସ୍ୱାସ୍ଥ୍ୟ ପାଇଁ ଗୁରୁତର ଚିନ୍ତା ସୃଷ୍ଟି କରୁଛି ।

# ଆଲୋକୀକରଣ ବ୍ୟବସ୍ଥା ଠପ୍: କାମ କରୁନି ୯୦ ପ୍ରତିଶତ ବଲ୍‌ବ



**ନୟାଗଡ, ନ୍ୟୁଜ ବ୍ୟୁରୋ**
ସହରାଞ୍ଚଳ ଭଳି ଗ୍ରାମାଞ୍ଚଳକୁ ଆଲୋକୀକରଣ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ପାଇଁ ପରିକଳ୍ପନା କରାଗଲା । ଏଥିପାଇଁ ପ୍ରତି ପଞ୍ଚାୟତରୁ ଲକ୍ଷଲକ୍ଷ ଟଙ୍କା ବିନିଯୋଗ ହେଲା । ଲାଇଟ୍ ସଂଯୋଗ ପରେ ଏହାର ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଧାରିତ ସମୟ ଅବଧି ରହିଥିବା କୁହାଗଲା । ଏନେଇ ପ୍ରତି ପଞ୍ଚାୟତରେ ୪୦ଟି ଲେଖାଏଁ ଲାଇଟ୍ ସଂଯୋଗ କରାଯିବା ସହ ଲକ୍ଷଲକ୍ଷ ଟଙ୍କା ପୈଠ କରାଗଲା । ପ୍ରତି ୬ ମାସରେ ଏବାବଦକୁ ବିଦ୍ୟୁତ୍ ବିତରଣ ସଂସ୍ଥା ମଧ୍ୟ ପଞ୍ଚାୟତଗୁଡ଼ିକରୁ ବିଲ୍ ଆଦାୟ କରୁଛି । ମାତ୍ର ଏବେ ପଞ୍ଚାୟତଗୁଡ଼ିକରେ ଆଉ ଜଳୁନି ବଲ୍‌ବ । ଏଥିପାଇଁ ପ୍ରତି ପଞ୍ଚାୟତରୁ ବିଲ୍ ପୈଠ ହୋଇ ସାରିଥିବା ବେଳେ ଏବେ ଏସବୁ ଲାଇଟ୍‌ର ରକ୍ଷଣାବେକ୍ଷଣ ବା ମରାମତି ପ୍ରତି ଦିଆଯାଉନି ଗୁରୁତ୍ୱ । ଫଳରେ ଏବେ ପଞ୍ଚାୟତଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇ ପଡ଼ିଥିବା ଅନେକ ସରପଞ୍ଚ ଅଭିଯୋଗ ଆଣିଛନ୍ତି । ବିଶେଷକରି ଦେଖିବାକୁ ଗଲେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଆଲୋକୀକରଣ କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଥିବା ବେଳେ ଏସବୁ ଷ୍ଟ୍ରିଟ୍ ଲାଇଟ୍ ୨୦୧୮/୧୯ ମସିହାରୁ ଲାଗିବା କଥା । ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଏସବୁ ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ହୋଇଥିବା ବେଳେ ପ୍ରାୟ ୨ ବର୍ଷ ହେବ ଦଶପଲ୍ଲା ବ୍ଲକ୍‌ରେ ଏହାକୁ ସଂଯୋଗ କରାଯାଇଛି । ପ୍ରତି ପଞ୍ଚାୟତରେ ୪୦ଟି ଲାଇଟ୍ ହିସାବରେ ୨୦ଟି ଗ୍ରାମ ପଞ୍ଚାୟତରେ ପ୍ରାୟ ୮ ଶହ ଲାଇଟ୍ ସଂଯୋଗ ହୋଇଛି । ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରୁ ପ୍ରାୟ ୩ ଲକ୍ଷ ଟଙ୍କା ପୈଠ ହୋଇଥିବା ସରପଞ୍ଚମାନେ କହିଛନ୍ତି । ଏସବୁ ଲାଇଟ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଠିକାସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ କରିବା ପାଇଁ କୁହାଯାଇଥିଲା । ହେଲେ ଲାଇଟ୍ ସଂଯୋଗକୁ କିଛିଦିନ ବିତି ନଥିବା ବେଳେ ଗୋଟିଏ ପରେ ଗୋଟିଏ ବଲ୍‌ବ ଅଚଳ ହେବାରେ ଲାଗିଛି । ଯାହାକି ବର୍ତ୍ତମାନ କେଉଁଠି ୫୦ ପ୍ରତିଶତ ତ ପୁଣି କେଉଁଠି ୯୦ ପ୍ରତିଶତ ବଲ୍‌ବ ଆଉ କାମରେ ଆସୁନି । ଏସମ୍ପର୍କରେ ପୂର୍ବରୁ ସରପଞ୍ଚମାନେ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ଆଣିଥିଲେ । ଠିକାସଂସ୍ଥା ଆସି ନାମକୁ ମାତ୍ର କିଛି ସ୍ଥାନରେ ମରାମତି କରି ଯାଇଛି ଯେ ଯାଇଛି । ହେଲେ ଏବେ ଏସବୁ ଆଲୋକୀକରଣ ବ୍ୟବସ୍ଥା ପ୍ରତି କାହାରି ଆନ୍ତରିକତା ପ୍ରକାଶ ପାଉନଥିବା ସରପଞ୍ଚମାନେ ଅଭିଯୋଗ ଆଣିଛନ୍ତି । ଯାହାକି ଶିମିଳିସାହି ପଞ୍ଚାୟତ ସମେତ ଟାକରା, ବାଣିଗୋଛା, ଡିହଗାଁ, କୁଲୁରୁକୁମ୍ପା ଆଦି ପଞ୍ଚାୟତରେ ସମାନ ଅବସ୍ଥା ଥିବା ଅଭିଯୋଗ ହେଉଛି । ଠିକାସଂସ୍ଥା ଲକ୍ଷଲକ୍ଷ ଟଙ୍କା ନେଇ ଛୁ ମାରିଥିବା ବେଳେ ଏବେ ସରପଞ୍ଚମାନେ ପ୍ରମାଦ ଗଣୁଛନ୍ତି । ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ରାୟଗଡ଼ାରେ କମୁଛି ମିଲେଟ ଚାଷ ହେଲେ ବଢୁଛି ଉତ୍ପାଦନ

## ସନ୍ଦେହରେ କୃଷି ବିଭାଗର ତଥ୍ୟ, ତଦନ୍ତ ଦାବି



**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**
ଶ୍ରୀ ଅନ୍ନ ଅଭିଯାନର ଦ୍ୱିତୀୟ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ହୋଇଛି ରାୟଗଡ଼ା ଜିଲ୍ଲା । ସରକାର ଏହାର ପ୍ରଚାରପ୍ରସାର କରୁଛନ୍ତି । ଏହି ପ୍ରଦର୍ଶନକୁ ନେଇ ବିଭାଗୀୟ ଅଧିକାରୀମାନେ ବେଶ୍ ଉତ୍ସାହିତ ଅଛନ୍ତି । ଅଥଚ ଜିଲ୍ଲାରେ ମିଲେଟ୍ ଚାଷ କମୁଥିବାବେଳେ ଉତ୍ପାଦନ ବଢୁଥିବାରୁ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଯାଇ କୃଷିମନ୍ତ୍ରୀ ଦେଇଥିବା ତଥ୍ୟ ଆହୁରି ଅଧିକ ସନ୍ଦେହ ଘେରକୁ ଟାଣି ନେଉଛି । କେତେ ବର୍ଷ ଚାଷର ପରିମାଣ ବଢ଼ିଥିବା ବେଳେ ଉତ୍ପାଦନ କମ୍ ଏବଂ ଆଉ କେତେକ ବର୍ଷ ଚାଷ ପରିମାଣ କମିଲେ ବି ରେକର୍ଡ ସୃଷ୍ଟି କଲା ଭଳି ଉତ୍ପାଦନ ହୋଇଛି । କୃଷକ ମହଲରେ ଏଭଳି ତଥ୍ୟର ବିଶ୍ୱସନିୟତା ନେଇ ଅନେକ ସନ୍ଦେହ ଉପୁଜିଛି । ତେଣୁ ବିଭାଗୀୟ କାର୍ଯ୍ୟଶୈଳୀର ତଦନ୍ତ ହେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । କୃଷିମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ୨୦୧୭ ମସିହାରୁ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହୋଇଥିଲା ଶ୍ରୀ ଅନ୍ନ ଅଭିଯାନ(ମିଲେଟ ମିଶନ) । ସେହିବର୍ଷ ଜିଲ୍ଲାରେ ମିଲେଟ୍ ଚାଷ ୩୫୧.୪ ହେକ୍ଟରରୁ ବଢ଼ି ୧୦ ହଜାର ୯୭୮ ହେକ୍ଟର ହୋଇଥିଲା । ଉତ୍ପାଦନ ୩୦୪୬.୬ କ୍ୱିଣ୍ଟାଲରୁ ୧ ଲକ୍ଷ ୧୪ ହଜାର ୭୨୨ କ୍ୱିଣ୍ଟାଲ ରହିଥିଲା । ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଉଭୟ ଚାଷ ଜମି ଓ ଉତ୍ପାଦନ କ୍ରମବର୍ଦ୍ଧିଷ୍ଣୁ ଭାବେ ସ୍ଥିର ରହିଥିଲା । ୨୦୨୨-୨୩ ପରଠାରୁ ସ୍ଥିତି ବିଗିଡିବାରେ ଲାଗିଲା । ୨୦୨୧-୨୨ରେ ୧୦ ହଜାର ୯୭୮.୧ ହେକ୍ଟରରେ ଚାଷ କରାଯାଇଥିଲା । ସେଥିରୁ ୧ ଲକ୍ଷ ୧୪ ହଜାର ୭୨୨.୨ କ୍ୱିଣ୍ଟାଲ ଉତ୍ପାଦନ ହୋଇଥିଲା । ଏହି ସମୟରେ ଉକ୍ତ ଅଭିଯାନ ସଫଳତା ଶିଖର ଛୁଇଁଥିଲା । ୨୦୨୨-୨୩ ରେ କମି ୬୭୪୧.୮ ହେକ୍ଟର ଜମିରେ ଚାଷ ହୋଇଥିଲା । ୮୬ ହଜାର ୨୯୫ କ୍ୱିଣ୍ଟାଲ ଉତ୍ପାଦନ ହୋଇଥିଲା । ୨୦୨୩-୨୪ ରେ ଚାଷ ଜମିର ପରିମାଣ ୯୦୨୯.୮ ହେକ୍ଟର ବଢ଼ିଥିବା ବେଳେ କେବଳ ୫୯ ହଜାର ୮୬୭.୬ କ୍ୱିଣ୍ଟାଲ୍ ଫସଲ ଅମଳ ହୋଇଥିଲା । ଯାହାକି ପୂର୍ବବର୍ଷ ଗୁଡିକ ଅପେକ୍ଷା ଉତ୍ପାଦନସ୍ତରରେ ବେଶ ହ୍ରାସ ଘଟିଥିବା ଦେଖିବାକୁ ମିଳଛି । ୨୦୨୪-୨୫ ବର୍ଷରେ ୯୧୮୪.୭ ହେକ୍ଟର ଜମିରେ ଚାଷ କରାଯାଇଥିଲା । ତଥାପି ୧ ଲକ୍ଷ ୧୭ ହଜାର ୧୯୬.୧ କ୍ୱିଣ୍ଟାଲ ଉତ୍ପାଦନ ହୋଇଥିଲା । ତେଣୁ ମନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ତଥ୍ୟ ଅନେକ ସନ୍ଦେହ ସୃଷ୍ଟି କରୁଛି । ୨୦୨୪-୨୫ ରେ କମ ପରିମାଣ ଜମିରେ ଚାଷ ହୋଇଥିବା ବେଳେ କିପରି ରେକର୍ଡ ଉତ୍ପାଦନ ସମ୍ଭବ ହୋଇପାରିଲା । ୨୦୨୩-୨୪ ରେ ଚାଷ ଜମିର ପରିମାଣ ବୃଦ୍ଧି ସତ୍ତ୍ୱେ ଉତ୍ପାଦନ କାହିଁକି ଧୀମେଇଗଲା ତାହା ତଦନ୍ତ ସାପେକ୍ଷ । ଯୋଜନାର ସଫଳ ରୂପାୟନ ଏବଂ ମିଛ ପ୍ରଶଂସା ସାଉଁଟିବା ପାଇଁ ଚାଷ ବଦଳରେ ବାହାର ରାଜ୍ୟରୁ ଆମଦାନୀ କରାଯାଉଛି । ଉତ୍ପାଦନ ସଂଖ୍ୟାକୁ ପରିବର୍ତ୍ତନ କରାଯାଉଥିବା କୃଷକ ନେତାମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାର କେତେକ ବ୍ଲକ୍‌ରେ ନିୟୋଜିତ ଥିବା ଘରୋଇ ସଂସ୍ଥା ଏବଂ ଏସ୍‌ଏଚ୍‌ଜି ବାହାର ରାଜ୍ୟରୁ ମାଣ୍ଡିଆ କିଣି କାଗଜ କଲମରେ ଚାଷ ଓ ଉତ୍ପାଦନକୁ ସୀମିତ ରଖିବାରେ ସକ୍ରିୟ ଥିବା ଅଭିଯୋଗ ହେଉଛି । ମିଲେଟ୍ ଚାଷ ପାଇଁ ଏଠିକା ପରିବେଶ ଓ ଜଳବାୟୁ ବେଶ ଅନୁକୂଳ । ଅଞ୍ଚଳରେ କୃଷି ପରମ୍ପରାର ପୁନରୁଦ୍ଧାର, କୃଷକମାନଙ୍କ ପାଇଁ ଉପଯୁକ୍ତ ବଜାର ସୃଷ୍ଟି, ପରମ୍ପରାଗତ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ତଥା ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଶ୍ରୀ ଅନ୍ନ ଅଭିଯାନର ଉଦ୍ଦେଶ୍ୟ । କିନ୍ତୁ ବାସ୍ତବ ଚିତ୍ର କିନ୍ତୁ ଅଲଗା । ଜିଲ୍ଲାରେ ମିଲେଟ ମିଶନ କାର୍ଯ୍ୟକାରିତା ତଥା ସଫଳତାକୁ ନେଇ ସମୀକ୍ଷା କରାଯିବା ପାଇଁ ଦାବି ହୋଇଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସେଖ୍ ହସନ୍ କହିଛନ୍ତି, କ୍ଷେତ୍ରରେ ଥିବା କର୍ମଚାରୀ ଯେଉଁ ରିପୋର୍ଟ ଦେଉଛନ୍ତି ତାହା ସରକାରଙ୍କୁ ଜଣାଇ ଦିଆଯାଉଛି । ସେଥିରେ କୌଣସି ତ୍ରୁଟି ନାହିଁ । ପାଣିପାଗ ଅନୁସାରେ ଓ ଉନ୍ନତ କୃଷି ପ୍ରଣାଳୀ ଯୋଗୁଁ ଉତ୍ପାଦନ ବଢ଼ିଥାଏ ।

# ଧରାପଡିଲେ ଯୌନ କେଳେଙ୍କାରୀ ବାବା

**ଢେଙ୍କାନାଳ,ନ୍ୟୁଜ ବ୍ୟୁରୋ**
ଧରାପଡ଼ିଲେ ଯୌନ କେଳେଙ୍କାରୀ ବାବା । ଚର୍ଚ୍ଚାରେ ଢେଙ୍କାନାଳ ଜିଲ୍ଲା ମଠକରଗୋଳା ସ୍ଥିତ ମୁରଲୀ ମନହୋର ନାମ ମଠ । ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଢେଙ୍କାନାଳର ବାବା ମଧୁମଙ୍ଗଳ ଦାସ ଗିରଫ ହୋଇଛନ୍ତି । ପୀଡ଼ିତାଙ୍କ ଅଭିଯୋଗ ପରେ ବାବା ଫେରାର୍ ଥିଲେ । ମାତ୍ର ମଠକରଗୋଳା ଗ୍ରାମବାସୀ ବାବାଙ୍କୁ କାବୁ କରି କାମାକ୍ଷାନଗର ପୁଲିସର ଜିମା ଦେଇଛନ୍ତି । ସୂଚନାନୁଯାୟୀ, କାମକ୍ଷାନଗର ପୁଲିସ ବାବା ମଧୁମଙ୍ଗଳ ଦାସଙ୍କ ଗୋବିନ୍ଦ ଭୋଜନାଳୟ ନାମକ ଏକ ହୋଟେଲ ଓ ମଠକରଗୋଳା ଗ୍ରାମରେ ଥିବା ବବର ମଠ ଉପରେ ଚଢ଼ଉ ଜାରି ରଖିଛି । ଫରେନସିକ୍ ଟିମ୍ ସହିତ ପୁଲିସ ମଠରେ ପହଞ୍ଚି ଛାନଭିନ୍ ଚଳାଇଛି । ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ ବାବାଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଥାଉକି, ବାବା ମଧୁମଙ୍ଗଳ ଦାସ ଜଣେ ବିବାହିତା ମହିଳାଙ୍କୁ ଠାକୁରଙ୍କ ନୀତିକାନ୍ତି କରିବା ଆଳରେ ମଠରେ ରଖି ତାଙ୍କ ସହ ଜୋର ଜବରଦସ୍ତ ଯୌନ ସମ୍ପର୍କ ରଖିଥିଲେ । ମହିଳା ଜଣଙ୍କ ପ୍ରତିବାଦ କରିବାରୁ ବାବା ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ତେବେ ବାବାର ମଠରୁ ପୀଡ଼ିତା ଜଣଙ୍କ ଖସି ଆସି ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବାରୁ କାମାକ୍ଷାନଗର ପୁଲିସ ମହିଳାଙ୍କୁ ଉଦ୍ଧାର କରିଥିଲା । ମହିଳାଙ୍କ ଅଭିଯୋଗ ମୁତାବକ କାମାକ୍ଷାନଗର ପୁଲିସ ବାବା ମଧୁ ମଙ୍ଗଳ ଦାସଙ୍କୁ ଗିରଫ କରି ଛାନଭିନ୍ ଚଳାଇଛି ।

# ଗତ ୧୦ ବର୍ଷରେ ପୁରୀ ବେଳାଭୂମି ନେଲାଣି ୬୭ ମୁଣ୍ଡ

**ପୁରୀ, ନ୍ୟୁଜ ବ୍ୟୁରୋ**
ଅସୁରକ୍ଷିତ ହୋଇପଡିଛି ପୁରୀରେ ସମୁଦ୍ର ସ୍ନାନ । ସମୁଦ୍ରରେ ସ୍ନାନ ବେଳେ ବୁଡ଼ି ଅନେକ ପର୍ଯ୍ୟଟକଙ୍କ ଅକାଳରେ ଜୀବନ ଚାଲିଯାଉଛି । ଦୁର୍ଭାଗ୍ୟର ବିଷୟ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୁରୀ ପ୍ରଶାସନ ପଦକ୍ଷେପ ନେଉଥିଲେ ମଧ୍ୟ ମହୋଦଧିରେ ସ୍ନାନ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଚାରି ଧାମ ମଧ୍ୟରୁ ଜଗନ୍ନାଥ ଧାମ ଅନ୍ୟତମ । ସାରା ଦେଶରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀକୁ ଆସିଥାନ୍ତି । ଜଗନ୍ନାଥ ଦର୍ଶନ ସହ ସମୁଦ୍ରରେ ସ୍ନାନ କରି ଏକ ନିଆରା ଅନୁଭୂତି ନେଇ ଶ୍ରୀକ୍ଷେତ୍ରରୁ ଫେରିଥାନ୍ତି । କେବଳ ଓଡ଼ିଶା କିମ୍ବା ବିଭିନ୍ନ ରାଜ୍ୟରୁ ନୁହେଁ, ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ପୁରୀର ଆଧ୍ୟାତ୍ମିକ ପର୍ଯ୍ୟଟନ ପ୍ରତି ଆକର୍ଷିତ ହୋଇ ଆସିଥାନ୍ତି । ପୁରୀର ସୁନ୍ଦର ବେଳାଭୂମିରେ ବୁଲାବୁଲି କରିବା ସହ ସମୁଦ୍ର ସ୍ନାନ କରିବାର ମଜା ନେଇଥାନ୍ତି । ହେଲେ ସଚେତନତାର ଅଭାବ ଓ ପ୍ରଶାସନିକ ସୁରକ୍ଷାରେ ଢିଲା ଅଭିଯୋଗ ପାଇଁ ଅନେକ ସମୟରେ ସମୁଦ୍ର ସ୍ନାନ ବେଳେ ସମୁଦ୍ରରେ ବୁଡ଼ିଯାଇ ଅନେକ ପର୍ଯ୍ୟଟକ ମୃତ୍ୟୁବରଣ କରୁଛନ୍ତି । ଏହି ସମସ୍ୟାକୁ ନେଇ ବୁଦ୍ଧିଜୀବୀ ଉଦବେଗ ପ୍ରକାଶ କରିଛନ୍ତି । ପୁରୀ ଜିଲ୍ଲା ଅଗ୍ନିଶମ ବିଭାଗ ତଥ୍ୟ ଅନୁଯାୟୀ, ଗତ ୧୦ ବର୍ଷରେ ମୋଟ ୬୭ ଜଣ ପର୍ଯ୍ୟଟକ ପୁରୀ ସମୁଦ୍ରରେ ସ୍ନାନ ବେଳେ ବୁଡି ଯାଇ ପ୍ରାଣ ହରାଇଛନ୍ତି । ୨୦୧୫- ୧୧ ଜଣ, ୨୦୧୬- ୧୨ ଜଣ, ୨୦୧୭- ୭ ଜଣ, ୨୦୧୮- ୮ ଜଣ, ୨୦୧୯- ୪ ଜଣ, ୨୦୨୦- ୨ ଜଣ, ୨୦୨୧- ଜଣେ, ୨୦୨୨- ୬ ଜଣ, ୨୦୨୩- ୬ ଜଣ, ୨୦୨୪- ୬ ଜଣ, ୨୦୨୫ ଅଗଷ୍ଟ ମାସ ୧୫ ତାରିଖ ସୁଦ୍ଧା- ୪ ଜଣ । ସେହିପରି ଅଗ୍ନିଶମ ବିଭାଗର ତଥ୍ୟ କହୁଛି ଯେ, ଗତ ୪ ବର୍ଷ ମଧ୍ୟରେ ୧୧୫୯ ଜଣଙ୍କୁ ପୁରୀ ସମୁଦ୍ରରେ ବୁଡି ଯାଉଥିବା ବେଳେ ସେମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଇଛି । ମୁଖ୍ୟତଃ ସମୁଦ୍ର ବେଳାଭୂମିରେ ମୁତୟନ ହୋଇଥିବା ଲାଇଫ ଗାର୍ଡଙ୍କ ଯୋଗୁଁ ଅନେକ ନିରୀହ ପର୍ଯ୍ୟଟକଙ୍କ ଜୀବନ ରକ୍ଷା ହୋଇ ପାରୁଛି । ପୁରୀ ବେଳାଭୂମିର ପରିସର ଯଥେଷ୍ଟ ବୃଦ୍ଧି ପାଇଛି । ପେଣ୍ଟକଟାଠାରୁ ଷ୍ଟରଲିନ ଛକ ଯାଏଁ ୮ କିଲୋମିଟର ଯାଏଁ ପରିବ୍ୟାପ୍ତ ପୁରୀ ବେଳାଭୂମି । ଏହାକୁ ୧୬ଟି ସେକ୍ଟରରେ ବିଭକ୍ତ କରାଯାଇ ଅଗ୍ନିଶମ ବାହିନୀର ୯୭ ଜଣ ଲାଇଫ ଗାର୍ଡ ମୁତୟନ କରାଯାଇଛି । ଲାଇଫ ଗାର୍ଡମାନେ ବେଳାଭୂମିରେ ଉପସ୍ଥିତ ରହି ଅଧିକ ସମୁଦ୍ର ଭିତରକୁ ନଯିବାକୁ ଲୋକଙ୍କୁ ପରାମର୍ଶ ଦେଇଥାନ୍ତି । ଅଧିକ ଜୁଆର ଆସିବା ସମୟରେ ସମୁଦ୍ରରେ ପ୍ରବେଶ ନ କରିବା ପାଇଁ ପର୍ଯ୍ୟଟକଙ୍କୁ ବାରଣ କରିଥାନ୍ତି । ସମୁଦ୍ରରେ ବୁଡି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥାନ୍ତି । ବୁଡ଼ି ଯାଉଥିବା ଲୋକଙ୍କୁ ଉଦ୍ଧାର ପାଇଁ ଆଧୁନିକ ଉପକରଣ ତଥା ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉନଥିବାର ଅଭିଯୋଗ ହୋଇ ଆସୁଛି । ପୁରୀ ବେଳାଭୂମିର ପରିସର ବୃଦ୍ଧି ପାଇଥିବା ବେଳେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ହେଲେ ମାତ୍ର ୯୭ ଜଣ ଲାଇଫ ଗାର୍ଡ ଥିବାରୁ ସବୁ ସ୍ଥାନରେ ଲାଇଫ ଗାର୍ଡ ମୁତୟନ ହୋଇ ପାରୁନାହାନ୍ତି । ପୁରୀ ବେଳାଭୂମିର ଲାଇଟ୍ ହାଉସଠାରୁ ଷ୍ଟରଲିନ ଛକ ଯାଏଁ ଥିବା ବେଳାଭୂମିରେ ଗୋଟିଏ ହେଲେ ବି ସରକାରୀ ଲାଇଫ ଗାର୍ଡ ମୁତୟନ କରାଯାଇନାହିଁ । କେବଳ କିଛି ଘରୋଇ ଲାଇଫ ଗାର୍ଡଙ୍କୁ ସେଠାରେ ମୁତୟନ କରିଛି ପୁରୀ ଜିଲ୍ଲା ପ୍ରଶାସନ । ଫଳରେ ବେଳାଭୂମିର ଅନେକ ସ୍ଥାନରେ ଲାଇଫ ଗାର୍ଡ ମୁତୟନ ନଥିବାରୁ ସମୁଦ୍ର ସ୍ନାନ ବେଳେ ଅସାବଧାନତାରୁ ଅନେକ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ହେଉଛି ।

# ଜୋର ଧରୁଛି ଭୁବନେଶ୍ୱର କ୍ୟାମ୍ପସ ରାଜନୀତି: ପତିଆରା ଜମାଉଛନ୍ତି ସଙ୍ଗଠନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଛାତ୍ର ସଂସଦ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗିରହିଛି । ଶିକ୍ଷାବର୍ଷ ଆରମ୍ଭରୁ ରାଜ୍ୟର ଗୋଟିଏ ପରେ ଗୋଟିଏ କ୍ୟାମ୍ପସରେ ଛାତ୍ରୀ ଆତ୍ମାହୁତି, ଛାତ୍ର ଅଶାନ୍ତି, ଗଣ୍ଡଗୋଳ, ନିର୍ଯାତନା ପରି ଘଟଣା ସଙ୍ଗଠିତ ହେଉଥିବାରୁ ଛାତ୍ର ସଙ୍ଗଠନଗୁଡ଼ିକ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି । ତିନିଟି ଯାକ ଛାମୁଆ ଛାତ୍ର ସଙ୍ଗଠନ ଦୋଛକି ମଧ୍ୟରେ ଭୁବନେଶ୍ୱରରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ପତିଆରା ଜାହିର କରୁଛନ୍ତି । ନିର୍ବାଚନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଷ୍ଟ ଚିତ୍ର ସାମ୍ନାକୁ ଆସିପାରୁ ନ ଥିବାରୁ ଅର୍ଥ ଖର୍ଚ୍ଚ କରିବାକୁ କୌଣସି ସଙ୍ଗଠନ ସେତେଟା ଆଗଭର ହେଉନାହାନ୍ତି । ତଥାପି ୧୫ ଦିନ ହେଲା ଭୁବନେଶ୍ୱରରେ ଛାତ୍ର ରାଜନୀତି ଉଷ୍ମ ହୋଇଛି । ବିଜୁ ଛାତ୍ର ଜନତା ଦଳ ଟିକିଏ ଆଗୁଆ ରହିଛି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଅଭିଯୋଗ ଆଣି ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଜେବି, ମହର୍ଷି, ରାଜଧାନୀ ମହାବିଦ୍ୟାଳୟ କ୍ୟାମ୍ପସରେ ବିଜେଡିର ଛାତ୍ରନେତାମାନେ ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ଆନ୍ଦୋଳନ କରିଛନ୍ତି । ଅଗଷ୍ଟ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଥାନା ଓ ଡିସିପିଙ୍କୁ ଭେଟି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅଗଷ୍ଟ ୮ରୁ ୧୪ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଖୋଲା ଚିଠି ଲେଖିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଭାଗ ଭାଗ ହୋଇଥିବା ବିଜୁ ଛାତ୍ର ଜନତା ଦଳର ଛାତ୍ରନେତା ଏକାଠି ହେବାର ଦୃଶ୍ୟ ନିଆରା ବାର୍ତ୍ତା ଦେଇଛି । ଡିସିପିଙ୍କୁ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯିବା ସମୟରେ ଛାତ୍ରନେତାମାନେ ଏକାଠି ହୋଇଥିଲେ । ଅନୁରୂପ ଭାବେ ବିଜେବି, ମହର୍ଷି ମହାବିଦ୍ୟାଳୟର ନେତାମାନେ ଏକାଠି ହେଉଥିବା ଦେଖିବାକୁ ମିଳିଥିଲା । ଏବିଭିପି ଧୀରେ ଧୀରେ କ୍ୟାମ୍ପସରେ ସଙ୍ଗଠନକୁ ମଜଭୁତ କରିବାରେ ଲାଗିପଡ଼ିଛି । ସଙ୍ଗଠନର ସଦସ୍ୟମାନେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଲଗାତାର ଭାବେ ପତିଆରା ବଢ଼ାଇବାକୁ ଚେଷ୍ଟା ଜାରି ରଖିଛନ୍ତି । ବିଜେବି, ମହର୍ଷି, ରାଜଧାନୀ, କମଳା ନେହରୁ ମହିଳା ମହାବିଦ୍ୟାଳୟରେ ଏବିଭିପି ମଧ୍ୟ କିଛିଟା ପ୍ରଭାବ ପକାଇଥିବା ଦେଖିବାକୁ ମିଳିଛି । ତେବେ ବିଜେପି ଯୁବମୋର୍ଚ୍ଚା ମଧ୍ୟ କ୍ୟାମ୍ପସରେ ନିଜର ସଙ୍ଗଠନକୁ ମଜଭୁତ କରୁଛି । ଉତ୍କଳ ବିଶ୍ୱବିଦ୍ୟାଳୟରେ ସଙ୍ଗଠନ ମଜଭୁତ କରିବାରେ ସକ୍ଷମ ହୋଇଛି । ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ସମସ୍ୟା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘେରିବାରେ ବିଜେପି ଯୁବମୋର୍ଚ୍ଚା ସଦସ୍ୟମାନେ ଆଗଧାଡ଼ିରେ ରହିଛନ୍ତି । ତିନି ଦିନ ତଳେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ଉପସ୍ଥିତିରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବା କ୍ୟାମ୍ପସ ରାଜନୀତି ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଏହାକୁ ନେଇ ଛାତ୍ର ବିଜେଡିର ସଦସ୍ୟମାନେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ବିଜେପିକୁ ଟାର୍ଗେଟ୍ କରିଛନ୍ତି ।

# ଓଡ଼ିଶାରେ ହେଲାଣି ୨ ହଜାର କିଡ୍‌ନୀ ପ୍ରତିରୋପଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଅଙ୍ଗ ଦାନ ହେଉଛି ଜୀବନ ଦାନ । କିଛି ବର୍ଷ ଭିତରେ ଓଡ଼ିଶାରେ ଏହି ମହାନ କାର୍ଯ୍ୟ ଲାଗି ଲୋକଙ୍କ ଭିତରେ ସଚେତନତା ବଢ଼ିଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୫୦ଟି କାଡାଭର କିଡ୍‌ନୀ ପ୍ରତିରୋପଣ କରାଯାଇଛି । ସେହିପରି ରାଜ୍ୟରେ ସଫଳତାର ସହ ୯ଟି କାଡାଭର ଯକୃତ (ଲିଭର) ପ୍ରତିରୋପଣ ହୋଇଛି । ଉଭୟ କାଡାଭର ଓ ଜୀବନ୍ତ ମଣିଷଙ୍କ କିଡ୍‌ନୀ ଦାନରେ ଏଯାବତ୍ ରାଜ୍ୟରେ ପ୍ରାୟ ୨ ହଜାର ପ୍ରତିରୋପଣ କରାଯାଇଛି । ପରିବାରର ସମ୍ମତିକ୍ରମେ ଓଡ଼ିଶାରୁ ୬ଟି ଯକୃତ ବାହାର ରାଜ୍ୟକୁ ପଠାଯାଇଛି । ଯେଉଁଥିରେ ୫ ଜଣ ଶିଶୁ ଅଙ୍ଗଦାତା ରହିଛନ୍ତି । ଏଥିସହ ୨ଟି ଫୁସଫୁସ୍ (ଲଙ୍ଗ୍‌ସ) ଏବଂ ଗୋଟିଏ ହୃତ୍‌ପିଣ୍ଡ (ହାର୍ଟ) ବାହାର ରାଜ୍ୟକୁ ପ୍ରତିରୋପଣ ଲାଗି ପଠାଯାଇଛି । ଜୀବନ୍ତ ମଣିଷର ଅଙ୍ଗଦାନ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୧୫ଟି ଲିଭର ପ୍ରତିରୋପଣ ହୋଇଛି । ଅଙ୍ଗଦାନ କ୍ଷେତ୍ରରେ ଏଭଳି ଅଗ୍ରଗତି ପଛରେ ରାଜ୍ୟ ଅଙ୍ଗ ଓ ଟିସୁ ଟ୍ରାନ୍ସପ୍ଲାଣ୍ଟ ସଂଗଠନ (ସୋଟୋ ବା ଏସଏସଟିଟିଓ)ର ମୁଖ୍ୟ ଭୂମିକା ରହିଛି । ବହୁମୂଲ୍ୟ ଜୀବନ ବଞ୍ଚାଇବା ଲାଗି ରାଜ୍ୟରେ ଅଙ୍ଗ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଙ୍ଗଦାନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରାଯାଉଛି । ଅଙ୍ଗଦାନକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗଦାନକାରୀଙ୍କୁ 'ସୂରଜ ପୁରସ୍କାର'ରେ ସମ୍ମାନିତ କରାଯିବା ସହ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଉଛି । 'ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫' ଉପଲକ୍ଷେ ୨୪ ଜଣ କାଡାଭର ଅଙ୍ଗଦାତାଙ୍କ ପରିବାରକୁ ସୂରଜ ସମ୍ମାନ ପ୍ରଦାନ କରାଯାଇଛି ।



ଏହା ପୂର୍ବରୁ ୨୦ ଜଣ ଏଭଳି ଅଙ୍ଗଦାତା ପରିବାରକୁ ଏହି ପୁରସ୍କାର ଦିଆଯାଇଥିଲା । ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ସୂରଜ ବେହେରାଙ୍କ ସ୍ମୃତିରେ ରାଜ୍ୟ ସରକାର ଏହି ପୁରସ୍କାର ପ୍ରତିଷ୍ଠା କରିଥିଲେ । ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ସୂରଜଙ୍କ ବ୍ରେନ୍ ଡେଡ୍ ହୋଇଯାଇଥିଲା । ତାଙ୍କ ପରିବାରର ନିଷ୍ପତ୍ତିକ୍ରମେ ସୂରଜଙ୍କ ହୃତ୍‌ପିଣ୍ଡ, ଲିଭର, କିଡ୍‌ନୀ, ଚକ୍ଷୁ ୬ ଜଣଙ୍କୁ ନୂଆ ଜୀବନ ଦେଇଥିଲା । ଅଙ୍ଗଦାନ ଓ ପ୍ରତିରୋପଣକୁ ସଫଳ କରିବା ଦିଗରେ ପୋଲିସ ବିଭାଗର ମଧ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଅଙ୍ଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରୋଗୀଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ । ଓଡ଼ିଶା ପୋଲିସ ଏହି କ୍ଷେତ୍ରରେ 'ଗ୍ରୀନ କରିଡର' ସୃଷ୍ଟି କରି ଅଙ୍ଗଗୁଡ଼ିକୁ ଦ୍ରୁତ ଗତିରେ ହସ୍ପିଟାଲ ପର୍ଯ୍ୟନ୍ତ ପରିବହନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏଥି ସହିତ ପୋଲିସ ଅଧିକାରୀମାନେ ଅଙ୍ଗଦାନ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ତଥାପି ଅଙ୍ଗଦାନ ସମ୍ପର୍କରେ ଆହୁରି ସଚେତନତା ଆବଶ୍ୟକ । କାରଣ ଆବଶ୍ୟକତା ଅନୁଯାୟୀ ଦାତା ମିଳୁନାହାନ୍ତି । ପଞ୍ଜୀକରଣ ହେଉଛି ସତ କିନ୍ତୁ ଅଙ୍ଗଦାନ ସମ୍ପର୍କିତ ମିଥ୍ୟା ଧାରଣା ଓ ଭୟ ଯୋଗୁ ଏହାକୁ ଗ୍ରହଣ କରିବାକୁ ଲୋକଙ୍କ ମଧ୍ୟରେ ଦ୍ୱିଧାବୋଧ ରହୁଛି । ଏଣୁ ଅଙ୍ଗଦାନକୁ ଆହୁରି ପ୍ରୋତ୍ସାହନ ଦେବା ଲାଗି ସମାଜ ଓ ସରକାରଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୫ ରବିବାର





# ଏଆଇ କ୍ୟାମେରା ଦ୍ୱାରା ପୁଣି ଶିକାରୀ ଗିରଫ

## ଦେଶୀ ବନ୍ଧୁକ ସମେତ ଗୋଳା ବାରୁଦ ଜବତ

**ବାରିପଦା, ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ଜଣେ ଶିକାରୀ ଧରା ପଡିଛନ୍ତି । ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱାର୍କ (ଏସଡବ୍ଲୁଆଇଏନ) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି । ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି । ସେ ହେଲେ ଉଦଳା ଥାନା ଅନ୍ତର୍ଗତ ବଡ଼ଖମଣ ଗ୍ରାମର ବଳିଆ ସିଂ(୩୨) । ତାଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ଗୋଳା ବାରୁଦ ସାମଗ୍ରୀ ଜବତ କରାଯାଇଛି । ଶିକାରୀ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା । ଯାହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ କର୍ମଚାରୀ ମାନେ ମିଳିତ ଭାବେ ଶିକାରୀଙ୍କ ଘରେ ଚଢ଼ାଉ କରି ଗିରଫ କରାଯାଇଥିଲା । ସେ ଦେଶୀ ବନ୍ଧୁକ, ଗନ ପାଉଡର, ସାଇକେଲ ବଲ, ଆଇରନ ବଲ ପରି ଅନେକ ସାମଗ୍ରୀ ସ୍ଥାନୀୟ ସରପଞ୍ଚ ଉପସ୍ଥିତିରେ ବନ ବିଭାଗକୁ ଆତ୍ମ ସମର୍ପଣ କରିଛନ୍ତି । ବନ ବିଭାଗ ପକ୍ଷରୁ ମାମଲା ରୁଜୁ ତଦନ୍ତ ଜାରି ଥିବା ବେଳେ ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ନଦେବା ଘଟଣା

# ୫୬ଟି ବିଦ୍ୟାଳୟଙ୍କୁ କାରଣ ଦର୍ଶାଅ ନୋଟିସ କଲେ ଜିଲ୍ଲାଶିକ୍ଷା ଅଧିକାରୀ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ଦିବସ ରେ ଛାତ୍ର ଛାତ୍ରୀ ଙ୍କୁ ମଧ୍ୟାହ୍ନ ଭୋଜନ ନ ଦେବା ମହଙ୍ଗା ପଡିଲା । ଜିଲ୍ଲା ଶିକ୍ଷାଅଧିକାରୀ ବୌଦ୍ଧଜିଲ୍ଲାର ୫୬ଟି ସ୍କୁଲକୁ କାରଣ ଦର୍ଶାଅ ନୋଟିସ । ବୌଦ୍ଧ ଶିକ୍ଷା ବିଭାଗର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ କୋକୁଆ ଭୟ ଦେଖିବାକୁ ମିଳିଛି । ଏକାବେଳେ ୫୬ଟି ବିଦ୍ୟାଳୟକୁ ଜାରିହେଲା କାରଣ ଦର୍ଶାଓ ନୋଟିସ । ଜିଲ୍ଲାର ତିନୋଟି ବ୍ଲକର ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କୁ ନୋଟିସ ଜାରି କଲେ ଜିଲ୍ଲା ଶିକ୍ଷାଅଧିକାରୀ । ବୌଦ୍ଧ ବ୍ଲକର ୧୫ଟି ଓ କଣ୍ଟାମାଳ ବ୍ଲକର ୮ଟି, ହରଭଙ୍ଗା ବ୍ଲକର ୩୩ଟି ସ୍କୁଲକୁ ଜାରି ହୋଇଛି ନୋଟିସ । ସାତ ଦିନ ମଧ୍ୟରେ ଏସ୍‌ଏମ୍‌ସି କମିଟି ଆଗରେ ଅଗଷ୍ଟ ୧୫ତାରିଖର ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ଦେବା ସହ ପ୍ରମାଣ ସ୍ୱରୂପ ଫୋଟୋ ଭିଡିଓ ସହ ଉତ୍ତର ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ମୁତାବକ ଅବଜର୍ଭେଶନ ଡେ ରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ଶିକ୍ଷାବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିଲା । ସ୍ୱାଧୀନତା ଦିବସ ପୂର୍ବଦିନ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନୋଡାଲ ଅଫିସର ଚିଠି କରିଥିଲେ । ସ୍ୱାଧୀନତା ଦିବସରେ ସ୍କୁଲରେ ରନ୍ଧା ହେବ ମଧ୍ୟାହ୍ନ ଭୋଜନ । କିନ୍ତୁ ହରଭଙ୍ଗା, ବୌଦ୍ଧ ଓ କଣ୍ଟାମାଳ ବ୍ଲକ ର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆ ନଯାଇଥିବା ନେଇ ଗଣ ମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା ଏହାର । ଖବର ପ୍ରସାରଣ ପରେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲା ର ତିନିଗୋଟି ବ୍ଲକ ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ରିପୋଟ ମାଗିଥିଲେ । ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବୌଦ୍ଧ ଜିଲ୍ଲାର ୩ଟି ବ୍ଲକର ୫୬ଟି ସ୍କୁଲକୁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ । ୭ଦିନ ମଧ୍ୟରେ ସ୍କୁଲ ଗୁଡିକ ଉତ୍ତର ରଖିବା ସହ ଏସ୍‌ଏମ୍‌ସି କମିଟି ଆଗରେ ୧୫ତାରିଖର ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ସହ ଫୋଟୋ ଭିଡିଓ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି । ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ସୂଚନା ଦେଇଛନ୍ତି ।

# ସୁବାସ ଗଣ୍ଡ ହେଲେ ବ୍ଲକ ବିଜେଡି ସଭାପତି

**ରାଇଘର, ନ୍ୟୁଜ ବ୍ୟୁରୋ**



ରାଇଘର ବ୍ଲକର ବିଜୁ ଜନତା ଦଳ ସଭାପତି ଭାବେ ମନୋନୀତ ହୋଇଛନ୍ତି । ୨୬ଟି ପଞ୍ଚାୟତର ବିଜେଡି କର୍ମୀ ଏବଂ ଆଗ ଧାଡ଼ିର ନେତା ଏକତ୍ରିତ ହୋଇଥିଲେ । ବୈଠକ ରେ ସର୍ବ ସମ୍ମତି କ୍ରମେ କର୍ମୀମାନେ ପୂର୍ବତନ ବିଧାୟକଙ୍କୁ ସଭାପତି ରୁପେ ବାଛିବା ପରେ ଜିଲ୍ଲା ରିଟର୍ଣ୍ଣିଙ୍ଗ ଅଫିସର ସଚି ନନ୍ଦନ ସ୍ୱାଇଁଙ୍କୁ ଜଣାଇଥିଲେ । ଶ୍ରୀ ସ୍ୱାଇଁ ବିଧିବଦ୍ଧଭାବେ ତାଙ୍କୁ ରାଇଘର ବ୍ଲକ ସଭାପତି ଭାବେ ନାମ ଘୋଷଣା କରିଛନ୍ତି । ଏହାକୁ ନେଇ ଶ୍ରୀ ଗଣ୍ଡ ଆସନ୍ତା ଦିନରେ ଦଳର ସଂଗଠନକୁ ମଜବୁତ କରିବା ସହ କର୍ମୀମାନଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ଦୂର କରି ସଂଗଠନ ପ୍ରତି ସଜାଗ ରହି ଅଞ୍ଚଳର ସମସ୍ୟାକୁ ବିରୋଧୀ ଦଳର କାମ ହିସାବରେ ସରକାରଙ୍କୁ ଜଣାଇ ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ ।

# କୃଷିଭିତ୍ତିକ ପର୍ବ ପୁରାଉଆଁସ ମହାସମାରୋହରେ ପାଳିତ

**ବରଗଡ, ନ୍ୟୁଜ ବ୍ୟୁରୋ**

ହିନ୍ଦୁ ଶାସ୍ତ୍ର ପୁରାଣରେ 'ଅମାବାସ୍ୟା' ଅତି ପବିତ୍ର ଅଟେ । ପ୍ରତିମାସରେ ଗୋଟିଏ ଲେଖାଏଁ ବାରଟି ଅମାବାସ୍ୟା ପଡିଥାଏ । ପ୍ରତ୍ୟେକ ଅମାବାସ୍ୟାରେ ସ୍ୱତନ୍ତ୍ର ଭାବେ ପର୍ବ ବା ଉତ୍ସବ ମାନ ଅନୁଷ୍ଠିତ ହୋଇଥାଏ । ପୂରା ଉଆଁସ ପଶ୍ଚିମ ଓଡ଼ିଶା ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବଟି ଭାଦ୍ରବ ମାସର ଅମାବାସ୍ୟା ଦିନ ପାଳନ କରାଯାଏ । ଏହି ସମୟରେ କୃଷିକ୍ଷେତ୍ରଗୁଡିକ ସବୁଜ ଶସ୍ୟରେ ସୁଶୋଭିତ ହୋଇ ଉଠିଥାଏ । ବନ୍ଧ, କଟା, ବିଲବାଡି ଆଦି ପାଣିରେ ପୂରି ଉଠିଥାଏ । ଚାଷୀମାନଙ୍କ ହୃଦୟକୁ ଆଗାମୀ ଦିନର ଶସ୍ୟପୂର୍ଣ୍ଣ ସ୍ୱପ୍ନ ବିଭୋର କରିଦିଏ । ସେଥିପାଇଁ ଆମର ପୂର୍ବଜମାନେ ଏହି ଦିନକୁ ପୂରା ଉଆଁସ ପର୍ବ ହିସାବରେ ପାଳନ କରି ଆସୁଛନ୍ତି । ପୂରା ଉଆଁସ



ଦିନ କୃଷକ ବିଲରେ କାମ କରେ ନାହିଁ । ସେଦିନ ସେ ସକାଳ ଓଳି ଗାଇ ବଳଦଙ୍କ ପାଇଁ ପ୍ରଚୁର ଘାସ ପୁଆଳ ଯୋଗାଡ କରେ । ଗୁହାଳକୁ ସଫାସୁତରା କରି ସଜାଡେ । ସକାଳୁ ଦେବାଦେବିଙ୍କୁ ଆରାଧନା କରି ଗାଇ ବଳଦକୁ ପୂଜା କରି ସିଂଘରେ ରାଖି ବାନ୍ଧନ୍ତି । ଉପରଓଳି ଘରର କିଶୋରୀମାନେ ପୂରାବଳଦ ଟାଣି ଟାଣି ଗାଁ ଦାଣ୍ଡକୁ ଯାଆନ୍ତି । ପୂରା ବଳଦ, ମାଟିରେ ତିଆରି ଏକ ବଳଦର ମୂର୍ତ୍ତି । ଏଥିଲେ ଚକ ଲଗାଇ ଛୋଟ ରଥ ପରି ନିର୍ମାଣ କରାଯାଏ । ପୂରା ଉଆଁସ ଦିନ ସକାଳ ଏହି ପୂରା ବଳଦ ଗାଇକୁ ସଜା ଯାଏ । ପୂରା ବଳଦର ଶିଙ୍ଘରେ କାଇଁଶ ଫୁଲ ଓ ରାଖି ବନ୍ଧାଯାଏ । ବର୍ତ୍ତମାନ ଏହି ପୁରା ଉଆଁସ ପରମ୍ପରା ଲୋପ ପାଇବାକୁ ବସୁଥିବା ବେଳେ ବରଗଡ ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ଗହଣରେ ପଶ୍ଚିମ ଓଡିଶାର କୃଷି ଭିତ୍ତିକ ପର୍ବ ମହା ଆଡମ୍ବର ସହକାରେ ପାଳିତ ହୋଇଅଛି । ସ୍କୁଲ ପରିସରରେ ପୁଜାର୍ଚ୍ଚନା କରି ପାରମ୍ପରିକ ବାଦ୍ୟରେ ବରଗଡ ସହର ପରିକ୍ରମା କରାଯାଇ ବରଗଡ ଟାଉନ ଥାନା କୁ ପହଞ୍ଚି ଥିଲା । ଟାଉନ ଥାନାରେ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆ ସମସ୍ତ ପୂରା ବଳଦ ମାନଙ୍କୁ ପୂଜା କରିଥିଲେ ଏବଂ ବିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମିଷ୍ଟାନ୍ନ ବଣ୍ଟନ କରି ଆପ୍ୟାୟିତ କରିଥିଲେ । ଏହି ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ପୌରାଧକ୍ଷ କଳ୍ପନା ମାଝି, ମାମି ମିଶ୍ର, ନନ୍ଦୀଘୋଷ ମହାପାତ୍ର, ଭକ୍ତ ଚରଣ ଦାଶ, ପ୍ରମୁଖ ଯୋଗଦାନ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ତ୍ରୟ କିଶୋର ଚନ୍ଦ୍ର ସାହୁ, ଅଭୟ କୁମାର ପ୍ରଧାନ ଓ ନେପାଳ ଦୁଆନ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏଥିରେ ସାମିଲ ହୋଇଥିଲେ ।

# ମହାନଦୀରୁ ୧୨ଫୁଟର ଅଜଗର ଉଦ୍ଧାର

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର-ଧବଳେଶ୍ୱର ମହାନଦୀ କୂଳ ରାସ୍ତାର ଚଷାପଡା ନିକଟରେ ମହାନଦୀରୁ ମାଛ ଜାଲରେ ପଡ଼ିଥିବା ଏକ ଅଜଗର ସାପ ଉଦ୍ଧାର ହୋଇଛି । ସାପଟିର ଲମ୍ବ ୧୦ ଫୁଟରୁ ୧୨ଫୁଟ ହେବା ଅନୁମାନ କରାଯାଉଛି । ଉଦ୍ଧାର ପରେ ସାପଟିକୁ ଚୌଦ୍ୱାର ବନବିଭାଗ କର୍ମଚାରୀଙ୍କଦ୍ୱାରା ଡମଣୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନବିଭାଗ ତରଫରୁ ସୂଚନା ଦିଆଯାଇଛି । ପ୍ରକାଶ ଯେ ଚଷାପଡ଼ା ଗ୍ରାମର ରାକ୍ଷସ ବେହେରା ମହାନଦୀର ଚଷାପଡା ଘାଟରେ ମାଛ ମାରିବା ପାଇଁ ଜାଲ ପକାଇ ଦେଇ ଘରକୁ ପଳାଇ ଆସିଥିଲେ । ଜାଲ ଉଠାଇବାରୁ ସେଥିରେ ଏକ ଅଜଗର ସାପ ପଡ଼ିଥିବା ଦେଖିବାକୁ ପାଇଥିଲେ । ଗ୍ରାମବାସୀଙ୍କ ଠାରୁ ଖବରପାଇ ଚୌଦ୍ୱାର ବନପାଳ ଭଗବାନ ଚନ୍ଦ୍ର ପଲେଇ ଓ ବନକର୍ମଚାରୀ ଘଟଣାସ୍ଥାଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ ।ସାପଟିକୁ ଦେଖିବାପାଇଁ ନଦୀ ଘଟରେ ଲୋକଙ୍କ ଭିଡ଼ ଲାଗିଥିଲା ।



# ମାହାଙ୍ଗା ଜେ ଏନ କଲେଜ ଛାତ୍ରୀ ଆକ୍ରମଣ : ୪ ଦିନ ପରେ ବନ୍ଧାହେଲେ ୨ ଅଭିଯୁକ୍ତ

**ସାଲେପୁର, ନ୍ୟୁଜ**

ମାହାଙ୍ଗା ଥାନା ମୂଳବସନ୍ତ ଗ୍ରାମର ଜନୈକା କଲେଜ ଛାତ୍ରୀକୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ଉଠାଇ ଆଣିଛି ପୋଲିସ । ଗତ ୧୯ ତାରିଖ ସକାଳ ସାଢେ ଏଗାର ଟା ସମୟରେ କଲ୍ୟାଣପୁର ଗ୍ରାମ ନିକଟ କେନାଲ ବନ୍ଧ ଉପରେ ୨ ଜଣ ଅଜଣା ବାଇକ ଆରୋହୀ ଜେ ଏନ କଲେଜକୁ ଯାଉଥିବା ଶୁଭସ୍ମିତା ସାହୁଙ୍କୁ ଏକ ଧାରୁଆ ଛୁରୀ ଦ୍ୱାରା ଆକ୍ରମଣ ପରେ ସାହସିକତାର ସହିତ ଛାତ୍ରୀ ଜଣକ ସେମାନଙ୍କ ମୁକାବିଲା କରିଥିଲା । ତେବେ ଅଭିଯୁକ୍ତ ମାନେ ଘଟଣା ସ୍ଥଳୀରୁ ବାଇକ ଧରି ଫେରାର ହୋଇଯାଇଥିଲେ । ଆହତ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଅପରାଧୀଙ୍କୁ ଗିରଫ ପାଇଁ ବିଭିନ୍ନ ରାଜନୈତିକ ଦଳ ପୋଲିସ ଉପରେ ଲଗାତର ଚାପ ପକାଇଆସୁଥିଲେ । ତେବେ ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ



ଏବଂ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ତତ୍ପରତା ଯୋଗୁଁ ମାହାଙ୍ଗା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ପରେ ଶେଷରେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗାଁରୁ ଏହି ୨ ଜଣ ଅସାମାଜିକ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲା । ଅଭିଯୁକ୍ତ ସୁନାକର ନାୟକ ଏବଂ ଚନ୍ଦନ ନାୟକଙ୍କୁ ପୋଲିସ ଗିରଫ କରିଛି । ଛାତ୍ରୀଙ୍କୁ ଆକ୍ରମଣ ବେଳେ ବ୍ୟବହୃତ ଛୁରୀ, ଅଭିଯୁକ୍ତ ଘଟଣା ସ୍ଥଳୀରେ ଛାଡି ଆସିଥିବା ବଳା ଏବଂ ସେମାନେ ବ୍ୟବହାର କରିଥିବା ଏକ ବାଇକକୁ ମଧ୍ୟ ଜବତ କରିଛି ମାହାଙ୍ଗା ପୋଲିସ । ତେବେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ପୀଡିତ ପରିବାର ପକ୍ଷରୁ ଦୋଷୀଙ୍କ ବିରୁଦ୍ଧରେ କଠୋର ଦଣ୍ଡ ମିଳୁ ବୋଲି ଦାବି ହୋଇଛି ।

### ବୁଲା କୁକୁର ସ୍ଥାନାନ୍ତର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସେପ୍ଟେମ୍ବରରୁ ବ୍ରହ୍ମପୁରରେ ଏବିସି କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଆଶ୍ରୟସ୍ଥଳକୁ ବୁଲା କୁକୁର ସ୍ଥାନାନ୍ତର ମାମଲାରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ହୋଇଥିବା ବୁଲାକୁକୁରଙ୍କୁ ଉଠାଇ ଆଣିଥିବା ସ୍ଥାନରେ ଛାଡ଼ି ଦିଆଯିବ । ପ୍ରଥମେ ବନ୍ଧ୍ୟାକରଣ ହୋଇଥିବା ବୁଲା କୁକୁରଙ୍କୁ ଛଡ଼ାଯିବ ଏବଂ ଅନ୍ୟମାନଙ୍କୁ ବନ୍ଧ୍ୟାକରଣ କରିବା ପରେ ଛାଡ଼ିଦେବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି । ଏଥି ସହ ସୁପ୍ରିମ୍‌କୋର୍ଟ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । ବୁଲା କୁକୁରଙ୍କୁ ଏଣେତେଣେ ଖାଇବାକୁ ନ ଦେଇ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଖାଇବା ସ୍ଥାନ ଚୟନ କରିବାକୁ କହିଛନ୍ତି । ସୁପ୍ରିମ୍‌କୋର୍ଟ ଏବିସି କାର୍ଯ୍ୟକ୍ରମକୁ ବିଶେଷ ଗୁରୁତ୍ୱ ଦେଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମରେ



ଏହାର କାର୍ଯ୍ୟକାରିତା ବିଳମ୍ବ ହେବାରେ ଲାଗିଛି । ତେବେ ବିଏମ୍‌ସିରେ ଏବିସି ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସୂଚନା ଦେଇଛନ୍ତି ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା । ସେ କହିଛନ୍ତି ଏବିସି କାର୍ଯ୍ୟକାରୀ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଗୁରୁତ୍ୱାରୋପ କରିଛି । ଏଜେନ୍ସି ଚୟନ କରି ସେପ୍ଟେମ୍ବରରୁ ସହରରେ ଏବିସି କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରହିଛି । ମନୋନୀତ ଏଜେନ୍ସି କୁକୁରଙ୍କ ବନ୍ଧ୍ୟାକରଣ ଅପରେସନ୍, ପୋଷ୍ଟ ଅପରେସନ୍ କେୟାର ଉଭୟ ପରିଚାଳନା କରିବ । ବିଇଏମ୍‌ସି ଏବଂ ପ୍ରାଣୀ ସମ୍ପଦ ବିଭାଗ ଏ ଦିଗରେ ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସହରରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ଯୋଗୁଁ ବିଇଏମ୍‌ସି ଓ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ମିଳିତ ପ୍ରୟାସରେ ଏବିସି କାର୍ଯ୍ୟକ୍ରମ ଆରମ୍ଭ ପାଇଁ ୨୦୨୧ରେ ନିଷ୍ପତି ହୋଇଥିଲା । ନିଷ୍ପତ୍ତି ଅନୁସାରେ ବିଇଏମ୍‌ସି ଏହି କାର୍ଯ୍ୟକ୍ରମର ମୁଖ୍ୟ ରହିଥିବା ବେଳେ ପ୍ରାଣୀ ଚିକିତ୍ସା ବିଭାଗ ସହଯୋଗୀ ପାର୍ଟନର ରହିଥିଲା । ବୁଲା କୁକୁର ଧରିବା ପାଇଁ କ୍ୟାଚର, କର୍ମଚାରୀ, ବୋହି ନେବା ପାଇଁ ଗାଡ଼ି, ଅସ୍ତ୍ରୋପଚାର ପରବର୍ତ୍ତୀ ରହଣି ପାଇଁ ଖାଦ୍ୟ ଓ ସେବା ପାଇଁ ସହାୟକ କର୍ମଚାରୀ ଆଦି ସମସ୍ତ କାର୍ଯ୍ୟ ବିଇଏମ୍‌ସିର ଦାୟିତ୍ୱ ଥିଲା । ପ୍ରାଣୀ ଚିକିତ୍ସା ବିଭାଗ ହସ୍‌ପିଟାଲ୍ ଓ ଆନୁଷଙ୍ଗିକ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ନିର୍ଦ୍ଧାରିତ ସମୟରେ ବିଇଏମ୍‌ସି ସମସ୍ତ ସହାୟତା ଉପଲବ୍ଧ କରାଇଥିଲା । ଏପରିକି କ୍ୟାଚର, ଗାଡ଼ି, ସ୍ୱତନ୍ତ୍ର ଭାବେ ୪ ଜଣ କର୍ମଚାରୀଙ୍କୁ କୁକୁର ଧରିବା ପାଇଁ ନିୟୋଜିତ କରିଥିଲା । ପ୍ରାଣୀ ଚିକିତ୍ସାଳୟ ପରିସରରେ ଅପରେସନ୍ ଗୃହ ଓ ଆଶ୍ରୟସ୍ଥଳ ନିର୍ମାଣ ହୋଇଥିଲା । ୨୦୨୧ ସେପ୍ଟେମ୍ବରରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୧ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧ଟି କୁକୁରଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ଅସ୍ତ୍ରୋପଚାର ପରେ କୁକୁରଗୁଡ଼ିକୁ ସପ୍ତାହେ ପର୍ଯ୍ୟନ୍ତ ନିରୀକ୍ଷଣରେ ରଖାଯିବାର ନିୟମ ରହିଥିଲା । ନିରୀକ୍ଷଣ ସମୟରେ ଆବଶ୍ୟକ ଖାଦ୍ୟ ଯୋଗାଣ କାର୍ଯ୍ୟ ମଧ୍ୟ ବିଇଏମ୍‌ସିର ଦାୟିତ୍ୱ ଥିଲା । କିନ୍ତୁ ଠିକ୍ ସମୟରେ ଖାଦ୍ୟ ଯୋଗାଣରେ ବିଇଏମ୍‌ସି ବିଫଳ ହୋଇଥିଲା । ୨୦୨୧ ଅକ୍ଟୋବର ମାସରୁ ଏବିସି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା । ଏ ଭିତରେ ୪ ବର୍ଷ ବିତିଯାଇଥିଲେ ବି ଏବିସି କାର୍ଯ୍ୟକ୍ରମ ଆଉ ଆଗେଇଲାନି । ଜଣେ ଡ଼ାକ୍ତର ଓ ୨ ଜଣ ସହାୟକଙ୍କୁ ସର୍ଭିସ୍ ପ୍ରୋଭାଇଡର ଜରିଆରେ ଏବିସି କାର୍ଯ୍ୟକ୍ରମ ପାଇଁ ନିୟୋଜିତ କରିବାକୁ ମତ୍ସ୍ୟ ଓ ପଶୁ ସମ୍ପଦ ନିର୍ଦ୍ଦେଶାଳୟ ଦେଇଥିବା ଟଙ୍କା ବି କାମରେ ଲାଗିନଥିଲା । ଏହାକୁ ନେଇ ବାରମ୍ବାର କାଉନ୍‌ସିଲ୍ ବୈଠକରେ ଦାବି ହେଉଥିଲା । ହେଲେ ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁର ସ୍ଥାନାନ୍ତର, ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ବିଇଏମ୍‌ସି ତତ୍ପରତା ପ୍ରକାଶ କରିଛି । ଆସନ୍ତା ମାସରୁ କୁକୁର ବନ୍ଧ୍ୟାକରଣ ଆରମ୍ଭ ହେବ ବୋଲି ଡ଼େପୁଟି କମିଶନର ଶ୍ରୀ ପରିଡ଼ା କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୮।୨୦୨୫, ଭାଦ୍ରବ ଦି୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୯।୩୪** **ଚନ୍ଦ୍ରୋଦୟ- ପ୍ରାଘ ୭।୦୫।୦୫**

**ଦ୍ୱିତୀୟା-** ଦିଘ ୧୨।୩୬ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର-** ରାଘ ୩।୫୦ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦିଘ ୮।୨୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୮।୨୯ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୮।୨୯ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତିକଖାରୁ ଦିଘ ୧୨।୩୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଘ ୭।୦୭ ମଧ୍ୟେ । ଦିଘ ୧୦।୩୩ ଗତେ ଘ ୧।୦୪ ମଧ୍ୟେ ।


**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।


**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।


**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।


**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।


**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।


**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।


**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।


**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।


**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।


**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।


**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।


**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୬।୮।୨୦୨୫, ଭାଦ୍ରବ ଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୯।୪୯** **ଚନ୍ଦ୍ରୋଦୟ- ପ୍ରାଘ ୭।୫୫।୧୩**

**ତୃତୀୟା-** ଦିଘ ୧।୫୫ ପର୍ଯ୍ୟନ୍ତ । **ହସ୍ତାନକ୍ଷତ୍ର ଓ କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧/୫୫ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୩୩ ମଧ୍ୟେ । ଦିଘ ୧।୦୩ ଗତେ ଘ ୧।୨୨ ମଧ୍ୟେ ।

ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# ବୈଦେଶିକ ବାଣିଜ୍ୟର ଅବଦାନ ୧.୨ ଟ୍ରିଲିଅନ ଡଲାର

ଆଉ କିଛି ବର୍ଷ ଭିତରେ ଭାରତ ୬ ଟ୍ରିଲିଅନ (ଲକ୍ଷ କୋଟି) ଡଲାର ଅର୍ଥନୀତିରେ ପରିଣତ ହେବ। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଏହାର ଏକ ରିପୋର୍ଟରେ ଏହି ଗୋଲାପୀ ଚିତ୍ର ଆଙ୍କିଛି। ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ଏକ ମଧ୍ୟମ ଆୟ ବର୍ଗର ଦେଶରେ ପରିଣତ ହେବ। ମୁଣ୍ଡପିଛା ଆୟ ୭୦% ବୃଦ୍ଧି ପାଇ ୪୦୦୦ ଡଲାର ହୋଇଯିବ। ସେହି ସମୟରେ ଜିଡିପି ୬ ଟ୍ରିଲିଅନ ଡଲାରକୁ ବୃଦ୍ଧି ପାଇବ। ବର୍ତ୍ତମାନ ଦେଶର ମୁଣ୍ଡପିଛା ଆୟ ୨୪୫୦ ଡଲାର ରହିଛି। ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ବୈଦେଶିକ ବାଣିଜ୍ୟ ପ୍ରମୁଖ ଭୂମିକା ନିର୍ବାହ କରିବ। ଦେଶର ଜିଡିପି ଏବେ ୩.୭ ଟ୍ରିଲିଅନ ଡଲାର ଥିବା ବେଳେ ସେଥିପ୍ରତି ବୈଦେଶିକ ବାଣିଜ୍ୟର ଅବଦାନ ୧.୨ ଟ୍ରିଲିଅନ ଡଲାର ରହିଛି। ୨୦୩୦ ସୁଦ୍ଧା ତାହା ୨.୧ ଟ୍ରିଲିଅନ ଡଲାରକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ପରିବାରଗୁଡ଼ିକରେ ହେଉଥିବା ବିନିଯୋଗ ମଧ୍ୟ ଅର୍ଥନୀତିକୁ ଆଗକୁ ବଢ଼ାଇବ ବୋଲି ରିପୋର୍ଟରେ କୁହାଯାଇଛି। ଏବେ ଜିଡିପି ପ୍ରତି ପରିବାର ବିନିଯୋଗର ଅବଦାନ ୫୭% ରହିଛି। ବର୍ତ୍ତମାନ ତେଲେଙ୍ଗାନାର ମୁଣ୍ଡପିଛା ଆୟ ସର୍ବାଧିକ ୨,୭୫,୪୪୩ ଟଙ୍କା (୩୩୬୦ ଡଲାର) ରହିଛି। ଏହା ପଛକୁ ରହିଛନ୍ତି କର୍ଣ୍ଣାଟକ (୨,୬୫,୬୨୩), ତାମିଲନାଡୁ (୨,୪୧,୧୩୧), କେରଳ (୨,୩୦,୬୦୧) ଓ ଆନ୍ଧ୍ରପ୍ରଦେଶ (୨,୦୭,୭୭୧) । ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ଏହାର ରିପୋର୍ଟରେ ଆକଳନ କରିଛି ଯେ, ୨୦୩୦ ସୁଦ୍ଧା ମୁଣ୍ଡପିଛା ଆୟରେ ଗୁଜରାଟ ଶୀର୍ଷ ସ୍ଥାନରେ ପହଞ୍ଚିବ। ଏହା ପଛକୁ ରହିବେ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ହରିୟାଣା, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ। ଦେଶର ଜିଡିପି ପ୍ରତି ତେଲେଙ୍ଗାନା, ଦିଲ୍ଲୀ, କର୍ଣ୍ଣାଟକ, ହରିୟାଣା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ମିଳିତ ଅବଦାନ ୨୦% ରହିବ। ଏହି ରାଜ୍ୟଗୁଡ଼ିକର ମୁଣ୍ଡପିଛା ଆୟ ୬,୦୦୦ ଡଲାର ଟପିଯିବ। ଦୁଃଖର ବିଷୟ ହେଉଛି ଦେଶର ୨୫ ପ୍ରତିଶତ ଲୋକ ବାସ କରୁଥିବା ଦୁଇ ରାଜ୍ୟ ଉତ୍ତରପ୍ରଦେଶ ଓ ବିହାରର ମୁଣ୍ଡପିଛା ଆୟ ୨୦୩୦ରେ ମଧ୍ୟ ୨୦୦୦ ଡଲାରରୁ କମ୍ ରହିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଜନସଂଖ୍ୟାରେ କର୍ମଜୀବୀଙ୍କ ହାର ୨୦୨୦ରେ ୫୪.୨ ପ୍ରତିଶତ ଥିଲା ତାହା ୨୦୪୦ରେ ୬୩.୬ ପ୍ରତିଶତ ଓ ୨୦୫୦ରେ ୬୧.୧ ପ୍ରତିଶତକୁ ହ୍ରାସ ପାଇବ।



ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ଷଷ୍ଠ ଅଧ୍ୟାୟ

(କହଇ ମନ ଆରେ-ବୃତ୍ତେ)

ଷଷ୍ଠ ଅଧ୍ୟାୟ କଥା କହିବି ମୁହିଁ
ଧ୍ୟାନ ଯୋଗେ ତୋ ମନ ଦିଅ ଲଗାଇରେ ।
କର୍ମ ଫଳକୁ ତେଜି କର୍ତ୍ତବ୍ୟ କର,
ସମତ୍ୱ ସାଧି ସାଧୁ ହୁଅ ସତ୍ୱର ରେ ।୧।

ଆତ୍ମାରେ ହିଁ ଆତ୍ମାର ହୁଏ ଉଦ୍ଧାର ।
ନିବୃତ୍ତି ମାର୍ଗେ ଧ୍ୟାନ ଧାରଣ ସାର ରେ ।
ବ୍ରହ୍ମଚର୍ଯ୍ୟାଦି ମହାବ୍ରତକୁ ପାଳ,
ପରମ ଲୟ କରି ହୁଅ ନିଷ୍ଚଳରେ ।୨।

ସବୁ ଜୀବଙ୍କୁ ଦେଖ ଆପଣା ପରି
ବ୍ରହ୍ମତ୍ୱରେ ନିଜକୁ ପକା ପାସୋରି ରେ।
ନିନ୍ଦା ପ୍ରଶଂସା ତୋତେ ବାଧିବ ନାହିଁ,
ଯୋଗାରୂଢ ନାମକୁ ବହିବୁ ତୁହି ରେ ।୩।

ଶୁଣି କୁନ୍ତୀ ନନ୍ଦନ ଏସନ ରୀତି
ମନ ମଧ୍ୟରେ ବଡ କରିଣ ଭୀତି ଯେ ।
ପୁଣି ପୁଚ୍ଛଇ ପ୍ରଭୁ ଏ ଅତି କଷ୍ଟ
ମନ ଆୟତ୍ତ ହେବା ଅଟେ ଗରିଷ୍ଠ ଯେ ।୪।

ଉତ୍ତର ଦେବା ସୁଖେ ସାରଙ୍ଗଧର
ବୋଲନ୍ତି ଯା ବୋଇଲୁ ଉଚିତ ଗିର ରେ ।
ଯତ୍ନରେ ରତ୍ନ ମିଳେ ରଖିଥା ଜାଣି,
ଚେଷ୍ଟା ବଳେ ଅସାଧ୍ୟ ସାଧନ୍ତି ପ୍ରାଣୀରେ ।୫।

(କ୍ରମଶଃ)

# ଭବଘୁରା ଅଘୋରୀ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଅଘୋରୀ, ଭାରି ଭାବ ଭୋଳା। ନାହିଁ ତା'ର ବାସ, ବସା, ଠିକଣା। ଆଜି ଏଠି ତ କାଲି ସେଠି। ସଦାସର୍ବଦା ନିର୍ଲିପ୍ତ। ଆହାରେ ଭଲମନ୍ଦ ନାହିଁ, ଯାହା ଯେଉଁଠି ମିଳିଲା। ନାହିଁ ତ ଝରଣା ଜଳ, ବଣର ଫଳମୂଳ। ସେଇଥିରେ ଚଳିଯାଏ। ଅଘୋରୀଏ ଏକନିଷ୍ଠ ସାଧକ। ସାଧନାରୁ ସିଦ୍ଧି। ଅନୁରୂପ ଭାବେ ମୁକ୍ତି ସଂଗ୍ରାମୀଟି। ଶୟନେ, ସ୍ୱପନେ, ଜାଗରଣେ ଦେଶମାତୃକା କଥା। ମା'କୁ ବେଢ଼ି ମୁକ୍ତ କରିବାକୁ ହେବ। ସେଥିପାଇଁ ତା'ର ପଣ, ପ୍ରତିଜ୍ଞା, ଆତ୍ମବଳି। ଭାରତର ମୁକ୍ତି ସଂଗ୍ରାମ ଚାଲିଥାଏ। ସଂଗ୍ରାମୀଏ ସ୍ୱାଧୀନତା ଯଜ୍ଞବେଦିରେ, ଆପଣା ଆପଣା ମୁଣ୍ଡ ଥୋଇ ଦେଲେ। ସର୍ବତ୍ର ଫିରିଙ୍ଗି ହଟାଅ, ଆବହାୱା। ଜନତା, ମାତିଲେ, ତାତିଲେ। ମୁକ୍ତିଯୁଦ୍ଧକୁ ଗାନ୍ଧିଜୀ ଦେଲେ ନୂତନ ଦିଗନ୍ତ। ସେପଟେ ନେତାଜୀ ସୁଭାଷ ବୋଷ। ଦୁହିଁଙ୍କ ଲକ୍ଷ୍ୟ ଏକ, ପନ୍ଥା ଭିନ୍ନ। ଗାନ୍ଧିଜୀଙ୍କ ଅହିଂସ ନୀତି, ସୁଭାଷ ଯୁଦ୍ଧ ଭିତ୍ତିରେ ମୁକ୍ତିସଂଗ୍ରାମ ପକ୍ଷପାତୀ। ଗାନ୍ଧିଜୀଙ୍କ ସ୍ୱଦେଶୀ ସତ୍ୟାଗ୍ରହୀ ବାହିନୀ। ନେତାଜୀଙ୍କ ବିଦେଶୀ ଶକ୍ତି ଉପରେ ଆସ୍ଥା। ଫିରିଙ୍ଗି ପୁଲିସ, ଦେଶରେ ନାହିଁ ନଥିବା ଅତ୍ୟାଚାର। କେଉଁ ସଂଗ୍ରାମୀଙ୍କ ଘରେ ନିଆଁ ଲଗେଇ ଦେଲେ ତ କାହାକୁ ବାନ୍ଧି ଆଣିଲେ। ଜେଲରେ ଅସହ୍ୟ ଯନ୍ତ୍ରଣା ଦେଲେ। ଚାରିଆଡ଼େ ଆତଙ୍କ। ଅନେକ ସଂଗ୍ରାମୀ ଘର ଛାଡ଼ିଲେ। ନାହିଁ ସଂସାର ମୋହ। ଲୁଚାଛପାର ଅଘୋରୀ ଜୀବନ। ଗାଁ ଗାଁ କି ମୁକ୍ତିସଂଗ୍ରାମର ବାର୍ତ୍ତା ପ୍ରଚାର, ଏଇଟି ଥିଲା ତାଙ୍କର ପ୍ରଥମ ଲକ୍ଷ୍ୟ। ଗାନ୍ଧୀ ପନ୍ଥୀ, ନେତାଜୀ ମାର୍ଗୀ ବିପ୍ଳବୀଏ, କିଏ ଦେଶାନ୍ତର ହେଲେ, ଆଉ କେହି କେହି ଲୁଚି ରହିଲେ। ନେତାଜୀଙ୍କ ଆହ୍ୱାନ 'ରକ୍ତଦିଅ, ସ୍ୱାଧୀନତା ଦେବି'। ସ୍ୱାଧୀନତା ପାଇଁ ସଶସ୍ତ୍ର ସଂଗ୍ରାମ ଲୋଡ଼ା। ଏକଥାଟି ଉପରେ ଗୁରୁତ୍ୱ ଦେଲେ। ବହୁ ଯୁବକ ହେଲେ ଆକର୍ଷିତ। ବିପ୍ଳବର ସୂତ୍ରଧର ପାଲଟିଲେ। ତେଣେ ନେତାଜୀ ବିଦେଶରେ। ରୁଷ, ଜର୍ମାନୀର ସମର୍ଥନ ପାଇଁ ଲାଗିପଡ଼ିଲେ। ତାଙ୍କର କର୍ମୀଏ, ଦେଶରେ ସଂଗ୍ରାମର ବାର୍ତ୍ତା ବାଣ୍ଟିଲେ। ବହୁ ସ୍କୁଲ୍, କଲେଜ ପିଲା ଉତ୍ସାହିତ ହେଲେ। ଚାଲିଲା ଇଂରେଜ ହଟାଅ ସଂଗ୍ରାମ। ସେତେବେଳେ ସୁରେନ୍ଦ୍ର ମହାନ୍ତି ରେଭେନ୍ସା କଲେଜ ଛାତ୍ର। ବି.ଏ. ପଢୁଥାନ୍ତି। ସେ ନେତାଜୀଙ୍କୁ ସମର୍ଥନ କଲେ। ଅନ୍ୟମାନଙ୍କ ସହ ମିଶି କଲେଜରେ ନିଆଁ ଜାଳିଲେ। ପୁଲିସ ଗୋଡ଼ାଇଲା। ସେ ହେଇଗଲେ ଅଣ୍ଡରଗ୍ରାଉଣ୍ଡ। ଏଣେ କଲେଜ ଖାତାରୁ ନାଁ କଟିଗଲା। ତଥାପି ସେ ନିରୁତ୍ସାହିତ ନଥିଲେ। ଚିର ନମସ୍ୟା ଭାରତମାତା, ତାଙ୍କ ପାଇଁ ସେ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ। ଏଇ ସବୁ ଅଭୁଲା ଅନୁଭୂତି। ସୁରେନ୍ଦ୍ର ବାଣ୍ଟିଛନ୍ତି 'ପଥ ଓ ପୃଥିବୀ' ଆତ୍ମଲିପିରେ। ପରିବେଷଣ ଭଙ୍ଗୀ ବେଶ୍ ରୋଚକ।

୧୯୪୨ ମସିହା, ଇଂରେଜ ହଟାଇବା ପାଇଁ ଦୃଢ଼ପରିକର ଭାରତୀୟ ଜାତୀୟ କଂଗ୍ରେସ। ଆରମ୍ଭ କଲା ଭାରତଛାଡ଼ ଆନ୍ଦୋଳନ। ଗାନ୍ଧିଜୀ ଦେଲେ 'କର ବା ମର' ଆହ୍ୱାନ। ଏହା ପୂର୍ବର ଘଟଣା। ୧୯୪୧ ମସିହା, ଆଫ୍ରିକାର ରଣକ୍ଷେତ୍ର, ଅନେକ ଭାରତୀୟ ଯୁଦ୍ଧବନ୍ଦୀ ଜର୍ମାନୀ ଆସିଲେ। ସେମାନଙ୍କୁ ନେଇ ନେତାଜୀ 'ୱାର୍କିଂ ଗ୍ରୁପ୍ ଇଣ୍ଡିଆ' ଗଠନ କଲେ। ନାମ୍ବିୟାର, ଗଣପୁଲେ, ଅବିଦ୍ ହାସନ୍, ଏନ୍.ଜି. ସ୍ୱାମୀ, ଏମ୍.ଆର୍ ବ୍ୟାସ, ଗିରିଜା ମୁଖାର୍ଜୀ – ଏମାନଙ୍କୁ ନେଇ ନେତାଜୀ ଗଢ଼ିଲେ 'ଫ୍ରି ଇଣ୍ଡିଆ ସେଣ୍ଟର'। ଏହା ଦ୍ୱାରା ଆଜାଦ୍ ହିନ୍ଦ୍ ରେଡ଼ିଓ, ଜାତୀୟ କଂଗ୍ରେସ ରେଡ଼ିଓ, ଆଜାଦ୍ ମୁସଲିମ୍ ରେଡ଼ିଓ ପ୍ରଭୃତି ସକ୍ରିୟ ହେଲା। 'ଆଜାଦ୍ ହିନ୍ଦ' ନାମକ ଏକ ଦ୍ୱିଭାଷୀ ପତ୍ରିକା, ଉଭୟ ଜର୍ମାନୀ, ଇଂରାଜୀ ଭାଷାରେ ପ୍ରକାଶିତ ହେଲା। ସେମାନେ ଭାରତୀୟଙ୍କ ଯତ୍ନ ନେଲେ। 'ଫ୍ରି ଇଣ୍ଡିଆ ସେଣ୍ଟର' ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କଲା। ଭାରତ ସ୍ୱାଧୀନ ହେବ। ଏକ ସାମାଜିକ, ଆର୍ଥନୀତିକ ପୁନର୍ଗଠନ ପାଇଁ ଏକ ଯୋଜନା କମିଶନ ଗଠନ କରାଯିବ – ଏପରି ଯୋଜନା ପ୍ରସ୍ତୁତ ହେଲା। ତ୍ରିରଙ୍ଗାଠୁ ଟିକେ ଭିନ୍ନ କରି ଜାତୀୟ ପତାକା ତିଆରି କରାଗଲା। ଏଥିରେ ଲମ୍ଫ ଦେଉଥିବା ମହାବଳ ବ୍ୟାଘ୍ର ଚିତ୍ର ସ୍ଥାନ ପାଇଲା। ରବୀନ୍ଦ୍ର ନାଥଙ୍କ 'ଜନ ଗଣ ମନ...' ଜାତୀୟ ସଂଗୀତ ରୂପେ ଗୃହୀତ ହେଲା। ଅଭିନନ୍ଦନ ପାଇଁ 'ଜୟ ହିନ୍ଦ୍' ଶବ୍ଦ ବହୁଳ ଗୃହୀତ ହେଲା। ସୁଭାଷ ଚନ୍ଦ୍ର 'ନେତାଜୀ' ଭାବେ ଅଭିହିତ ହେଲେ। ୧୯୪୨, ଫେବୃୟାରୀ ମାସ ୨୨ ତାରିଖ, ଆକାଶବାଣୀରୁ ଭାସିଆସିଲା ବଜ୍ର ଗମ୍ଭୀର ସ୍ୱର, ନେତାଜୀ ଉଦ୍‌ଘୋଷଣା କଲେ। ଭାରତର ମୁକ୍ତିସମୟ ଆଗତ ପ୍ରାୟ। ଫିରିଙ୍ଗି ବାହିନୀ ଦେଶରୁ ହଟିବେ, ଦେଶବାସୀ ପରାଧୀନତାର ଶୃଙ୍ଖଳ ଛିନ୍ନ ପାଇଁ ପ୍ରସ୍ତୁତ। ଏହାଥିଲା ତାଙ୍କ ବକ୍ତବ୍ୟର ମୁଖ୍ୟାଂଶ। ସାରାଦେଶରେ ଚହଳ ପଡ଼ିଲା। ନେତାଜୀ ବାହିନୀ ଭାରତ ବିଜୟ ପାଇଁ ଆଗେଇ ଆସିଲେ। ଚାଲିଥାଏ ବିଶ୍ୱଯୁଦ୍ଧ। ଜାପାନ ସିଙ୍ଗାପୁର ଅଧିକାର କରିନେଲା (୧୯୪୨, ଫେବୃୟାରୀ)। ସଂଗ୍ରାମ ପାଇଁ ନେତାଜୀ ନୂତନ ପଥ ବାଛିଲେ। ଉତ୍ତର-ପଶ୍ଚିମ ପରିବର୍ତ୍ତେ ପୂର୍ବ ଦିଗରୁ ଆକ୍ରମଣର ମସୁଧା କଲେ। ଜର୍ମାନୀର ବୈଦେଶିକ ମନ୍ତ୍ରୀଙ୍କୁ ଏକଥା ଅବଗତ କଲେ। ଶେଷ ସଂଗ୍ରାମ ପାଇଁ ଚାଲିଲା ପ୍ରସ୍ତୁତି। ୧୯୪୨-୧୯୪୪, ଏହାଥିଲା ସ୍ୱାଧୀନତା ସଂଗ୍ରାମର ବିରଳ ଘଟଣା। ସେପଟେ ଭାରତଛାଡ଼ ଆନ୍ଦୋଳନ, ଏପଟେ ନେତାଜୀଙ୍କ ଭାରତ ଅକ୍ତିଆର ଅଭୀପ୍ସା। ମୁକ୍ତିସଂଗ୍ରାମକୁ ଦେଲା ନୂଆ ଦିଗ୍‌ଦର୍ଶନ। ନେତାଜୀ ହିଟ୍‌ଲରଙ୍କୁ ଭେଟିଲେ (୧୯୪୨)। ସେ ମଧ୍ୟ ପ୍ରାଚ୍ୟ ଅଭିମୁଖେ ଯାତ୍ରାକୁ ଅନୁମୋଦନ କରିଥିଲେ। ୧୯୪୪। ଆଜାଦ୍ ହିନ୍ଦ୍ ଫୌଜର ଆକ୍ରମଣ ଶୀର୍ଷତମ ସୋପାନରେ ପହଞ୍ଚିଥିଲା। ନେତାଜୀଙ୍କ 'ଦିଲ୍ଲୀ ଚଲୋ' ଡାକରା ଇଂରେଜଙ୍କ ହୃତ୍‌କମ୍ପ ସୃଷ୍ଟିକଲା। 'ଆଜାଦ୍ ହିନ୍ଦ୍ ଫୌଜ' ଇମ୍ଫାଲ ଅଧିକାର କଲା। ନେତାଜୀ ଉଡ଼ାଇଲେ ଭାରତର ଜାତୀୟ ପତାକା। ଏହି ଅନନ୍ୟ ଗୌରବର ସେ ସର୍ବପ୍ରଥମ ଅଧିକାରୀ। ସାରାଦେଶରେ ଚାଞ୍ଚଲ୍ୟ ଖେଳିଗଲା। ବହୁ ଯୁବକ ନେତାଜୀଙ୍କ ଆଡ଼େ ଆକୃଷ୍ଟ ହେଲେ।

୧୯୪୨ ମସିହା, ସୁରେନ୍ଦ୍ରଙ୍କ ଅଭୁଲା ସ୍ମୃତି। ନେତାଜୀଙ୍କର ଦୃଢ଼ ସମର୍ଥକ ଶୀଳଭଦ୍ରଯାଜୀ, ପାଟନାରୁ ପଳାଇ ଆସିଲେ। ଆତ୍ମଗୋପନ କଲେ କଟକରେ। ରେଭେନ୍‌ସାର ଇଷ୍ଟ ହଷ୍ଟେଲ୍, ଅନ୍ତେବାସୀମାନେ ଧର୍ମଘଟ କଲେ। ସେମାନେ ରିପବ୍ଲିକ୍ ଘୋଷଣା କଲେ। ପୁଲିସ ପଶିପାରୁ ନଥାଏ। ମନମୋହନ ମିଶ୍ର, ବିଭୁଧେନ୍ଦ୍ର ମିଶ୍ର, ସୁରଜ ମଲ୍ଲ ସାହା – ଏମାନେ ସେତେବେଳକା କଲେଜର ଛାତ୍ରନେତା। ଶୀଳଭଦ୍ରଯାଜୀ ତାଙ୍କର ଦିଗ୍‌ଦର୍ଶକ। ସୁରେନ୍ଦ୍ରଙ୍କ ସମେତ ଅନ୍ୟମାନେ, ସବୁ ସ୍ୱେଚ୍ଛାସେବୀ। ଷ୍ଟ୍ରାଇକ୍ ଚାଲିଲା। କଲେଜ ଗେଟ୍‌ରେ ପିଲେ ମୁହଁମାଡ଼ି ଶୋଇଲେ। ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର। ଏତିକି ମାତ୍ର ସେମାନଙ୍କ ମୁକ୍ତି ସଂଗ୍ରାମକୁ ଅବଦାନ। ଅଗଷ୍ଟ ୯ ତାରିଖ। କଲେଜ ଅଫିସ୍ ଜଳିଲା। ସେଇ ରାତି କଥା। ସୁରେନ୍ଦ୍ର ଗୋପନରେ ଭେଟିଲେ ଶୀଳଭଦ୍ରଯାଜୀଙ୍କୁ। ସେ ହଷ୍ଟେଲରେ ଲୁଚିଥାଆନ୍ତି। ଭାରତ ଏଇ ବର୍ଷ ସ୍ୱାଧୀନ ହେଇଯିବ। ସୁଭାଷ ବୋଷ ମାର୍ଚ୍ଚ କରି ଆସୁଛନ୍ତି ପୂର୍ବଦିଗରୁ। ବର୍ମା, ମାଳୟ ଗଲାଣି। ସିଙ୍ଗପୁର ଯିବା ଉପରେ। ଜର୍ମାନ ପଠାଇଛି ଯୁଦ୍ଧ ଜାହାଜ, ଜେଲ୍ ଯିବ କ'ଣ ? ସିଏ ତ ମାମୁଲି କଥା। ଏବେ ଯାଅ, ଅଣ୍ଡର ଗ୍ରାଉଣ୍ଡ ହୁଅ। ଜନସମର୍ଥନ ଜୁଟାଅ, ସେମାନେ ମୁକ୍ତିବାହିନୀକୁ ଅଭିନନ୍ଦନ ଜଣାନ୍ତୁ। ଲୋକମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଗ୍ରାମର କ୍ଷେତ୍ର ପ୍ରସ୍ତୁତ କର – ଏ କଥାସବୁ ଶୀଳଭଦ୍ରଯାଜୀ କହି ଚାଲିଲେ। ସୁରେନ୍ଦ୍ର ମନ୍ତ୍ରମୁଗ୍ଧ। ସେଇଦିନ ରାତି। ଧରିଲେ ପାସେଞ୍ଜର ଟ୍ରେନ୍, ଉଇଦାଉଟ୍ ଟିକେଟ୍। ଯେଉଁଠି ଇଚ୍ଛା ସେଇଠି ଓହ୍ଲାଇବେ, ସେଇଠୁ ଆରମ୍ଭ ହେବ ଅଣ୍ଡରଗ୍ରାଉଣ୍ଡ ଜୀବନ। ଏଇ ସ୍ମୃତି ସ୍ଥାନିତ ତାଙ୍କ 'ଅତିଥି' ଆଉ 'ଅଣ୍ଡର ଗ୍ରାଉଣ୍ଡ' ଗପରେ। ତାଙ୍କ ମୁକ୍ତିସଂଗ୍ରାମୀ ଜୀବନ କାହାଣୀ, ଏହାର ଆଂଶିକ ଚିତ୍ର। ତାହା 'ନେତି ନେତି' ଉପନ୍ୟାସରେ ରହିଛି; ମାତ୍ର କଳ୍ପନା ମିଶ୍ରିତ।

ଅଗଷ୍ଟ ଆନ୍ଦୋଳନ, ସୁରେନ୍ଦ୍ର କଲେଜ ଛାଡ଼ିଲେ। ଗୋଟିଏ ବର୍ଷ ଅଣ୍ଡର ଗ୍ରାଉଣ୍ଡରେ। ଭବଘୂରା ଅଘୋରୀ ଜୀବନ। ଖିଆପିଆ, ରହଣି, କିଛି ଠିକଣା ନାହିଁ। ଆଜି ଏ ଗାଆଁରେ ତ କାଲି ଆର ସହରରେ। ପହଞ୍ଚିଲେ ବିରୂପା ନଈକୂଳ ସାହାପୁର ଗାଁରେ। ସେଇଠି ତାଙ୍କ ଶଶା ମାଉସୀ ଘର। ସେଇ ଗାଁରେ ମାସଟିଏ ରହିଲେ। ଦିନ ସାରା ଲୁଚିଲୁଚି ବୁଲନ୍ତି। ରାତିରେ ଘରକୁ ଫେରନ୍ତି। ମାଉସୀଙ୍କର ଭାରି ଆଦର। କଥାରେ ଅଛି 'ମା' ନଥିଲେ ମାଉସୀ'। ଶଶା ମାଉସୀ କ୍ଷିରୀପୁରୀ, ପିଠାପଣା କରି ଖୁଆନ୍ତି। କିଛି ପଚାରନ୍ତିନି। ସୁରେନ୍ଦ୍ରଙ୍କ ଶୁଖିଲା ମୁହଁ, କୋରଡ଼ିଆ ଆଖି, କେଶ ବେଶର ଯତ୍ନନାହିଁ। ମାଉସୀ ବିସ୍ମିତ। ସୁରେନ୍ଦ୍ର ଦିନେ ସବୁ କଥା ଖୋଲି କହିଲେ। ପାଠ ପଢ଼ା ନାହିଁ, ଅଘୋରୀ ହୋଇ ବୁଲୁଛନ୍ତି। ମାଉସୀ ତାଗିଦ୍ କଲେନି। ଢେର୍ କାନ୍ଦିଲେ। ସେଦିନ ଡବଡବ ଆଖିରେ ସୁରେନ୍ଦ୍ରଙ୍କୁ ପଢୁଥିଲେ ଯାହା।

ସେଇ ସାହାପୁର ଗାଁ। ସେଠାକା ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ସମସ୍ତଙ୍କୁ ସୁରେନ୍ଦ୍ର ଏକାଠି କଲେ। ଗୋଟେ କ୍ଲବ୍‌ରେ ମିଶାଇ ଦେଲେ, ନିଜେ ପାଲଟିଲେ କେନ୍ଦ୍ରବିନ୍ଦୁ। ସମସ୍ତଙ୍କ ନିଘା ତାଙ୍କ ଆଡ଼େ। ଆସିଲା ରଜପର୍ବ। 'ଧର୍ମ ପତ୍ନୀ' ନାମକ ନାଟକଟି ଅଭିନୀତ ହେଲା। ମୁଖ୍ୟ ଭୂମିକାରେ ସୁରେନ୍ଦ୍ର। ଅଭିନୟ ଉତୁରିଲା। ପାଖ ଗାଁବାଲା ତାଙ୍କୁ ଡାକିଲେ। ନାଟକ କରିବେ। ସୁରେନ୍ଦ୍ର ତ ଗୋପନରେ। କଥା ପ୍ରଘଟ ହେଲେ ସବୁ ଶେଷ। ଅଗତ୍ୟା ସେ ସବୁ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କଲେ। ମାଉସୀଘରେ ରହିବା, ଖାଇବା – ଏତ ତାଙ୍କର ଅସଲ ଲକ୍ଷ୍ୟ ନୁହେଁ। କିଛି କରିବେ। ଗାଁ ଟୋକାଙ୍କୁ ମେଳେଇଲେ। ଗୋଟାଏ ଡାକଘରେ ନିଆଁ ଲଗାଇବାର ନକ୍ସା ପ୍ରସ୍ତୁତ ହେଲା। ହେଲେ ଯୋଜନା ସଫଳ ହେଲାନି। ମଫସଲ ପିଲା, ପୁଲିସ ଭୟ। ଫିରିଙ୍ଗି ପୁଲିସ। ଗର୍ଭବତୀ ବାଘୁଣୀ ବାଟ ଛାଡ଼ିଦିଏ। ଶେଷରେ ଯୋଜନାଟି ଫସର ଫାଟିଲା। ଟୋକାଏ ଭରସି ପାରିଲେନି। ମନ୍ତ୍ରଣାଟିର ଗଜା ମରୁଡ଼ି ହେଲା।

ସୁରେନ୍ଦ୍ରଙ୍କ ମଉସା। ପୁଲିସ୍ ସବ୍‌ଇନିସପେକ୍ଟର। ବ୍ରିଟିଶଙ୍କ ବଚସ୍କର। ସେଦିନ ଗାଁକୁ ଆସିଥିଲେ। ସୁରେନ୍ଦ୍ରଙ୍କ ବ୍ୟାପାର ବୃତ୍ତାନ୍ତ। ଏ ସମସ୍ତ ଆଗରୁ ଅବଗତ ଥିଲେ। ସୁରେନ୍ଦ୍ର ଏ ଘରେ। ଆର ଘରେ ଶଶା ମାଉସୀଙ୍କୁ ମଉସା ପଚାରିଲେ, "ଏ ଟୋକାଟା ଏଠିକି ଆସିଲା କିପରି ? ୟାକୁ ସ୍ଥାନ ଦେବା ଠିକ୍ ନୁହେଁ। ସିଏ ସରକାର ବିରୋଧୀ ଆନ୍ଦୋଳନରେ ନାଁ ଲେଖେଇଛି" – ଇତ୍ୟାଦି। ସୁରେନ୍ଦ୍ର ବୁଝିଲେ, ଇଂରେଜଙ୍କ ଅଧସ୍ତନ କର୍ମଚାରୀ ମଉସା। କଥା ପ୍ରଘଟ ହେଲେ ଚାକିରି ରାତାରାତି ଗୋଲ। କାହାକୁ କିଛି କହିଲେନି। ଅଘୋରୀ ଜୀବନ। ଗୋଟେ ସ୍ଥାନରେ ଏତେଦିନ ରହଣି ବିପଦ ସଙ୍କୁଳ। ଓହ୍ଲାଇ ଆସିଲେ ରାଜରାସ୍ତାକୁ। ସେଇଦିନୁ ଶଶା ମାଉସୀ ସାଙ୍ଗରେ ଛଡ଼ାଛଡ଼ି। ତଥାପି ତାଙ୍କ ସ୍ନେହ ଆଦର ସୁରେନ୍ଦ୍ର ଭୁଲି ନ ଥିଲେ ସାରା ଜୀବନ।

ସୁରେନ୍ଦ୍ର ଗୋଟେ ବର୍ଷ ବିତାଇଲେ ଅଣ୍ଡର ଗ୍ରାଉଣ୍ଡରେ। ନେତାଜୀ ଇମ୍ଫାଲରୁ ଫେରିଗଲେ। ଜର୍ମାନ ଯୁଦ୍ଧଜାହାଜ ପଠାଇଲାନି। ଜନତାଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେଲା। ଏବେ ବ୍ରିଟିଶ ସରକାରଙ୍କୁ ହଟାଇବ କିଏ ? ଏଣେ କଲେଜ ଦୁଆର ବନ୍ଦ। ଘର ଦୁଆର ବି। ବାପା ରାଗରେ ନିଆଁବାଣ। ଟଙ୍କା ଖରଚ କଲେ। ପୁଅ କ'ଣ ଦେଶଟାକୁ ଉଦ୍ଧାର କରିବ ? କଲେଜ ଛାଡ଼ିବା, ବର୍ଷେକରୁ ଉର୍ଦ୍ଧ୍ୱ ହେଲାଣି। ନାଁ କଟିଛି। ପରୀକ୍ଷା ଦେବା ଆଉ ସମ୍ଭବ ନୁହେଁ। ସୁରେନ୍ଦ୍ରଙ୍କ ପୋଥିରେ ଡୋର ବନ୍ଧା ହେଲା। ଆହୁରି ଚାଞ୍ଚଲ୍ୟକର ଖବରଟେ। ସୁରେନ୍ଦ୍ର ଶୁଣିଲେ, ପ୍ରିନ୍‌ସପାଲ ଦଣ୍ଡବିଧାନ କରିଛନ୍ତି। ସେ ପାଟନା ବିଶ୍ୱବିଦ୍ୟାଳୟରେ ତିନିବର୍ଷ ପାଇଁ ପରୀକ୍ଷା ଦେବାରୁ ବଞ୍ଚିତ। ଏଣିକି ଦଶଦିଗ ଅନ୍ଧାର। ଏଣେତେଣେ କଟକରେ ବୁଲାବୁଲି। ଦି'ଟା ଟିଉସନ ମିଳିଲା। ସେଇଥିରୁ ଚଳିଲେ। ଏଣିକି ବାରବୁଲା ଜୀବନ।

୧୯୪୬ ମସିହା। କଲିକତାରେ ଉତ୍କଟ ସାମ୍ପ୍ରଦାୟିକ ଦଙ୍ଗା। ହିନ୍ଦୁ-ମୁସଲମାନ ହଣାହଣି। ସୁରେନ୍ଦ୍ର ହେଲେ ବିସ୍ମିତ। ମେଦିନୀପୁରର କେଇ ଜଣ ମୁସଲମାନ, ପିଠିରେ ଲୁଗା ଗଣ୍ଠିଲି, ଗାଁ ଗାଁ ବୁଲି ବିକନ୍ତି। ସୁରେନ୍ଦ୍ରଙ୍କର ତାଙ୍କ ସହ ଭାବ। ତାଙ୍କରି ସାଥିରେ ରହଣି। ଗୋଟାଏ ହେଁସ, ସାଥି ହୋଇ ଶୁଅନ୍ତି। ତାଙ୍କରି ସାଙ୍ଗରେ ଶାଗପଖାଳ ଖାଆନ୍ତି। ସକାଳୁ ବାହାରନ୍ତି ସାମ୍ବଲ ଆଲବମ୍ ଅର୍ଡ଼ର ଧରି। ପୁଣି ଭେଟ ସନ୍ଧ୍ୟାରେ। ସେଇ ମୁସଲମାନମାନଙ୍କ ଶ୍ରଦ୍ଧା, ସହାନୁଭୂତି, ଆତିଥେୟ ଆଉ ପରିଚର୍ଯ୍ୟା। ଏଭଳି ମଣିଷମାନେ କ'ଣ ଦଙ୍ଗାରେ ସମ୍ପୃକ୍ତ ହୋଇ ପାରନ୍ତି ? ସୁରେନ୍ଦ୍ର ବୁଝିଥିଲେ। ଦଙ୍ଗା ମୂଳରେ ହିନ୍ଦୁ ବା ମୁସଲମାନ ମେହେନତୀ ମଣିଷ କଦାପି ନଥିଲେ; ଥିଲେ କୁଚକ୍ରୀ ନେତା, ପଣ୍ଡା ପଢ଼ିଆରୀ ଆଉ ମୁଲ୍ଲା-ମୌଲବୀମାନେ। ଏ ସବୁର ଚିତ୍ର ତାଙ୍କ 'ଦୁଇବନ୍ଧୁ' ଗଳ୍ପର ବିଷୟବସ୍ତୁ। ସୁରେନ୍ଦ୍ରଙ୍କ ମୁସଲମାନ ବନ୍ଧୁମାନେ ଘର ବାହୁଡ଼ିଗଲେ। ସେ ଖୋର୍ଦ୍ଧା ଛାଡ଼ିଲେ। ଅଣ୍ଡରଗ୍ରାଉଣ୍ଡର ଭବଘୂରା ଅଘୋରୀ ଜୀବନ। ଏବେ ସମଦଶା। ସେଇ ଅଘୋରୀ ଜୀବନ। ତଥାପି ସେ ଜୀବନ ସଂଗ୍ରାମରୁ ବିରତ ନଥିଲେ। ତାହାହିଁ ପୁରୁଷାର୍ଥ। ସଂଘର୍ଷ ହିଁ ତାଙ୍କୁ ଉତ୍ତର ଜୀବନରେ ଆଣିଦେଲା ଅମାପ ଖ୍ୟାତି।

# ନିର୍ବାଚନ ଆୟୋଗ ନିରପେକ୍ଷ କି ?



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଗଣତନ୍ତ୍ରର ସ୍ଥିତି ଓ ଭବିଷ୍ୟତ ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ନିର୍ଭର କରେ। ଯଦି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ପରିଲକ୍ଷିତ ହୁଏ ଓ ଏହାକୁ ଯଥାର୍ଥତାର ପୋଷାକ ପିନ୍ଧାଇବାକୁ ଚେଷ୍ଟା କରାଯାଏ, ତେବେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ି ଆସୁଛି ବୋଲି ଧରିନେବାକୁ ହେବ। ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛାମତେ ସରକାର ଗଠିତ ହୁଏ। ଏଥିପାଇଁ ମୁକ୍ତ ଓ ଅବାଧ ନିର୍ବାଚନର ଆବଶ୍ୟକତା ରହିଛି। ନିର୍ବାଚନ ପ୍ରକ୍ରିୟାକୁ ତଦାରଖ ଓ ପରିଚାଳନା କରିବା ପାଇଁ ଏକ ରାଷ୍ଟ୍ରୀୟ ସଂସ୍ଥାର ଆବଶ୍ୟକତା ପଡେ। ଏହା ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନିବାର୍ଯ୍ୟ ବିଷୟ। ଭାରତବର୍ଷ ବିଶ୍ୱରେ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଥିପାଇଁ ଆମେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ। ଆମ ଦେଶରେ ମଧ୍ୟ ନିର୍ବାଚନ ପ୍ରକ୍ରିୟାର ତଦାରଖ ପାଇଁ ଓ ପରିଚାଳନା ପାଇଁ ଏକ ସାମ୍ବିଧାନିକ ସଂସ୍ଥା ରହିଛି, ଯାହା ଭାରତୀୟ ନିର୍ବାଚନ ଆୟୋଗ ଭାବେ ପରିଚିତ। ଏହାର ଶାଖା ପ୍ରତି ରାଜ୍ୟରେ ରହିଛି ଓ ଜିଲ୍ଲା ସ୍ତରରେ ମଧ୍ୟ ଅଧିକାରୀମାନେ ରହିଛନ୍ତି। ନିର୍ବାଚନ ଆୟୋଗ ଏକ ମୁକ୍ତ ଓ ନିରପେକ୍ଷ ସଂସ୍ଥା। ଦଳୀୟ ରାଜନୀତିର ଉର୍ଦ୍ଧ୍ୱରେ ଏହା କାର୍ଯ୍ୟ କରିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ରହିଛି।

ହେଲେ ଏବେର ନିର୍ବାଚନ ଆୟୋଗ ତାର ସାମ୍ବିଧାନିକ ଗାରିମାକୁ ଅତୁଟ ରଖିବାରେ ସକ୍ଷମ ହେଉନାହିଁ ବୋଲି ଅଭିଯୋଗ ହେଉଛି। କ୍ରମେ ଏହା ଦଳୀୟ ରାଜନୀତିର ଚକ୍ରବ୍ୟୂହରେ ଛନ୍ଦି ହୋଇ ଯାଉଛି ଓ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି ବୋଲି ଅନେକଙ୍କ ମତ। ଏ ସନ୍ଦେହ ନିର୍ବାଚନ ଆୟୋଗର ଚୟନ ପ୍ରକ୍ରିୟାରୁ ଆରମ୍ଭ ହୋଇଥିଲା। ନିର୍ବାଚନ ଆୟୋଗ ତିନି ସଦସ୍ୟଙ୍କୁ ନେଇ ଗଠିତ, ତାଙ୍କ ଭିତରୁ ଜଣେ ମୁଖ୍ୟ। ଏମାନଙ୍କ ଚୟନ ପାଇଁ ଏକ କମିଟି ରହିଛି। ସେଥିରେ ତିନିଜଣ ସଦସ୍ୟ ରହନ୍ତି। ସେମାନେ ହେଉଛନ୍ତି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଓ ଜଣେ କ୍ୟାବିନେଟ୍ ମନ୍ତ୍ରୀ। ଏବାବଦକୁ ସର୍ବୋଚ୍ଚ ନ୍ୟାୟାଳୟ ଏକ ମାର୍ଗ ଦର୍ଶିକା ପ୍ରଦାନ କରିଥିଲେ। ଏହି ଚୟନ କମିଟିରେ ତିନିଜଣ ସଦସ୍ୟ ରହିବେ ବୋଲି ଦର୍ଶାଇଥିଲେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି। ପରବର୍ତ୍ତୀ ସମୟରେ ଏହାର ପରିବର୍ତ୍ତନ କରି ସେହି ତିନି ଜଣିଆ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାହାର କରି ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସାମିଲ କରାଯିବାର ନିୟମ ପାରିତ କରାଗଲା। ଉଦ୍ଦେଶ୍ୟ ସ୍ପଷ୍ଟ ଯେ କିପରି ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖାଯାଇ ପାରିବ। ନିଜ ଲୋକଙ୍କୁ ଆୟୋଗରେ ରଖାଯାଇ ପାରିବ।

ପୂର୍ବରୁ ଭୋଟର ତାଲିକାରେ ଓ ଭୋଟ ପ୍ରଦାନରେ ଅନିୟମିତତାକୁ ନେଇ ଅନେକ ଅଭିଯୋଗ ଆସିଛି। ହେଲେ ନିକଟରେ ବିରୋଧି ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଉପରେ ସାମ୍ବାଦିକ ସମ୍ମିଳନୀ ସାରା ଦେଶରେ ଚହଳ ପକାଇଛି। ବିଭିନ୍ନ ସୋପାନରେ କିପରି ଭାବେ ଭୋଟ ଚୋରି ହେଉଛି ଓ ନିର୍ବାଚନ ଫଳାଫଳକୁ ନିୟନ୍ତ୍ରଣ କରାଯାଉଛି ତାହାର କିଛି ପ୍ରମାଣିକ ତଥ୍ୟ ସେ ଉପସ୍ଥାପନ କରିଛନ୍ତି। ସେ ସିଧାସଳଖ ନିର୍ବାଚନ ଆୟୋଗ ଉପରେ ଅଭିଯୋଗ ଆଣି ଏହା କିପରି ଶାସକ ବିଜେପି ସହିତ ମିଶି ଭୋଟ ହେରଫେର କରୁଛି ଓ ବିଜେପିକୁ ଫାଇଦା ଦେଉଛି ତାହା ଉଲ୍ଲେଖ କରିଛନ୍ତି। ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମେତ ଗତ ଲୋକସଭା ନିର୍ବାଚନରେ ମଧ୍ୟ ବ୍ୟାପକଭାବେ ଭୋଟ ଚୋରି ହୋଇଛି ବୋଲି ତାଙ୍କ ଅଭିଯୋଗ। ଲୋକସଭା ନିର୍ବାଚନରେ ଏନଡିଏ ୨୫ ଟି ଆସନରେ ହାରିଥିଲେ ବିରୋଧୀ ଇଣ୍ଡିଆ ମେଣ୍ଟ ସରକାର ଗଢିଥାନ୍ତା। ବହୁ ଆସନରେ ଭୋଟ ଚୋରିକରି ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି ବୋଲି ସେ ସିଧାସଳଖ ଅଭିଯୋଗ କରିଛନ୍ତି। ଅବଶ୍ୟ ବିଜେପି ରାହୁଲଙ୍କ ଏ ପ୍ରକାର ଅଭିଯୋଗକୁ ଖଣ୍ଡନ କରି ପାଲଟା ଆକ୍ରମଣ କରିଛି। ବିଜେପିର ଅନୁରାଗ ଠାକୁର କହିଛନ୍ତି ଯେ କଂଗ୍ରେସ ଅମଳରେ ପ୍ରଥମ ନିର୍ବାଚନଠାରୁ ଭୋଟ ଚୋରି ଆରମ୍ଭ ହୋଇଛି। ଭୋଟଚୋରି ଉପରେ ଏବେ ବିତର୍କ ଚାଲିଛି। ଏହା ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବ ଏବେ ବିହାରରେ ଭୋଟ ଅଧିକାର ରାଲି କରୁଛନ୍ତି। ବିବାଦ ତେଜିଲା ପରି ମନେ ହେଉଛି।

ରାହୁଲଙ୍କ ଅଭିଯୋଗ ହେଉଛି ଯେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଛି। ସେ ଯେଉଁ ଅନିୟମିତତାର ଅଭିଯୋଗ ଆଣିଛନ୍ତି ଓ ପ୍ରମାଣ ଦେଇଛନ୍ତି ତାହା ଭୋଟ ଚୋରି ସନ୍ଦେହକୁ ଘନୀଭୂତ କରୁଛି। ଭୋଟର ତାଲିକାରୁ ଜଣାପଡୁଛି ଯେ ଅନେକ ଭୋଟରଙ୍କ ଘର ନମ୍ବର ସମାନ, ଅନେକ ଭୋଟରଙ୍କ ଘର ନମ୍ବର ଶୂନ୍ ଓ ଅନେକ ଭୋଟର ଗୋଟିଏ ଛୋଟ ଘରେ ରହନ୍ତି। ସେ ସୂଚାଇଥିବା କର୍ଣ୍ଣାଟକର ଏକ କୋଠାରୀ ବିଶିଷ୍ଟ ଗୋଟିଏ ଘରେ ୮୦ ଜଣ ଭୋଟର ବସବାସ କରନ୍ତି, ଯାହା ଅସମ୍ଭବ। ଭୋଟର ତାଲିକାରେ ଭୋଟଦାତାଙ୍କ ଅସ୍ପଷ୍ଟ ଫଟୋ ରହିଛି। ବାପାଙ୍କ ନାମ ଅବାନ୍ତରଭାବେ ଉଲ୍ଲେଖ ରହିଛି। ନୂଆ ଭୋଟରମାନଙ୍କ ଭିତରେ ବହୁ ବୃଦ୍ଧବୃଦ୍ଧା ଏପରିକି ୯୦ ବର୍ଷର ଲୋକ ରହିଛନ୍ତି। ଭୋଟରଙ୍କ ନାମ ଏକାଧିକ କେନ୍ଦ୍ରରେ ଓ ଏକାଧିକ ରାଜ୍ୟରେ ରହିଛି। କର୍ଣ୍ଣାଟକର ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷରୁ ଅଧିକ ନୂଆ ଭୋଟର ଯୋଗ ହେବା ଓ ଅପରାହ୍ନ ୫ଟା ପରେ ବହୁସଂଖ୍ୟକ ଭୋଟ ପଡ଼ିବା, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅପରାହ୍ନ ୫ ଟା ପରେ ୭୦ ଲକ୍ଷରୁ ଅଧିକ ଭୋଟ ପଡ଼ିବା, ଭୋଟ ପ୍ରଦାନ ସଂଖ୍ୟା ଦେବାରେ ନିର୍ବାଚନ ଆୟୋଗ ବିଳମ୍ବ କରିବା ଇତ୍ୟାଦି ସ୍ୱତଃ ସନ୍ଦେହ ଜାତ କରାଉଛି ଭୋଟ ଚୋରି ହେବାର।

ତାଙ୍କ ଅଭିଯୋଗ ଯେ ସବୁଠାରୁ ଅଧିକ ସନ୍ଦେହ ସୃଷ୍ଟି କରୁଛି ନିର୍ବାଚନ ଆୟୋଗ ଭୋଟର ତାଲିକାର ଡିଜିଟାଲ ରେକର୍ଡ଼କୁ ସାର୍ବଜନୀନ ନକରିବା ଓ ନିର୍ବାଚନ ସମୟର ସମସ୍ତ ଫୁଟେଜକୁ ସାଧାରଣ ଜନତାଙ୍କ ପାଇଁ ନଛାଡିବା ଯୋଗୁଁ। ପୁଣି ଏହାକୁ ୪୫ ଦିନ ମଧ୍ୟରେ ହଟାଇଦେବା ବିଷୟ ସୂଚୀତ କରୁଛି କିଛି ହେରଫେର ଥିବାର। ତେଣୁ ସେ ଦାବୀ କରିଛନ୍ତି ଭୋଟର ତାଲିକାର ଡିଜିଟାଲ ରେକର୍ଡକୁ ଓ ନିର୍ବାଚନ ସମୟର ଫୁଟେଜକୁ ସାର୍ବଜନୀନ କରିବା ପାଇଁ। ତାଙ୍କ ଏପ୍ରକାର ଅଭିଯୋଗ ପରେ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ଅନିୟମିତତା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଇବାରେ ଲାଗିଛି। ଅନେକ କ୍ଷେତ୍ରରେ ଅଭିଯୋଗ ଆସିଛି ଯେ ସୂଚୀତ ଭୋଟ ପରିମାଣ ଓ ଭୋଟ ପ୍ରଦାନ ପରିମାଣ ମଧ୍ୟରେ ତାଳମେଳ ନାହିଁ। ଭୋଟର ତାଲିକାରୁ ବିରୋଧୀଙ୍କ ନାମକୁ ହଟାଯିବା ଓ ସମର୍ଥକଙ୍କ ନାମ ପୁରାଯିବା କାର୍ଯ୍ୟ ହୋଇଛି। ଯାହା ଏବେ ବିହାରର ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚବେଳେ ହେଉଛି ବୋଲି ଅଭିଯୋଗ ଆସୁଛି। ନକଲି ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବା, ଜଣେ ଆଉ ଜଣକଙ୍କ ନାମରେ ଭୋଟ ଦେବା, ଜଣେ ଏକାଧିକ ଭୋଟଦେବା ପରି ଅଭିଯୋଗ ହେଉଛି।

ରାହୁଲ ଗାନ୍ଧୀ ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ କଥା ଉଲ୍ଲେଖ କରି କହିଛନ୍ତି ଯେ ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ସଂଖ୍ୟାଧିକ ଆସନରେ ଜିତିଥିବା ବେଳେ ବିଧାନସଭା ନିର୍ବାଚନର ଫଳ ଓଲଟା ହୋଇଛି। ଏହା ସନ୍ଦେହଜନକ ବିଷୟ। ସନ୍ଦେହ ଆହୁରି ତୀବ୍ରତର ହୋଇଛି ଯେତେବେଳେ ବରିଷ୍ଠ ନେତା ଶରଦ ପାୱାର କହିଲେ ଯେ ତାଙ୍କୁ ଦୁଇଜଣ ସାକ୍ଷାତ କରି କହିଥିଲେ ଯେ ସେମାନେ ମହାରାଷ୍ଟ୍ରରେ ୧୬୦ ବିଧାନସଭା ଆସନରେ ଜିତାଇ ଦେଇ ପାରିବେ। ଏହାର ଅର୍ଥ ଦେଶରେ ନିର୍ବାଚନ ପ୍ରକ୍ରିୟାରେ କିଛି ହେରଫେର ଚାଲିଛି। ଅଧିକାରୀଙ୍କ ଅଜାଣତରେ ଏହା ହେବା ସମ୍ଭବପର ନୁହେଁ। ଦ୍ୱିତୀୟରେ ଭୋଟିଂ ମେଶିନରେ ଟେମ୍ପରିଂ କରିବା ସମ୍ବନ୍ଧରେ ଅଭିଯୋଗ ରହିଆସିଛି। ଏହା ଅନେକ ପ୍ରକାରରେ ହୁଏ ବୋଲି ଅଭିଯୋଗ ଆସେ। ଭୋଟିଂ ପରେ ଭୋଟିଂ ମେସିନ୍ ବଦଳିବା, ମେଶିନରେ ଥିବା ଭୋଟ ସଂଖ୍ୟା ବଢ଼ାଇବା, ମେଶିନରେ ଥିବା ଭୋଟ ହିସାବକୁ ଏପଟ ସେପଟ କରିବା ଅଥବା ପୂର୍ବ ସେଟିଂ ଅନୁଯାୟୀ ଗୋଟିଏ ଦଳର ସପକ୍ଷରେ ଭୋଟ ପକାଇବା ଇତ୍ୟାଦି ଜାଲିଆତି ହେବାର ଅଭିଯୋଗ ରହିଛି। ଏବେ ହରିୟାନାର ଗୋଟିଏ ପଞ୍ଚାୟତର ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଇଭିଏମ ଭୋଟର ପୁନଃ ଗଣତି ହେବାରୁ ତିନି ବର୍ଷ ତଳେ ହାରିଥିବା ବ୍ୟକ୍ତି ବିଜୟୀ ହୋଇଛନ୍ତି।

ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଭାରତବର୍ଷରେ ନିର୍ବାଚନ ଆୟୋଗ ସନ୍ଦେହ ଘେରରେ। ଅଭିଯୋଗମାନ ସତ୍ୟ ହୋଇଥିଲେ ବିଷୟ ଅତ୍ୟନ୍ତ ଗମ୍ଭିର। ଏଥିପାଇଁ ଯେଉଁମାନେ ଦୋଷୀ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍। ଭୋଟ ଚୋରି ଗଣତନ୍ତ୍ରର ମେରୁଦଣ୍ଡକୁ ଭାଙ୍ଗିଦେବ। ଅଭିଯୋଗ ମିଥ୍ୟା ହୋଇଥିଲେ ବି ନିର୍ବାଚନ ଆୟୋଗକୁ ବିଶ୍ୱାସଭାଜନ ହେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହେବ। କୌଣସି ପ୍ରକାର ସନ୍ଦେହମୂଳକ ପଦକ୍ଷେପରୁ ଆୟୋଗ ବଞ୍ଚିତ ହେବା ଉଚିତ୍। ନିର୍ବାଚନ ଆୟୋଗକୁ ପୁନଃ ବିଶ୍ୱାସଭାଜନ ହେବାପାଇଁ କିଛି ଲୋକାଭିମୁଖୀ ପଦକ୍ଷେପ ନେବାକୁ ହେବ। ଏହାର ଚୟନ କମିଟିର ପରିବର୍ତ୍ତନ ଲୋଡ଼ା, ଏଥିରେ ପୂର୍ବପରି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କୁ ନିଆଯିବା ଉଚିତ୍। ଭୋଟର ତାଲିକାକୁ ନିର୍ଭୁଲ ଭାବେ ପ୍ରସ୍ତୁତ କରଯାଉ। ନିର୍ବାଚନ ସମୟରେ ପ୍ରତି ବୁଥରେ ସିସି କ୍ୟାମେରା ରେକର୍ଡିଂ ହେଉ। ନିର୍ବାଚନ ପରେ ଏହି ଫୁଟେଜ୍ ଗୁଡ଼ିକୁ ସାର୍ବଜନୀନ କରାଯାଉ। ଭୋଟର ତାଲିକାର ଡିଜିଟାଲ ଡାଟା ଆୟୋଗର ୱେବ ସାଇଟରେ ସର୍ବଦା ଉପଲବ୍ଧ ହେଉ। ପ୍ରତି ବୁଥର ଭୋଟର ସଂଖ୍ୟା ଓ ପଡିଥିବା ଭୋଟର ସଂଖ୍ୟା ସାର୍ବଜନୀନ କରାଯାଉ। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିଷୟ ସାଧାରଣ ଜନତାଙ୍କ ସମ୍ମୁଖରେ ରଖାଯାଉ। ମନେ ରଖିବାକୁ ଯେ ନିର୍ବାଚନ ଆୟୋଗ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ। ଆଜି ଆମ ପାଇଁ ବଡ଼କଥା ନୁହେଁ କିଏ ସରକାର ଗଢିବ, ଆମ ପାଇଁ ବଡ କଥା ଆମ ଗଣତନ୍ତ୍ର କିପରି ସୁରକ୍ଷିତ ରହିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୫ ସୋମବାର





## ବହୁ ରାଜସ୍ୱ ମାମଲା ବିଚାର ନହୋଇ ପଡ଼ିରହିଛି:ଲୋକେ ହଟହଟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଥିବା ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟରେ ଜିଲ୍ଲାର ୫ଟି ତହସିଲର ମାମଲା ବିଚାର ହେଉଥିବ ବେଳେ ଅବଶିଷ୍ଟ ୪ଟି ତହସିଲର ମାମଲା ବିଚାର କରାଯାଉନାହିଁ ବୋଲି ଅଇନଜୀବୀ ମାନେ ଅଭିଯୋଗ କରିଛନ୍ତି । ୨୦୨୨ ମସିହାରୁ କେନ୍ଦ୍ରାପଡାରେ ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟ ଖୋଲାଯାଇ ଜିଲ୍ଲାର ସମସ୍ତ ତହସିଲ ଅଧିନ ଜମିଜମା ମାମଲା ବିଚାର ପାଇଁ ଆଶା ରଖାଯାଇଥିବା ବେଳେ ଏବେ କେବଳ ଆଳି, କନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ଓ ଡେରାବିଶ ପ୍ରଭୃତି ୫ଟି ତହସିଲର ମାମଲା ପଞ୍ଜିକୃତ କରାଯିବା ସହ ବିଚାର କରାଯାଉଥିବା ବେଳେ ଅବଶିଷ୍ଟ ରାଜନଗର, ମହାକାଳପଡା, ମାର୍ଶାଘାଇ ଓ ଗରଦପୁରର କେସ ମାନ କଟକ କୋର୍ଟରେ ପଡି ରହିଛି । ଏହି ୪ଟି ତହସିଲର ନୂଆ ମାମଲା ମଧ୍ୟ କେନ୍ଦ୍ରାପଡାରେ ଗ୍ରହଣ କାରଯାଉନାହିଁ । ଅପରପକ୍ଷରେ ଯେଉଁ ୫ଟି ତହସିଲର ମାମଲା ଏଠାରେ ବିଚାର କରାଯାଉଛି, ତାହାର ରାୟ ବାହାରିବା ପରେ ମଧ୍ୟ ସାର୍ଟିଫାଏଡ୍ କପି କଟକରୁ ମିଳିବ ବୋଲି କମିଶନର କୋର୍ଟ ପକ୍ଷରୁ ସୂଚନା ଦିଆଯାଉଛି । ଯାହାଫଳରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷରେ ଜିଲ୍ଲାକୁ ୧୯୩୦ ମସିହାର ରେକର୍ଡ, ଖାତା, ଖତିଆନ ଆସିଥିଲେ ମଧ୍ୟ ତାହାର ଅମିନ ରିପୋର୍ଟ, ୟାଦ୍‌ଦାସ୍ତ ରିପୋର୍ଟ ଓ ପ୍ଲଟ୍ ଇଣ୍ଡେକ୍ସ ଆଦି ଆସିନଥିବାରୁ ସାଧାରଣ ଲୋକେ ଏହି ରେକର୍ଡ ସବୁ ପାଇବା ପାଇଁ ବାରମ୍ବାର କଟକ ଦୌଡି ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବକୁ ସାଧାରଣରେ ଦାବି ହେଉଛି ।

## ଗ୍ରାମରେ ମଦ ବିକ୍ରି ବନ୍ଦ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ବାରଝୁଲା ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଏହାସହ ଆଗାମୀ ଦିନରେ ମଦ ବିକ୍ରି ବନ୍ଦ ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉକି, ବ୍ଲକର ବିଭିନ୍ନ ଅଞ୍ଚଳରେ ଅବାଧରେ ଦେଶୀ ବିଦେଶୀ ମଦ ବିକ୍ରି ଚାଲିଛି । ମଦ ପିଇ ଗ୍ରାମର ଯୁବକ ପଥଭ୍ରଷ୍ଟ ହେଉଥିବା ବେଳେ ଗ୍ରାମରେ କାହିଁ ଆବହମାନ କାଳରୁ ଚାଲି ଆସିଥିବା ଭାଗବତ ସନ୍ଧ୍ୟା ମଧ୍ୟ ମଦ୍ୟପ ଦୁର୍ବୃତ୍ତ ମାନଙ୍କ ପାଇଁ ବନ୍ଦ ହୋଇଯାଇଥିବା ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଅବକାରୀ କିମ୍ବା ପୋଲିସ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ କରିଛନ୍ତି । ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଏବେ ଗ୍ରାମର ମହିଳାମାନେ ଅଣ୍ଟା ଭିଡ଼ିଥିବା ବେଳେ ବାରଝୁଲା ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଗ୍ରାମରେ ମଦ ବିକ୍ରି ବନ୍ଦ ନେଇ ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ପରେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ ଅବକାରୀ ଅଧିକ୍ଷକ ପ୍ରବୀର ସାମଲଙ୍କୁ ତୁରନ୍ତ ଡକାଇ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## କୋଣାର୍କରେ ହେବ 'ସାହିତ୍ୟ ସଂସ୍କୃତି ସମାରୋହ'ର ବାର୍ଷିକ ଉତ୍ସବ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସାହିତ୍ୟ ସଂସ୍କୃତି ସମାରୋହ ଅନୁଷ୍ଠାନର ଏକ ରାଜ୍ୟ ସ୍ତରୀୟ ଆଭାଷୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତର ପ୍ରାୟ ସମସ୍ତ ରାଜ୍ୟର କବି କବୟିତ୍ରୀ ଯୋଗଦେଇ ନିଜର ମତାମତ ପ୍ରକାଶ କରିଥିଲେ । ପଞ୍ଚମ ବାର୍ଷିକ ଉତ୍ସବ ଓ ଚତୁର୍ଥ ଜାତୀୟ ସାହିତ୍ୟ ମହୋତ୍ସବ ପାଳନ ନିମନ୍ତେ ତୃତୀୟ ପ୍ରସ୍ତୁତି ବୈଠକ ଆଭାଷୀ ମାଧ୍ୟମରେ ସଭାପତି ଇଂ ଗୌରଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଓ ଜାତୀୟ ସାହିତ୍ୟ ମହୋତ୍ସବର ଅଧ୍ୟକ୍ଷ ବିଶିଷ୍ଟ କବି ଡଃ ଫନୀ ମହାନ୍ତିଙ୍କ ଦିଗ୍‌ଦର୍ଶନରେ ମହାସମାରୋହରେ ଆଭାଷୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ସାହିତ୍ୟ ସଂସ୍କୃତି ସମାରୋହ ଅନୁଷ୍ଠାନର ବହୁ ଆଗ୍ରହୀ ସଦସ୍ୟମାନଙ୍କ ସମେତ ୪ର୍ଥ ଜାତୀୟ ସାହିତ୍ୟ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ଯାଉଥିବା ରାଜ୍ୟର ଓ ରାଜ୍ୟ ବାହାରର ବହୁ ବିଶିଷ୍ଟ କବି ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ସଭାପତି ଇଂ ଗୌରଚନ୍ଦ୍ର ମହାପାତ୍ରଙ୍କ ଓ ସାହିତ୍ୟ ମହୋତ୍ସବର ଅଧ୍ୟକ୍ଷ ଡଃ ଫନୀ ମହାନ୍ତି ଏହି ଉତ୍ସବର ଅତିଥି ଭାବରେ ପ୍ରଖ୍ୟାତ ସାହିତ୍ୟିକ ଡଃ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସମେତ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଡଃ ପ୍ରଫୁଲ୍ଲ ମହାନ୍ତି, ଡଃ ବଂଶୀଧର ଷଡ଼ଙ୍ଗୀ, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷାର ଆବାହକ ବିଶିଷ୍ଟ କଥାକାର ଡଃ ଗୌରହରି ଦାସ, ସଦସ୍ୟ ଡ଼ ଅନ୍ତର୍ଯ୍ୟାମୀ ମିଶ୍ର, ବିଶିଷ୍ଟ ଡ଼ାକ୍ତର ଇନ୍ଦ୍ରମଣି ଜେନା, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ରତୁରାଜ, କିଟର ବିବେକ ଚାଟାର୍ଜୀ, ଶ୍ୟାମଳୀ ସେନଗୁପ୍ତ, ବିତସ୍ତା ଘୋଷାଲ ଇଂରାଜୀ ବିଭାଗର ମୁଖ୍ୟ ଡଃ ଚିତ୍ତରଞ୍ଜନ ଭୋଇ, ସମାଜର ପ୍ରକାଶକ ଓ ମୁଦ୍ରାକର ଡଃ ପ୍ରଭାସ ଆଚାର୍ଯ୍ୟ, ଉପଦେଷ୍ଟା ରାଜନେତା ଓ କବି ଡଃ ପ୍ରସନ୍ନ ପାଟ୍ଟଶାଣୀଙ୍କ ସମେତ ପଶ୍ଚିମ ବଙ୍ଗର ବିଶିଷ୍ଟ ବଙ୍ଗଳା କବି ବିକେ ଚାଟାର୍ଜୀ, ଶ୍ୟାମଳୀ ସେନଗୁପ୍ତ, ବିତସ୍ତା ଘୋଷାଲ ଡଃ ସୁନୀଲ ମାଜୀ, ଆସାମର ବିଶିଷ୍ଟ ଅସମୀୟା କବି ଦ୍ୱୀପ ରାଜ, ଡଃ ଜୟଶଙ୍କର ଦାଶ, ଯୋଗେଶ ଗୋଗୋଇ, ଝାଡ଼ଖଣ୍ଡର ସାନ୍ତାଳୀ କବି ଶ୍ୟାମଚରଣ ଟୁଡୁ, ସୁରେଶ ବିଶ୍ୱକର୍ମା, ତେଲୁଗୁ କବି ଏସ୍ ଗୀତାଞ୍ଜଳି, କନ୍ନଡ଼ କବି ନିର୍ମଳା ବଟାଲ, ନେପାଳର କବି ସଞ୍ଜିବ ଗୁରୁଙ୍ଗ, ସୁଦୂର ମ୍ୟାଲେସିୟାରୁ କଥାକାର ବୀଣାପାଣି ପ୍ରଧାନ ପ୍ରଭୃତି ଯୋଗଦାନ କରୁଛନ୍ତି ବୋଲି ଜଣାଇଥିଲେ ଓ ପରିଶେଷରେ ସଂପାଦକ ପ୍ରଣବ ଛୋଟରାୟ ପ୍ରତିବର୍ଷ ଭଳି ଚଳିତ ବର୍ଷ ହେବାକୁଥିବା ବାର୍ଷିକ ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କୁ ନିବେଦନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋରୁଗାଈଙ୍କ ଜୀବନ ନେଉଛି ଲମ୍ପି ସ୍କିନ୍:ବିପଦରେ ଗୋ-ସମ୍ପଦ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



**ସଂକ୍ରମଣକୁ ନେଇ ଭୟର ବାତାବରଣ**

ସମ୍ପ୍ରତି ରାଜ୍ୟର ଗୋସମ୍ପଦ ପାଇଁ ଏବେ ଘାତକ ହୋଇଛି ଲମ୍ପି ସ୍କିନ୍ ରୋଗ । ଏ ପର୍ଯ୍ୟନ୍ତ ଏହି ରୋଗ ପାଇଁ କୌଣସି ଟିକା ଉପଲବ୍ଧ ହୋଇନଥିବାରୁ ଗାଈ ଗୋରୁ ମାନଙ୍କ ନିରାକରଣ କରାଯାଇପାରୁନି । କିଛି ରୋଗୀଙ୍କୁ ଛେଳିଙ୍କ ପାଇଁ ଉଦ୍ଦିଷ୍ଟ ଗୋଟ୍ ପକ୍ସ ଦେଇ ଚିକିତ୍ସିତ କରାଯାଉଥିବା ବେଳେ ଆଉ କିଛିଙ୍କ କେବଳ ଭିଟାମିନ୍ ଔଷଧ ଦିଆଯାଉଛି । କେତେକାଂଶରେ ଏହା ଫଳପ୍ରଦ ହେଉଥିବା ବେଳେ ଅଧିକାଂଶ ଗୋରୁଙ୍କ କ୍ଷେତ୍ରରେ ଏହା କାମ କରୁନଥିବା ଅଭିଯୋଗ ହେଉଛି । ଏହି ରୋଗ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବ୍ୟାପିଛି । ଏବେ ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାରେ ଗାଈ ଓ ବଳଦମାନଙ୍କ କ୍ଷେତ୍ରରେ ମାତ୍ରାଧିକ ଦେଖାଯାଉଛି । ଗାଁ ଗହଳିରେ ଏବେ ଏହି ରୋଗ ମାତ୍ରାଧିକ ଭାବେ ବ୍ୟାପିବା ଯୋଗୁଁ ଗୋପାଳକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି । ରାଜ୍ୟରେ ଏବେ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଅଛନ୍ତି । ଏମାନଙ୍କ ମଧ୍ୟରେ ଗାଈ ଓ ବଳଦଙ୍କ ସଂଖ୍ୟା ସର୍ବାଧିକ । ତା ତଳକୁ ଛେଳି, ମେଣ୍ଢା ଆଦି ରହିଛନ୍ତି । ମାତ୍ର ଗାଈଙ୍କ କ୍ଷେତ୍ରରେ ଏବେ ଚର୍ମ ବିଣ୍ଡି ରୋଗ ବହୁ ପରିମାଣରେ ଦେଖାଯାଉଛି । ଏହି ରୋଗ ହେଲେ ପ୍ରଥମେ ଗାଈଙ୍କୁ ଜ୍ୱର ହେବା ସହ ଶରୀରରେ ଫୋଟକା ଭଳି ଫୁଲି ଯାଉଛି। ପରେ ଏସବୁ ଫୋଟକା ଫାଟି ଘା' ସୃଷ୍ଟି କରୁଛି । ଛେଳିମାନଙ୍କ ପାଇଁ ବ୍ୟବହାର ହେଉଥିବା ଗୋଟ୍ ପକ୍ସ ଟିକାକୁ ପରୀକ୍ଷାମୂଳକ ଭାବେ ଦିଆଯାଉଥିବା ବେଳେ ଏହା ସଠିକ୍ ଭାବେ କାମ କରୁନଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି । ଏହା ଏକ ବାୟୁବାହିତ ଓ ଭୂତାଣୁ ଜନିତ ରୋଗ ଏବଂ ମଶା, ମାଛି, ଡାଆଁସ ଦ୍ୱାରା ବ୍ୟାପୁଥିବା କ୍ରମଶଃ ଗୋଟିଏ ଗୁହାରୁ ଅନ୍ୟ ଜାଗାକୁ ସହଜରେ ବ୍ୟାପୁଛି । ଯେଉଁ ଗୋରୁମାନଙ୍କ ଠାରେ ରୋଗ ପ୍ରତିଶୋଧକ ଶକ୍ତି କମ୍ ରହୁଛି ସେହି ଗୋରୁମାନଙ୍କୁ ଏହି ରୋଗ ବିଶେଷ ଭାବେ ଆକ୍ରାନ୍ତ କରୁଛି । ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଈମାନଙ୍କୁ ପ୍ରଭାବିତ କରୁଛି । ରୋଗରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହେଉଛି । ସେହି ଗଣ୍ଠି ଫାଟି ରକ୍ତ ଝରୁଥିବା ଲକ୍ଷ୍ୟ କରାଯାଉଛି । ଏହି ରୋଗରେ ଆକ୍ରାନ୍ତ ପଶୁମାନଙ୍କ ପାଟିରୁ ନାଳ ଗଡୁଛି, ଖାଇବା ଛାଡ଼ି ଦେଉଛନ୍ତି ଓ ଘୁମାଇବା ସ୍ଥିତି ଦେଖାଯାଉଛି । ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ ଦିନ ପରେ ଆକ୍ରାନ୍ତ ଗୋରୁର ମୃତ୍ୟୁ ଘଟୁଛି । ପ୍ରାଣୀଧନ ଚିକିତ୍ସକଙ୍କ କହିବାନୁସାରେ, ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ପଶୁମାନେ ସପ୍ତାହକ ପରେ ସୁସ୍ଥ ହୋଇଯାଉଛନ୍ତି । ଅର୍ଥାତ୍ ରୋଗ ପ୍ରତିଶେଧକ ଶକ୍ତି ଅଧିକ ଥିବା ଗାଈ ବାଛୁରୀ ଏହି ରୋଗରେ ଆକ୍ରାନ୍ତ ହେଲେ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ରହୁଛି । ଏହି ସମୟରେ ଗୋ-ପାଳକମାନେ ସେମାନଙ୍କ ଗାଈଗୋରୁଙ୍କୁ ଭିଟାମିନ୍ ଯୁକ୍ତ ଖାଦ୍ୟ ଦେବାକୁ ସେ ପରାମର୍ଶ ଦେଉଛନ୍ତି । ଏତଦ୍‌ବ୍ୟତୀତ ଯେଉଁଠି ଡାକ୍ତର ପହଞ୍ଚିବାରେ ବିଳମ୍ବ ହେଉଛି ହଳଦୀ ଓ ଲିମ୍ବପତ୍ରକୁ ଆକ୍ରାନ୍ତ ଗୋରୁଗାଈଙ୍କ ଚର୍ମରେ ଲେପନ କରିବାକୁ ପରାମର୍ଶ ଦିଆଯାଇଛି ।



## ବଜାର ଜବରଦଖଲ ଉଚ୍ଛେଦ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ ଅନ୍ତର୍ଗତ ଓଳାଭର ବଜାରରେ ଜବର ଦଖଲକୁ ହଟାଇବା ପାଇଁ ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଉପଜିଲ୍ଲାପାଳଙ୍କୁ ଭେଟିଥିବା ଜଣାପଡିଛି । ଓଳାଭର ବଜାର ଜବରଦଖଲ ଥିବାରୁ ଆମ୍ବୁଲାନ୍ସ, ସ୍କୁଲଗାଡି, ଦମକଳ ଓ ବସ୍, ଟ୍ରକ୍ ଇତ୍ୟାଦି ଯାତାୟାତରେ ଅସୁବିଧା ହେବା ସହ ସ୍ଥାନୀୟ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଜବରଦଖଲ ଯୋଗୁ କଲେଜ ଛାତ୍ରଛାତ୍ରୀ ଯାତାୟାତ ସମୟରେ ଦୁର୍ଘଟଣାର ଶୀକାର ହେଉଛନ୍ତି । ଜବରଦଖଲ ମୁକ୍ତ କରିବାପାଇଁ ଜିଲ୍ଲା ପ୍ରଶାସନ ତାରିଖ ଧାର୍ଯ୍ୟ କରିଥିଲେ ମଧ୍ୟ କିଛି ବ୍ୟବସାୟୀ ଜବରଦଖଲକୁ ନହଟାଇବା ପାଇଁ କୋର୍ଟର ଆଶ୍ରୟ ନେଇଥିବା ଜଣାପଡିଛି । ତେବେ କୋର୍ଟର ସମୟସୀମା ଗଡିବା ପରେ ଏହି ଜବର ଦଖଲକୁ ମୁକ୍ତ କରିବା ପାଇଁ ପୁନଶ୍ଚ ଦାବି କରାଯାଇଛି ।

## ଆଡିବନ୍ଧ ନିର୍ମାଣ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚ ମାସ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଗଞ୍ଜାମ ଗସ୍ତ ସମୟରେ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଚାଷୀଙ୍କୁ ଆଡି ବନ୍ଧ ସାହାଯ୍ୟରେ ପାଣି ଜମାଟ କରି ସେଚନ ମାଧ୍ୟମରେ ଚାଷ ଜମିକୁ ଯୋଗାଇବା ପାଇଁ ଦାବି ପତ୍ର ଜଣାଇଥିଲେ। ଜାଗା ଗୁଡିକ ହେଲା ରତନୀ ପାହାଡ଼, କିଆ ନାଳ ବାହାଡା ପଲି, ଶତ୍ରୁଶୋଲ, ନନ୍ଦିଘର ଡିଆଁ ଡେଇଁ, ବଣ ଘାଇ ମଧୁରୁଚୁଆ, ମିଞ୍ଜିନି ପାଟଣା ରମ୍ଭା, ଜେଆରଜି ପୁର, ପାଲଙ୍ଗ ପଞ୍ଚାୟତ ପ୍ରମୁଖ ସେହି ଜାଗା ପରିଦର୍ଶନ କରାଯାଇଥିଲା। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ବିଜେପି ନେତା ବସନ୍ତ ନାହାକ, ରତ୍ନାକର ଦାସ ପ୍ରମୁଖ ସ୍ଥାନ ବୁଲି ଦେଖିଥିଲେ । ସେଠାରେ ଚାଷୀମାନଙ୍କୁ ଭେଟି ବୁଝିଥିଲେ ସୁଜୟ ନାୟକ, କରୁଣାକର ଦାସ, ଜୟସେନ ଦାସ, ରାଜେନ୍ଦ୍ର ଦାସ, ଆଦିକନ୍ଦ ଦାସ, କାମେଶ୍ୱର ନାହାକ, ପଦ୍ମସେନ ନାହାକ, ବନମାଳୀ ନାହାକ, ସି ଲକ୍ଷ୍ମଣ ପାତ୍ର, ସଞ୍ଜୟ ନାହାକ ଓ ପ୍ରବୀଣ ନାହାକ ପ୍ରମୁଖ ଉପସ୍ଥିତ ରହିଥିଲେ। ଗଞ୍ଜାମ ଜଳସେଚନ ବିଭାଗ ଉପ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ଆସିଥିବାରୁ ଚାଷୀଙ୍କ ମନରେ ଆନନ୍ଦର ସଞ୍ଚାର ଖେଳିଯାଇଛି।



## ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନ୍ ତରଫରୁ ଓଟିଏମ୍ ମୁଣ୍ଡାସାହିର ଅଗ୍ନି ବିପନ୍ନ ରତ୍ନାକର ସେଠୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଶ୍ରୀ ସେଠୀଙ୍କ ଘରେ ପହଞ୍ଚି ଆବଶ୍ୟକୀୟ ବାସନ କୁସନ, ସପ, ମଶାରୀ, ବେଡ଼ସିଟ୍, ଛତା, ବାଲ୍ଟି ଆଦି ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ରତ୍ନାକରଙ୍କ ଘରେ ନିଆଁଲାଗି ୨ ବଖରା ଚାଳଘର ସହିତ ସମସ୍ତ ସମାଗ୍ରୀ ପୋଡ଼ିଯାଇଥିଲା । ଆସୋସିଏସନ୍‌ର ସଭାପତି ସତ୍ୟବ୍ରତ ଦାସ, ଜୀବନେନ୍ଦୁ ଲେଙ୍କା, ଗୋକୁଳାନନ୍ଦ ସାହୁ, ପରୀକ୍ଷିତ ଲେଙ୍କା, ଦୀପକ ବେଉରା, ସଂଜୀବ ତିୱାରୀ, ପ୍ରଦୀପ ମହାପାତ୍ର, ଆଲୋକ ଦାସ, ଅଜିତ୍ ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ରଞ୍ଜିତ ବେଉରା, ରାଜେଶ ସେଠୀ, ଚିନ୍ମୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟ ନିୟମ ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ସଚେତନତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସୁବର୍ଣ୍ଣପୁର ଠାରେ "କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇଂରାଜୀରୁ ଆଞ୍ଚଳିକ ଭାଷାରେ ସୁପ୍ରିମକୋର୍ଟଙ୍କ ରାୟ" "କୋର୍ଟ ନିୟମ ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନ୍‌ଫରେନ୍ସିଂର ଲାଭ, ଯେଉଁଥିରେ ସିଭିଲ୍ ପ୍ରକ୍ରିୟା ଆଇନ୍ ଏବଂ ସିଭିଲ୍ ପ୍ରକ୍ରିୟା ମଧ୍ୟସ୍ଥତା ନିୟମ ଅନ୍ତର୍ଭୁକ୍ତ" ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଦିଲୀପ କୁମାର ବିଶ୍ୱାଳ, ପରିବାର ଅଦାଲତ ଜଜ୍ ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେବନି ଜଜ୍ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ୱଦେଶନା ପଟ୍ଟନାୟକ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମିସ୍ ପ୍ରଣତି ରଥ ପ୍ରମୁଖ ଯୋଗଦେଇଥିଲେ ଓ ପ୍ରାରମ୍ଭରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସୋନପୁର ମହାବିଦ୍ୟାଳୟର କମ୍ପ୍ୟୁଟରବିଜ୍ଞାନର ଅଧ୍ୟାପକ ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଲ ଯୋଗଦେଇ ଉପସ୍ଥିତ ସମମସ୍ତଙ୍କୁ ଅବଗତ କରିଥିଲେ ଓ ଏହି ଶିବିରରେ ଓକିଲ ସଂଘର ସଭାପତି ପ୍ରତାପ କୁମାର ପୁରୋହିତ, ସମ୍ପାଦକ ଗଦାଧର ନେଗୀ, ପ୍ୟାନେଲ ଓକିଲ ଚାମ୍ପେଶ୍ୱର ଥନାପତି, ଗୋପାଳ କୃଷ୍ଣ ମିଶ୍ର, ବାବୁଲାଲ ଦାସ, ବାଳକୃଷ୍ଣ ମିଶ୍ର, ତ୍ରିବିକ୍ରମ ମିଶ୍ର, ବ୍ରଜେନ୍ଦ୍ର କୁମାର ବିଶି, ଶ୍ରୀକାନ୍ତ ଦାସ ଏବଂ ଅନ୍ୟାନ୍ୟ ଓକିଲ ଏବଂ ଜିଲ୍ଲା ନ୍ୟାୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଫେବୃୟାରୀରେ ହେବ ବିଶ୍ୱଶାନ୍ତି ମହାଯଜ୍ଞ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଝାଡେଶ୍ୱର ପୀଠରେ ଆଗାମୀ ଫେବୃଆରୀ ମାସରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଲାଡ ଓ ହୁମ୍ମା ପଞ୍ଚାୟତର ୮ଟି ଗ୍ରାମକୁ ନେଇ ୧୫ ଦିନ ଧରି ଏହି ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ଗ୍ରାମ୍ୟ କମିଟି ସହ ଆଲୋଚନା କରାଯାଇ ଆୟୋଜନର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହା ସହ ଝାଡେଶ୍ୱର ପୀଠରେ ୪୦ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏହି ଶିଳାନ୍ୟାସ କରି ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀ ଓ ଜନପ୍ରତିନିଧିମାନେ ଝାଡେଶ୍ୱର ପୀଠକୁ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦେବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ବ୍ଲକ ପ୍ରତିନିଧି ବନୋଜ ନାହାକ, ଗଞ୍ଜାମ ବ୍ଲକ ପ୍ରତିନିଧି ମାନସ ନାହାକ, ମନ୍ଦିର ସଭାପତି କବିରାଜ ସ୍ୱାଇଁ, ହୁମ୍ମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ଜୟ ପ୍ରଧାନ, କୃଷ୍ଣଚନ୍ଦ୍ର ପଲାଇ ଏବଂ ଯୁବନେତା ଲିଙ୍ଗରାଜ ମହାପାତ୍ର ଉପସ୍ଥିତ ଥିଲେ ଓ ସଂଯୋଜନାରେ ସହଯୋଗ କରିଥିଲେ। ଏହି ମହାଯଜ୍ଞ ଓ କଲ୍ୟାଣ ମଣ୍ଡପ ନିର୍ମାଣ ଝାଡେଶ୍ୱର ପୀଠର ଆଧାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

## ଧାମନଗରରେ ଶୃଙ୍ଖଳାର ସହ ଗଣେଶ ପୂଜା ପାଳନ ପାଇଁ ନିଷ୍ପତ୍ତି



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗରରେ ଶାନ୍ତି ଶୃଙ୍ଖଳାର ସହ ଗଣେଶ ପୂଜା ପାଳନ ଲାଗି ପୋଲିସ ପ୍ରଶାସନ ପକ୍ଷରୁ ଏକ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଛି। ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅଧିନରେ ପୂଜା କରାଯାଉଥିବା ୩୦ ଗୋଟି ପୂଜା କମିଟି ମେମ୍ବର ମାନଙ୍କ ସହିତ ଶାନ୍ତି ଶୃଙ୍ଖଳାରେ ପୂଜା ପାଳନ ଲାଗି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ପାଳନ କରିବା ପାଇଁ କହିଥିଲେ। ରାସ୍ତା ଉପରେ ପୂଜା ପାଳନ ନକରିବା ଓ ଭସାଣି ଉତ୍ସବରେ ପଶ୍ଚିମ ବଙ୍ଗ ଡିଜେ ନବଜାଇବା ଲାଗି ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଗଣେଶ ପୂଜା ୨୭ ତାରିଖରୁ ଆରମ୍ଭ ହେଉଛି। ଏଣୁ ଭସାଣି ୩୧ ତାରିଖରୁ ଆରମ୍ଭ ହୋଇ ୭ ତାରିଖ ଭିତରେ ସାରିବା ପାଇଁ ସମସ୍ତ ପୂଜା କମିଟି ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଧାମନଗର ଅଞ୍ଚଳରେ ଉଭୟ ସମ୍ପ୍ରଦାୟର ଲୋକେ ରହୁଥିବାରୁ ବିଭିନ୍ନ ସମୟରେ ସାମାନ୍ୟ ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥାଏ। ଏହାକୁ ଲକ୍ଷ କରି ପ୍ରଶାସନ ପକ୍ଷରୁ ଗଣେଶ ପୂଜା ଭସାଣିରେ ପଶ୍ଚିମବଙ୍ଗ ଡିଜେ ସମ୍ପୂର୍ଣ୍ଣ ବ୍ୟାନ୍ କରିବା ସହ ସ୍ଲୋ ସାଉଣ୍ଡରେ ମଣ୍ଡପ ଗୁଡିକରେ ବଜାଇ ପୂଜା ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ବର୍ଷ ଧାମନଗର ଏନ୍‌ଏସିର ୧୪ ମେଢ଼ ଓ ଗ୍ରାମାଞ୍ଚଳରେ ୧୬ ମେଢ଼ ପୂଜା ପାଇଁ ପରମିସନ୍ ନେଇଥିଲେ। ଏହାକୁ ଲକ୍ଷ କରି ଏଥର ୨୫ ତାରିଖ ସୁଦ୍ଧା ସମସ୍ତ ପୂଜା କମିଟି ତାଙ୍କ ରେଜିଷ୍ଟ୍ରେସନ୍ କରିନେବାକୁ କହିଥିଲେ। ଏହାପରେ ବିଭିନ୍ନ ପୂଜା କମିଟି ନିଜର ଅଞ୍ଚଳର ସମସ୍ୟା ଗୁଡ଼ିକ କହିଥିଲେ। ସମସ୍ତ ପୂଜା ମଣ୍ଡପରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯିବ। ଶାନ୍ତି ଶୃଙ୍ଖଳା ଲାଗି ଭଦ୍ରକ ଏସ୍‌ପି ଧାମନଗର ପାଇଁ ସ୍ୱତନ୍ତ୍ର ଲକ୍ଷ ରଖିଛନ୍ତି। ବୈଠକରେ ବାସୁଦେବ ତ୍ରିପାଠୀ, ପ୍ରତାପ ସାମଲ, ମନୋରଞ୍ଜନ ମଲ୍ଲିକ, କୃଷ୍ଣଚନ୍ଦ୍ର ଜେନା, ବିରେନ୍ଦ୍ର ଜେନା, ଶୁଶାନ୍ତ ରାଉତ, ଏମ୍‌ଡି ଜିଲାନି, ସେକ୍ ଜାଫର ଅଲ୍ଲୀ, ଏମ୍‌ଡି ଇସରାଇଲ, ଜଗନ୍ନାଥ୍ ପ୍ରଧାନ, ଜ୍ଞାନରଞ୍ଜନ ମହାକୁଡ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ପାଇଁ ତାଲିମ୍ କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୁଲ୍ୟରେ ଜିଲ୍ଲାପରିଷଦ ବରଗଡ଼ ସହଯୋଗରେ ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ଗଠନ ପାଇଁ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିପିଡିଓ ବିନୟ କିଶୋର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଡ଼ିଓ ଭିସ୍ମଦେବ ମାଝୀ, ତାଲିମଦାତା ଭାବରେ ତପନ କୁମାର ପାତ୍ର ସୁରକ୍ଷା ଅଧିକାରୀ ଯୋଗଦେଇଥିଲେ । ସମାଜରେ ନାରୀ ଆଜି ବି ଅବହେଳିତ । ନାରୀ ଓ କିଶୋରୀ ଝିଅମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଜ୍ଞାନ ଯୁଗରେ ଆଜିବି ବହୁ ଜାଗାରେ ନାରୀ ଅସୁରକ୍ଷିତ । ନାରୀ ବଢ଼ିଲେ ଦେଶ ବଢେ। କିନ୍ତୁ ଦୁଃଖର ବିଷୟ ଆଜିବି ସମାଜରେ ବାଲ୍ୟ ବିବାହ ପରି କୁସଂସ୍କାର ଭରି ରହିଛି । ବାଲ୍ୟ ବିବାହ ଯୋଗୁ କମ୍ ବୟସରୁ ସାଂସାରିକ ଜୀବନରେ ବାନ୍ଧି ହୋଇ ନିଜର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେବା ସହ ନିଜର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇଥାନ୍ତି । ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଦୀର୍ଘଦିନ ଧରି ସରକାରୀ ସ୍ତରରେ ବିଭିନ୍ନ ପ୍ରୟାସ ଜାରି ରହିଥିଲେ ମଧ୍ୟ ସଚେତନତାର ଅଭାବ ଓ ପୁଅ ଝିଅଙ୍କ ମଧ୍ୟରେ ଥିବା ଅହେତୁକ ଭେଦ ଭାବ ଯୋଗୁ ସେପରି ଆଖିଦୃଶିଆ ସଫଳତା ମିଳିପାରୁନି । ତେବେ ସେହି ବାଲ୍ୟ ବିବାହ ପ୍ରଥାକୁ ରୋକିବା ପାଇଁ ହେଲେ ଗ୍ରାମାଞ୍ଚଳ ସ୍ତରରେ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି କହିବା ସହ ବିଭିନ୍ନ ପ୍ରକାର ଉଦାହରଣ ଦେଇ ଶ୍ରୀ ପାତ୍ର ତାଲିମ୍ ପ୍ରଦାନ କରିଥିଲେ । ଏବଂ ଯଦି ନିଜ ଅଞ୍ଚଳରେ ଏଭଳି ଘଟଣା ଘଟେ ତେବେ ତୁରନ୍ତ ଶିଶୁ ସହାୟତା କେନ୍ଦ୍ର ୧୦୯୮ରେ କଲ୍ କରି ଜଣାଇବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ୧୯ ଗୋଟି ଗ୍ରାମପଞ୍ଚାୟତର ସରପଞ୍ଚ, ପିଇଓ, ଶିକ୍ଷକ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ସିଆର୍‌ପି, ଅଙ୍ଗନୱାଡ଼ି କର୍ମୀ, ଉପସ୍ଥିତ ଥିଲେ ।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରକଳ୍ପ ଖୋଜୁଛି ବିଏମ୍‌ସି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆଉ କିଛି ଦିନ ପରେ ବ୍ରହ୍ମପୁର ମହାନଗର ନିଗମ ପାଳିବ ସ୍ୱାୟତ ଶାସନ ଦିବସ । ଏହାକୁ ନେଇ ନିଗମ ତରଫରୁ ତତ୍ପରତା ପ୍ରକାଶ ପାଇଛି । ବିଭିନ୍ନ ପ୍ରତିଯୋଗିତା ସହିତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଯାଇଛି । ସ୍ୱାୟତ ଶାସନ ଦିବସରେ ସହରବାସୀଙ୍କୁ ମହାନଗର ନିଗମ କଣ ଉପହାର ଦେବ, ତାହାକୁ ନେଇ ଉତ୍କଣ୍ଠା ଲାଗି ରହିଥାଏ । ପୂର୍ବରୁ ପ୍ରତି ବର୍ଷ ଭଳିକି ଭଳି ପ୍ରକଳ୍ପ ଉଦ୍‌ଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ ହେଉଥିଲା । କିନ୍ତୁ ଗତ କିଛି ବର୍ଷ ହେଲା ଏହି ଧାରାରେ ଯେମିତି ରୋକ୍ ଲାଗି ଯାଇଛି । ପୂର୍ବ ଭଳି ଆଉ ଭଲ ପ୍ରକଳ୍ପ ଦେଖିବାକୁ ମିଳୁନି । ଆସନ୍ତା ୩୧ ତାରିଖରେ ସ୍ୱାୟତ ଶାସନ ଦିବସ ପାଳନ ହେବାକୁ ଥିବା ବେଳେ ବର୍ତ୍ତମାନ ପ୍ରକଳ୍ପ ଖୋଜୁଛି ମହାନଗର ନିଗମ । ଗତ ୨୦୧୭ ମସିହାରେ ମହାନଗର ନିଗମର ୧୫୦ତମ ବର୍ଷର ସ୍ୱାୟତ ଶାସନ ଦିବସକୁ ମହାଆଡ଼ମ୍ବରରେ ପାଳନ କରାଯାଇଥିଲା । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାୟ ୨ଶହ କୋଟି ଟଙ୍କାର ପ୍ରକଳ୍ପ ଭିତିପ୍ରସ୍ତର ସ୍ଥାପନ ଏବଂ ଉଦ୍‌ଘାଟନ କରିଥିଲେ । ତାପର ବର୍ଷ ଅର୍ଥାତ୍ ୨୦୧୮ ମସିହାରେ ପ୍ରାୟ ୧୦୦ କୋଟି ଟଙ୍କାର ପ୍ରକଳ୍ପର ଭିତିପ୍ରସ୍ତର ଏବଂ ଉଦ୍‌ଘାଟନ କରାଯାଇଥିଲା । ଏହାପରେ ପରେ ଅର୍ଥାତ୍ ସେହି ବର୍ଷ ହିଁ ଅକ୍ଟୋବର ମାସରେ କର୍ପୋରେସନକୁ ଭାଙ୍ଗି ତତ୍କାଳନୀ ସରକାର । ଫଳରେ ମହାନଗର ନିଗମର ପରିଚାଳନା ଦାୟିତ୍ୱ ପ୍ରଶାସନଙ୍କ ହାତକୁ ଯାଇଥିଲା । ଜିଲ୍ଲାପାଳ ସାଜିଥିଲେ ମୁଖିଆ । ୨୦୧୯ ମସିହାରେ ସ୍ୱାୟତ ଶାସନ ଦିବସ ଅବସରରେ ମାତ୍ର ୬୦ କୋଟି ଟଙ୍କାର ପ୍ରକଳ୍ପ ରହିଥିଲା । ୨୦୨୦ ମସିହା ବେଳେ କରୋନା କଟକଣା ଲାଗି ଯାଇଥିଲା । ଏଣୁ କୌଣସି କାର୍ଯ୍ୟକ୍ରମ ଆୟୋଜନ ହେଲାନାହିଁ । ସମସ୍ତ ପ୍ରକାର ଉଦ୍‌ଘାଟନ ଏବଂ ଭିତିପ୍ରସ୍ତର ମଧ୍ୟ ବନ୍ଦ ହୋଇଯାଇଥିଲା । କରୋନାର ପ୍ରକୋପ କମିବା ପରେ ୨୦୨୧ ମସିହାରେ ପୁଣି ଥରେ ସ୍ୱାୟତ ଶାସନ ଦିବସ ପାଳନ କରାଯାଇଥିଲା । ହେଲେ ପୂର୍ବରୁ ଆଗ୍ରହ ଆଉ ଦେଖିବାକୁ ମିଳିଲାନାହିଁ । ତଥାପି ପ୍ରାୟ ୧୦ କୋଟି ଟଙ୍କାର ବିଭିନ୍ନ ପ୍ରକାର ପ୍ରକଳ୍ପ ସହରବାସୀଙ୍କୁ ଭେଟି ଦିଆଯାଇଥିଲା । ସେହିଭଳି ମିଶନଶକ୍ତି ଜରିଆରେ ୧୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୪ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ୨୦୨୨ ମସିହା ମହାନଗର ନିଗମର ନିର୍ବାଚନ ଅନୁଷ୍ଠିତ ହେଲା । ନବ ନିର୍ବାଚିତ ଜନ ପ୍ରତିନିଧିମାନେ ଦାୟିତ୍ୱ ସମ୍ଭାଳିଲେ । ମାର୍ଚ୍ଚ ମାସରେ ନିର୍ବାଚନ ହୋଇଥିଲେ ମଧ୍ୟ ଅଗଷ୍ଟରେ ପ୍ରଥମ କର୍ପୋରେସନ୍ ବୈଠକ ଅନୁଷ୍ଠିତ ହୋଇଥିଲା । ତଥାପି ସେହିବର୍ଷ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା । ଦୁଇ ଦିନ ଧରି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ବିଭିନ୍ନ ପୋଖରୀର ଉନ୍ନତିକରଣ, ମର୍ଦ୍ଧରାଜପୁର ଭେଣ୍ଡିଂଜୋନ୍ ସହିତ କ୍ରୀଡ଼ା ଭିତିଭୂମି ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଏଥିରେ ସାମିଲ କରାଯାଇଥିଲା । ହେଲେ ୨୦୨୩ ମସିହାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଲା । କୌଣସି ପ୍ରକଳ୍ପ ଉଦ୍‌ଘାଟନ କିମ୍ବା ଭିତିପ୍ରସ୍ତର ପଡ଼ିଲାନି । ଉତ୍ସବ ଅତ୍ୟନ୍ତ ଫିକା ପଡ଼ିଯାଇଥଲା । ଏହାକୁ ନେଇ ଅନେକ କର୍ପୋରେଟର ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ । ସେହିଭଳି ୨୦୨୪ ମସିହାରେ ମାତ୍ର ୫ କୋଟି ୩୮ ଲକ୍ଷ ଟଙ୍କାର ପ୍ରକଳ୍ପ ହିଁ ସହରବାସୀଙ୍କୁ ମିଳିଥିଲା । ଏଣୁ କ୍ରମାଗତ ଭାବେ ପ୍ରକଳ୍ପର ସଂଖ୍ୟା ମୂଲ୍ୟ ହ୍ରାସ ପାଉଥିବା ଯୋଗୁ ସ୍ୱାୟତ ଶାସନ ଦିବସ ପ୍ରତି ଆଗ୍ରହ ମଧ୍ୟ କମିବାରେ ଲାଗିଛି । ଚଳିତ ବର୍ଷ ମଧ୍ୟ ମହାନଗର ନିଗମ ପାଖରେ କୌଣସି ଆଖିଦୃଶିଆ ପ୍ରକଳ୍ପ ନାହିଁ । ଗତ ପ୍ରାୟ ଦେଢ଼ ବର୍ଷ ହେଲା ବଡ଼ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ । କେବଳ ଡ୍ରେନ୍ ଏବଂ ରାସ୍ତାକୁ ଛାଡ଼ିଦେଲେ ଆଉ ସେମିତି କୌଣସି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇନାହିଁ । ଏଭଳିସ୍ଥଳେ ଚଳିତ ବର୍ଷ ସ୍ୱାୟତ ଶାସନ ଦିବସରେ କଣ ପ୍ରକଳ୍ପ ଆସୁଛି ତାହାକୁ ସହରବାସୀଙ୍କ ଅପେକ୍ଷା ରହିଛି । ତେବେ ଚଳିତ ବର୍ଷ ମଧ୍ୟ ଭଲ ପ୍ରକଳ୍ପ ରହିଛି ବୋଲି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ କହିଛନ୍ତି ।

# ଅବସର ଘୋଷଣା କଲେ ଚେତେଶ୍ୱର ପୂଜାରା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ରବିବାର ଅବସର ଘୋଷଣା କରିଛନ୍ତି ଦେଶର ଅନ୍ୟତମ ଶ୍ରେଷ୍ଠ ଟେଷ୍ଟ ଖେଳାଳି ଚେତେଶ୍ୱର ପୂଜାରା । ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସେ ଅବସର ଘୋଷଣା କରିଛନ୍ତି । ୩୭ ବର୍ଷୀୟ ପୂଜାରା ୨୦୨୩ରେ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ୨୦୧୦ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଟେଷ୍ଟ ଡେବ୍ୟୁ କରିଥିଲେ ।

ପୂଜାରା ୧୦୩ଟି ଟେଷ୍ଟ ଖେଳିଥିବା ବେଳେ ୧୭୬ଟି ଇନିଂସରୁ ୪୩.୬୦ ହାରରେ ୭,୧୯୫ ରନ୍ କରିଛନ୍ତି । ତା' ମଧ୍ୟରେ ୧୯ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ରହିଛି । ୨୦୬ ନଟ୍ ଆଉଟ୍ ହେଉଛି ତାଙ୍କର ଟେଷ୍ଟରେ ବ୍ୟକ୍ତିଗତ ସର୍ବାଧିକ ରନ୍, ଯାହା ସେ ୨୦୧୨ରେ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ କରିଥିଲେ । ୫୦୦ ମିନିଟ୍‌ରୁ ଅଧିକ ସମୟ ଧରି ସେ କ୍ରିଜ୍‌ରେ ରହି ଏହି ସ୍କୋର କରିଥିଲେ ଓ ଏହା ଭାରତର ବିଜୟରେ ବଡ଼ ସହାୟକ ହୋଇଥିଲା ।

୭,୧୯୫ ରନ୍ ସହିତ ଭାରତୀୟ ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି ପୂଜାରା । ତାଙ୍କ ଉପରେ ଯଥାକ୍ରମେ ସୌରଭ ଗାଙ୍ଗୁଲି (୭୨୧୨), ବୀରେନ୍ଦ୍ର ସେହ୍ୱାଗ (୮୫୦୩), ଭିଭିଏସ୍ ଲକ୍ଷ୍ମଣ (୮୭୮୧), ବିରାଟ କୋହଲି (୯୨୩୦), ସୁନୀଲ ଗାଭାସ୍କର (୧୦,୧୨୨), ରାହୁଲ ଦ୍ରାବିଡ୍ (୧୩,୨୬୫) ଓ ସଚିନ ତେନ୍ଦୁଲକର (୧୫,୯୨୧) ରହିଛନ୍ତି ।

ପୂଜାରା ଦେଶ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ । ୨୦୧୩ରେ ଜିମ୍ବାୱେ ବିପକ୍ଷରେ ସେ ଦିନିକିଆ ଡେବ୍ୟୁ କରିଥିଲେ । ଏହି ଫର୍ମାଟରେ ସେ ତାଙ୍କ ଶେଷ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୨୦୧୪ରେ ଖେଳିଥିଲେ । ରାଜକୋଟରେ ଜନ୍ମିତ ପୂଜାରାଙ୍କୁ ବେଳେବେଳେ ଭାରତୀୟ ଟେଷ୍ଟର ଅନ୍ୟତମ ମହାନ ଖେଳାଳି ରାହୁଲ ଦ୍ରାବିଡ଼ଙ୍କ ସହିତ ତୁଳନା କରାଯାଏ । ତେବେ ପୂଜାରାଙ୍କ ନିଜସ୍ୱ ଶୈଳୀ ଥିଲା । କ୍ରିଜ୍‌ରେ ତାଙ୍କର ନିର୍ଭୀକ ଏକାଗ୍ରତା ପାଇଁ ସେ ବେଶ୍ ଜଣାଶୁଣା । ଯେତେବେଳେ ବି ଚେତେଶ୍ୱର ପୂଜାରାଙ୍କ ସଂପର୍କରେ ଆଲୋଚନା କରାଯାଏ, ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତର ଐତିହାସିକ ପ୍ରଥମ ଟେଷ୍ଟ ସିରିଜ୍ ବିଜୟକୁ ଉଲ୍ଲେଖ କରାଯାଏ । ଭାରତୀୟ ଟେଷ୍ଟ ଟିମ୍‌ର ଏହି ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ଚେତେଶ୍ୱର ପୂଜାରା । ଏହି ସିରିଜ୍‌ରେ ସେ ୧୨୫୮ଟି ବଲ୍‌ର ସମ୍ମୁଖୀନ ହୋଇ ୫୨୧ ରନ୍ କରିଥିଲେ । ତା' ମଧ୍ୟରେ ଥିଲା ୩ଟି ଶତକ । ତାଙ୍କର ଏହି ପ୍ରଦର୍ଶନକୁ ତାଙ୍କର ଅବସର ଘୋଷଣା ପରେ ପୁଣି ମନେ ପକାଇଛନ୍ତି ସଚିନ ତେନ୍ଦୁଲକର । ପୂଜାରାଙ୍କ ଉଦ୍ଦେଶ୍ୟରେ ସଚିନ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଆପଣଙ୍କ ବ୍ୟାଟିଂ ଶୈଳୀ, ଧୈର୍ଯ୍ୟ ଓ ଚାପ ସମୟରେ ଏକାଗ୍ରତା ଟିମ୍ ପାଇଁ ଖୁଣ୍ଟ ସାଜିଥାଏ । ଏହାର ଅନେକ ଉଦାହରଣ ଥିବା ବେଳେ ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ ହେଉଛି ସେଥିରୁ ଗୋଟିଏ । ଆପଣଙ୍କ ମ୍ୟାଚ୍ ୱିନିଙ୍ଗ ରନ୍ ବିନା ତାହା ସମ୍ଭବ ହୋଇ ନଥା'ନ୍ତା । ତେବେ ୨୦୨୩ ପର ଠାରୁ ପୂଜାରା ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇ ରହିଯାଇଥିଲେ । କାରଣ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଜୋର ଦେଇଥିଲା ।



ଅବସର ଘୋଷଣା କରି ଚେତେଶ୍ୱର ପୂଜାରା ସୋସିଆଲ ମିଡିଆରେ କରିଥିବା ପୋଷ୍ଟରେ ଲେଖିଛନ୍ତି ଯେ ସେ ଭାରତୀୟ କ୍ରିକେଟ ଟିମ୍‌ର ଅଂଶ ହେବାକୁ ସ୍ୱପ୍ନ ଦେଖିଥିଲେ । କିନ୍ତୁ ସେ ଜାଣି ନଥିଲେ ସେ ଏହି ଖେଳ ତାଙ୍କୁ ଏତେ ଜିନିଷ ଦେବ । ତାଙ୍କୁ ଅମୂଲ୍ୟ ସୁଯୋଗ ମିଳିଛି । ଅଭିଜ୍ଞତା ମିଳିଛି । ଭଲ ପାଇବା ମିଳିଛି । ସବୁଠୁ ବଡ଼ କଥା ତାଙ୍କୁ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିଛି । ଯେତେଥର ସେ ପଡ଼ିଆକୁ ଓହ୍ଲାଇଛନ୍ତି, ସବୁଥର ନିଜର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଛନ୍ତି । ତେବେ ସବୁ ଭଲ ଜିନିଷର ମଧ୍ୟ ଶେଷ ଥାଏ । ପ୍ରଚୁର କୃତଜ୍ଞତାର ସହିତ ସେ ଭାରତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି ।

ସୁଯୋଗ ଦେଇଥିବାରୁ ଓ ପୂରା କ୍ରିକେଟ କ୍ୟାରିୟରରେ ସମର୍ଥନ କରିଥିବାରୁ ବିସିସିଆଇ ଓ ସୌରାଷ୍ଟ୍ର କ୍ରିକେଟ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି ପୂଜାରା । ତା'ସହିତ ସେ ତାଙ୍କର ସମସ୍ତ ମେଣ୍ଟର ଓ କୋଚ୍‌ଙ୍କ ସହିତ ଟିମ୍‌ମେଟ୍, ସପୋର୍ଟ ଷ୍ଟାଫ, ନେଟ୍ ବୋଲର, ସମୀକ୍ଷକ, ଅମ୍ପାୟାର, ଗ୍ରାଉଣ୍ଡ ଷ୍ଟାଫ, ସ୍କୋରର ଓ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି ।

ଫ୍ୟାନ୍‌ମାନଙ୍କୁ ଧନ୍ୟବାଦ ଦେବାକୁ ଭୁଲି ନାହାନ୍ତି ପୂଜାରା । ତା'ସହିତ ସେ ତାଙ୍କ ବାପାମା', ପତ୍ନୀ ପୂଜା, ଝିଅ ଅଦିତି, ଶାଶୂ-ଶ୍ୱଶୁର ଓ ବନ୍ଧୁବାନ୍ଧବଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ସେମାନେ ତାଙ୍କର ଏହି ଯାତ୍ରାକୁ ପ୍ରକୃତରେ ମୂଲ୍ୟବାନ କରିଛନ୍ତି ବୋଲି ଲେଖିଛନ୍ତି ପୂଜାରା ।

## ଫୁଟବଲ୍ ମ୍ୟାଚ୍ ବେଳେ ପଡ଼ିଆରେ ଟଳିପଡ଼ିଲେ ଖେଳାଳି

**ଦେବଗଡ଼**



ଫୁଟ୍‌ବଲ୍ ମ୍ୟାଚ୍ ଚାଲିଥିବା ବେଳେ ପଡ଼ିଆରେ ଟଳି ପଡ଼ିଲେ ଜଣେ ଖେଳାଳି । ଘଟଣାଟି ଘଟିଛି ଦେବଗଡ଼ ସହରରେ । ମୃତକଙ୍କ ନାଁ ପ୍ରକାଶ ନାୟକ ।

ସହରର ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଚାଲିଥିବା କାଉନସିଲର କପ୍‌ରେ ଘଟିଛି ଏହି ଅଘଟଣ । ରବିବାର ଦେବଗଡ଼ ପୌରାଞ୍ଚଳର ୨ ନଂ ଓ ୭ ନଂ ୱାର୍ଡ ମଧ୍ୟରେ ଚାଲିଥିଲା ମୁକାବିଲା । ଖେଳ ଆଗେଇ ଚାଲିଥିବା ବେଳେ ହଠାତ୍ ପଡ଼ିଆରେ ପଡ଼ିଯାଇଥିଲେ ୨ ନଂ ୱାର୍ଡର ପ୍ରକାଶ ନାୟକ । ଆଉ ଉଠି ନଥିଲେ । ତାଙ୍କୁ ସେଠାରୁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

ପ୍ରକାଶଙ୍କ ମୃତ୍ୟୁ କେମିତି ହେଲା, ତାହା ସ୍ପଷ୍ଟ ହୋଇପାରିନାହିଁ । ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି । ଅନ୍ୟପକ୍ଷରେ ମ୍ୟାଚ୍ ବେଳେ ସେଠାରେ ଏମର୍ଜେନ୍ସୀ ପାଇଁ ଆମ୍ବୁଲାନ୍ସଟିଏ ନଥିଲା । ସେଥିପାଇଁ ଦେବଗଡ଼ ମ୍ୟୁନିସିପାଲିଟି ଓ ଜିଲ୍ଲା କ୍ରୀଡ଼ା ସଂଘକୁ ଲୋକେ ସମାଲୋଚନା କରୁଛନ୍ତି । କାରଣ ସ୍ୱାୟତ୍ତ ଶାସନ ଦିବସ ପାଇଁ ଦେବଗଡ଼ ମ୍ୟୁନିସିପାଲିଟି ଏହି କପ୍ ଆୟୋଜନ କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ସଂଘ ଏହାର ପରିଚାଳନା କରୁଛି । ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି କପ୍ ଆସନ୍ତା ୩୦ ତାରିଖରେ ଶେଷ ହେବ ।

## କୁଚିଣ୍ଡା ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ

**କୁଚିଣ୍ଡା : ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପଞ୍ଚମ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋସ୍ନା ପ୍ରିୟା ବେହେରା ଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ ରଞ୍ଜନ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷା ସଂକୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କିରମିରା ଅଧ୍ୟକ୍ଷ ଅରବିନ୍ଦ ସିଂ, ଅଧ୍ୟକ୍ଷ ଲହୁଣୀପଡ଼ା ଶୀତଳ ପ୍ରସାଦ, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁବୋଧ ନାଏକ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଜୟନ୍ତ କୁଆଁ, କୁଚିଣ୍ଡା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଜିବନ ପ୍ରତାପ୍ ଟପୋ, ଏସଏସଡି ବିଦ୍ୟାଳୟ ଭୋଜପୁର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା, ପୂର୍ବତନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଚକ୍ରଧର ମାଝୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ରାଜ୍ୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ମା' ସମଲେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା କରି ଉଦଘାଟନ କରିଥିଲେ ଏବଂ ପିଲାମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ଏହି କ୍ରିଡ଼ା ପ୍ରତିଯୋଗିତାର ମାଧ୍ୟମରେ ହିଁ ବିକଶିତ ହୋଇଥାଏ ବୋଲି ମଞ୍ଚାସୀନ ଅତିଥି ମାନେ ତାଙ୍କ ବକ୍ତବ୍ୟରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଉଜ୍ଜ୍ୱଳ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରାଧା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସ୍ତରୀୟ ଖେଳ ପ୍ରତିଯୋଗିତାରେ ଓଡ଼ିଶାର ୩୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନଙ୍କରୁ ୩୪୬ ଜଣ ଛାତ୍ରୀ ସହିତ ସ୍ଥାନୀୟ ବିଦ୍ୟାଳୟ ର ଛାତ୍ରୀମାନେ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ୪୬ ଜଣ ଶିକ୍ଷକ ଏବଂ ୨୫ ଜଣ ଖେଳ ଶିକ୍ଷକ ନିୟୋଜିତ ହୋଇଛନ୍ତି । ଏହି ସମସ୍ତ ପ୍ରତିଯୋଗିତାକୁ ସାହେରା ଖାତୁନ ଏବଂ ରିୟାସତ ଅଲ୍ଲୀ ସଂଚାଳନ କରିଥିଲେ । ତିନି ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ୧୦ ଗୋଟି ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିବାବେଳେ ସନ୍ଧ୍ୟା ସମୟରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ହେଡ୍, ମାର୍ଶ, ଗ୍ରୀନଙ୍କ ଶତକ: ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ମ୍ୟାକେ**

ଟ୍ରାଭିସ୍ ହେଡ୍, ଅଧିନାୟକ ମିଚେଲ ମାର୍ଶ ଓ କାମେରନ ଗ୍ରୀନଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୨୭୬ ରନର ବିଶାଳ ବ୍ୟବଧାନରେ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌କୁ ଜିତି ନେଇଛି । ଏହା ଦକ୍ଷିଣ ଆଫ୍ରିକା ଲାଗି ଦିନିକିଆ ଫର୍ମାଟରେ ସର୍ବବୃହତ୍ ପରାଜୟ । ଏହି ପରାଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୨-୧ ବ୍ୟବଧାନରେ ସିରିଜ୍ ହାତେଇଛି । ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକା ପାଇଁ କ୍ରମାଗତ ପଞ୍ଚମ ସିରିଜ୍ ବିଜୟ । ଅଷ୍ଟ୍ରେଲିଆ ଦ୍ୱାରା ପ୍ରଦତ୍ତ ୪୩୨ ରନର ବିଶାଳ ଟାର୍ଗେଟ ଆଗରେ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ୧୫୫ ରନରେ ଅଲଆଉଟ୍ ହୋଇଯାଇଥିଲା । ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ କେଶବ ମହାରାଜ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି ।



ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ହେଡ୍ ଓ ଅଧିନାୟକ ମାର୍ଶ ପ୍ରଥମ ଉଇକେଟରେ ୨୫୦ ରନ୍ ଯୋଡ଼ିଥିଲେ । ହେଡ୍ ୧୦୩ ବଲରେ ୧୪୨ (୧୭ ଚୌକା ଓ ୫ ଛକା) ଓ ମାର୍ଶ ୧୦୬ ବଲରେ ୧୦୦ (୬ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ । ଏହା ହେଡ୍‌ଙ୍କ ଲାଗି ସପ୍ତମ ଓ ମାର୍ଶଙ୍କର ଚତୁର୍ଥ ଦିନିକିଆ ଶତକ ଥିଲା ।

ଏହାପରେ ଗ୍ରୀନ ଓ ଆଲେକ୍ସ କାରେ ତୃତୀୟ ଉଇକେଟ ପାଇଁ ୧୩.୩ ଓଭରରେ ୧୬୪ ରନ ଯୋଡ଼ିଥିଲେ । ଗ୍ରୀନ ୫୫ ବଲରେ ୧୧୮ (୬ ଚୌକା ଓ ୮ ଛକା) ଓ କାରେ ୩୭ ବଲରେ ୫୦ (୭ ଚୌକା) ରନ କରି ଅପରାଜିତ ରହିଥିଲେ । ଫଳରେ ଅଷ୍ଟ୍ରେଲିଆ ୫୦ ଓଭରରେ ୨ ଉଇକେଟ ହରାଇ ୪୩୧ ରନ କରିଥିଲା ।

ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ୧୫୫ ରନରେ ଅଲଆଉଟ୍ ହୋଇଯାଇଥିଲା । ଦଳ ପାଇଁ ଡେୱାଲ୍ଡ ବ୍ରେଭିସ ୪୯ (୨ ଚୌକା ଓ ୫ ଛକା) ଓ ଟୋନି ଡି ଜର୍ଜି ୩୩ (୬ ଚୌକା) ରନ କରିଥିଲେ । ଅଷ୍ଟ୍ରେଲିଆ ଲାଗି କୁପର କନୋଲି ୫ ଉଇକେଟ ସଫଳତା ହାତେଇଥିବା ବେଳେ ଜାଭିର ବାର୍ଟଲେଟ୍ ଓ ସିନ ଆବଟ ୨ ଲେଖାଏଁ ଉଇକେଟ ନେବାରେ ସକ୍ଷମ ହୋଇଥିଲେ ।

## କେରଳରେ ହେବ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ : ଖେଳିବ ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା

**କୋଚି**

ଆସନ୍ତା ନଭେମ୍ବରରେ କେରଳରେ ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ଏ ନେଇ ଆର୍ଜେଣ୍ଟିନା ପକ୍ଷରୁ ଘୋଷଣା କରାଯାଇଛି । ଏହି ମ୍ୟାଚ୍ ନଭେମ୍ବର ୧୦ରୁ ୧୮ ମଧ୍ୟରେ କୋଚି କିମ୍ବା ଥିରୁଭାନନ୍ତପୁରମରେ ଖେଳାଯାଇ ପାରେ । ମ୍ୟାନେଜର ଲିଓନେଲ ସ୍କାଲୋନିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଜାତୀୟ ଦଳ ଚଳିତ ବର୍ଷ ଦୁଇ ପର୍ଯ୍ୟାୟରେ ଫିଫା ଫ୍ରେଣ୍ଡଲୀ ମ୍ୟାଚ୍ ଖେଳିବ । ପ୍ରଥମ ପର୍ଯ୍ୟାୟ ଅକ୍ଟୋବରରେ ୬ରୁ ୧୪ ମଧ୍ୟରେ ଆମେରିକାରେ ଖେଳାଯିବ । ଏହି ମ୍ୟାଚ୍‌ଗୁଡ଼ିକ ଲାଗି ପ୍ରତିପକ୍ଷ ଦଳ ଓ କେଉଁ ସହରରେ ମ୍ୟାଚ୍ ଖେଳାଯିବ ତାହା ନିର୍ଦ୍ଧାରଣ ହୋଇପାରି ନାହିଁ ।

ଦ୍ୱିତୀୟ ପର୍ଯ୍ୟାୟ ଫ୍ରେଣ୍ଡଲୀ ମ୍ୟାଚ୍ ନଭେମ୍ବରରେ ୧୦ରୁ ୧୮ ମଧ୍ୟରେ ଲୁଆଣ୍ଡା, ଆଙ୍ଗୋଲା ଓ କେରଳରେ ହେବ । ଏଥିଲାଗି ଏପର୍ଯ୍ୟନ୍ତ ପ୍ରତିପକ୍ଷ ଦଳ ଧାର୍ଯ୍ୟ ହୋଇ ନାହାନ୍ତି । ଏ ସମ୍ପର୍କରେ କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରହିମାନ କହିଛନ୍ତି, ଲିଓନେଲ ମେସିଙ୍କ ନେତୃତ୍ୱରେ ବିଶ୍ୱକପ୍ ଜିତିଥିବା ଆର୍ଜେଣ୍ଟିନା ଦଳ କେରଳରେ ନଭେମ୍ବରରେ ଏକ ଫ୍ରେଣ୍ଡଲୀ ମ୍ୟାଚ୍ ଖେଳିବ । ଏଥିଲାଗି ଆର୍ଜେଣ୍ଟିନା ଫୁଟବଲ ଆସୋସିଏଶନକୁ ଆମେ ଧନ୍ୟବାଦ୍ ଦେଉଛୁ । ଏହା କେରଳ ଫୁଟବଲ ଓ ପୂରା କ୍ରୀଡ଼ା ବିଭାଗ ଲାଗି ଐତିହାସିକ ମୁହୂର୍ତ୍ତ ।

## ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତା : ରଞ୍ଜନ ଓ ରଜଙ୍କୁ ସ୍ୱର୍ଣ୍ଣ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପାରା ସ୍ପୋର୍ଟସ ଆସୋସିଏସନ, ଓଡ଼ିଶା ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତି-ଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଦୁଇ ତାରକା ରଞ୍ଜନ ହାଁସଦା ଓ ରଜ ମାର୍ଣ୍ଡି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଓ ରଞ୍ଜନ ୧୦୦ ମିଟର, ୨୦୦ ମିଟର ଦୌଡ଼ ସହ ଲମ୍ଫଡ଼ିଆଁରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ରଜ ମାର୍ଣ୍ଡି ସଟ୍‌ପୁଟ୍ ଓ ଡିସ୍କସ୍ ଥ୍ରୋରେ ପ୍ରଥମ ସ୍ଥାନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଉଭୟ ଖେଳାଳି ଜାତୀୟ ସ୍ତରୀୟ ପାରା ଆଥ୍‌ଲେଟକ୍ ମିଟ୍‌ରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି । ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ଶୁଭକାମନା ଜଣାଇଛନ୍ତି । ତତ୍‌ସହିତ ବିଭିନ୍ନ ମହଲରୁ ଉଭୟଙ୍କ ପାଇଁ ଅଭିନନ୍ଦନର ସୁଅ ଛୁଟିଛି । ପ୍ରକାଶ ଥାଉକି ବାରିପଦାର ରଞ୍ଜନ ଓ ଉଦଳାର ରଜ ଉଭୟେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଜର ପ୍ରତିଭା ବଳରେ ଜାତୀୟ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି ।

## ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ

## ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ସହିତ ଉପଯୁକ୍ତ ପୋଷଣ ଦେବାର ବ୍ୟବସ୍ଥା ଜରୁରୀ : ଧର୍ମେନ୍ଦ୍ର

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପାଠ ପଢିବାକୁ ସୁଯୋଗ ଦେବା ସହ ଶିକ୍ଷକଙ୍କୁ ସମ୍ମାନର ସହ ବଞ୍ଚିବାର ବ୍ୟବସ୍ଥା କରିବା ହେଉଛି ଓଡ଼ିଆ ଅସ୍ମିତାର ଅର୍ଥ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ସହିତ ସମାଜ ମଧ୍ୟ ଶିକ୍ଷାର ବିକାଶ ଦିଗରେ ଦାୟିତ୍ୱ ତୁଲାଇବାକୁ ପଡ଼ିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍ସା କଲିଜିଏଟ୍ ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ସହିତ ଉପଯୁକ୍ତ ପୋଷଣ ଦେବାର ବ୍ୟବସ୍ଥା କରିବା ଜରୁରୀ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡାଙ୍କ ପୌରୋହିତ୍ୟରେ ସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟିକା ସୋଫିଆ ଫିରଦୋସ, ବିଶିଷ୍ଟ ଅତିଥି ପଦ୍ମଶ୍ରୀ ଡକ୍ଟର ଶ୍ୟାମାମଣୀ ଦେବୀ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ନରେନ୍ଦ୍ର କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପୁରାତନ ଛାତ୍ର ସଂସଦର ୱେବ୍‌ସାଇଟ୍‌କୁ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଉତ୍ସବରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଶିକ୍ଷା ଜ୍ୟୋତି ସମ୍ମାନ ପ୍ରଦାନ କରାଯିବା ସହ ସ୍କୁଲର ପୁରାତନ ଛାତ୍ର ଜଷ୍ଟିସ ପ୍ରଦୀପ କୁମାର ମହାନ୍ତି, ଜଷ୍ଟିସ ଆଦିତ୍ୟ ମହାପାତ୍ର, ପ୍ରଫେସର ପ୍ରଭାତ କୁମାର ନନ୍ଦ, ଡକ୍ଟର ଜ୍ଞାନେନ୍ଦ୍ରନାଥ ମହାନ୍ତି, ସୁରେଶଚନ୍ଦ୍ର ମହାନ୍ତି, ରୁଦ୍ରନାରାୟଣ ପାଣି, ରାମାଶିଷ ହାଜରା, ଭାଲଚନ୍ଦ୍ର ମହାନ୍ତି, ଡକ୍ଟର ସୂର୍ଯ୍ୟ ନାରାୟଣ ଦାସଙ୍କୁ କୃତିବିଦ୍ୟା ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ପୁରାତନ ଛାତ୍ର ବିଭୂ ପ୍ରସାଦ ତ୍ରିପାଠୀ, ହରିହର ସେନ୍ ଓ ସଂଜୀବ କୁମାର ଜେନାଙ୍କୁ ବିଦ୍ୟାମିତ୍ର ସମ୍ମାନରେ ସମ୍ମାନିତ କରାଯାଇଛି । ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ କୃତିବିଦ୍ୟା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ତାଙ୍କ ଝିଅ ବିଧାୟିକା ସୋଫିଆ ଫିରଦୋସଙ୍କୁ ଏହି ସମ୍ମାନ ଦିଆଯାଇଥିଲା । ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବରଗଡ଼ ମହିଳା ସମିତି ଆନନ୍ଦ ସେବା ସଦନକୁ ପହଞ୍ଚାଇଲା ନୂଆଖାଇ ଅଡ଼ିଆ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଭେଡେନ ବ୍ଲକ ପପଙ୍ଗା ସ୍ଥିତ ବୃଦ୍ଧାଶ୍ରମ, ଗୋଶାଳା ଓ ଅନାଥାଶ୍ରମର ସମ୍ମିଳିତ ଆଶ୍ରମ ଆନନ୍ଦ ସେବାଶ୍ରମକୁ ବରଗଡ଼ ମହିଳା ସମିତି ନୂଆଖାଇ ଅଡ଼ିଆ ପହଞ୍ଚାଇଥିଲେ । ସେଠାରେ ଥିବା ୩୦ ଜଣ ଅନ୍ତେବାସୀ ପୁରୁଷ, ମହିଳା, ବାଳିକା ଓ ଶିଶୁଙ୍କ ପାଇଁ ଶାଢ଼ୀ, ଧୋତି, ଗାମୁଛା, ସାର୍ଟ, ସଲୱାର, ଶିଶୁ ଡ୍ରେସ୍ ସାଙ୍ଗକୁ ନୂଆଖାଇ ପାଇଁ ଆବଶ୍ୟକ ସମସ୍ତ ରାସନ ସାମଗ୍ରୀ ଓ ପନିପରିବା ଭେଟି ପ୍ରଦାନ କରିଥିଲେ । ସଂଘର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଳା ଦାଶ ଓ କୋଷାଧ୍ୟକ୍ଷ ମମତା ମିଶ୍ରଙ୍କ ନେତୃତ୍ୱରେ ସମିତିର ୩୦ ଜଣ ସଦସ୍ୟା ଆନନ୍ଦ ସେବା ସଦନ ପରିଦର୍ଶନ ପୂର୍ବକ ସମସ୍ତଙ୍କୁ ନୂଆବସ୍ତ୍ର ଓ ଅଡ଼ିଆ ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳରେ ସୁନିତା, ମନ୍ଦାକିନୀ, ସସ୍ମିତା, କନକ, ମଞ୍ଜୁ, ବାସନ୍ତୀ, ମୀନା, କବିତା, ସବିତା, ରାନି, କମଳିନୀ, ଜୟଗୀତା, ବୀଣାପାଣି, ଶୈବଳିନି, ଗୀତା, ଜୟଶ୍ରୀ, ନିବେଦିତା, ମୀନାକ୍ଷୀ, ସଂଗୀତା, ସ୍ୱାଧିନୀ, ହାରଜିନ୍ଦର, ଦେବକୀ, ବିନୋଦିନୀ, ପ୍ରଣତି, ମଞ୍ଜୁ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ତେବାସୀ ଗଣ ନୂଆଖାଇ ଅଡ଼ିଆ ପାଇ ବେଶ୍ ଖୁସି ବ୍ୟକ୍ତ କରିଥିଲେ । ଆଶ୍ରମର ପରିଚାଳକ ଆନନ୍ଦ ସେଠ୍ ବରଗଡ଼ ମହିଳା ସମିତିକୁ ଧନ୍ୟବାଦ ଜଣାଇଥିଲେ ।

## ବଳଦେବଜୀୟୁ ମନ୍ଦିର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ସମୀକ୍ଷା

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କରଣ କାର୍ଯ୍ୟ ନିମନ୍ତେ ଏକ ବୈଠକ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଆଜି ମନ୍ଦିର କାର୍ଯ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଆର୍କିଟେକଚର ସ୍ୱାଗତ କୁମାର ଜେନା ପ୍ରସ୍ତାବିତ କାର୍ଯ୍ୟର ଡିଜାଇନ୍‌କୁ ଉପସ୍ଥାପିତ କରିବାସହ ବିସ୍ତୃତ ଆଲୋଚନା କରାଯାଇଥିଲା । ପରେ ଜିଲ୍ଲାପାଳ ଅନ୍ୟମାନଙ୍କ ସହ ମନ୍ଦିର ଓ ପାର୍କ, ବିବାହ ମଣ୍ଡପ, ଚନ୍ଦନ ପୁଷ୍କରିଣୀ, ଏଣ୍ଡାମେଣ୍ଟ କାର୍ଯ୍ୟାଳୟ ଓ ସଂଲଗ୍ନ



ପରିସର, ମନ୍ଦିର ସମ୍ମୁଖ ଦାଣ୍ଡ ଓ ଅନ୍ୟାନ୍ୟ ସ୍ଥାନକୁ ସରଜମିନ୍ ଅନୁଧ୍ୟାନ କରି ପ୍ରସ୍ତାବିତ ଉନ୍ନତିକରଣ କାର୍ଯ୍ୟ ସଂପର୍କରେ ପଚାରି ବୁଝିଥିଲେ । ଏହାର ଚୂଡା଼ନ୍ତ ରୂପରେଖ ଶିଘ୍ର ସାରି ଏକ ଡି.ପି.ଆର. ପ୍ରସ୍ତୁତ ହେବାପରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇ ଅଟକଳ ମୁତାବକ ପାଣ୍ଠି ମଂଜୁର ହେବ । ଉକ୍ତ ସମିକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟବୋର୍ଡ ସଭାପତି ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଟ୍ରଷ୍ଟବୋର୍ଡ ସଭ୍ୟ ନୃସିଂହ ପ୍ରସାଦ ପତ୍ରୀ, ପଣ୍ଡିତ ହୃଷୀକେଶ ରଥ, ସଭ୍ୟତଥା ପୂର୍ବତନ ନଗରପାଳ ଧିରେନ୍ କୁମାର ସାହୁ, ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ତ୍ତବିଭାଗ କେନ୍ଦ୍ରାପଡା ଡିଭିଜ –୧ ର ଅଧିକ୍ଷଣଯନ୍ତ୍ରୀ ରତିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ହସ୍ପିଟାଲ ଛାତରୁ ଖସିଲା ପ୍ଲାଷ୍ଟର : ଅଳ୍ପକେ ବର୍ତ୍ତିଲେ ରୋଗୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପିଆରଏମ୍ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ରକ୍ଷଣାବେକ୍ଷଣ ଅଭାବରୁ ହସ୍ପିଟାଲର ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିବା ବେଳେ ଚିକିତ୍ସିତ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଜିଲ୍ଲାର ସଦର ମହକୁମା ବାରିପଦା ସ୍ଥିତ ପଣ୍ଡିତ୍ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ପୁରୁଷ ସର୍ଜିକାଲ ୱାର୍ଡରେ ଉକ୍ତ ଘଟଣା ଘଟିଛି । ଶଶଧର ବାରିକ ନାମକ ବ୍ୟକ୍ତି ଜଣକ ଅସ୍ତ୍ରୋପଚାର ହୋଇଥିବା ବେଳେ ୱାର୍ଡର ୮ନମ୍ବର ବେଡ଼ରେ ଥିଲେ । ରବିବାର ପୂର୍ବାହ୍ନ ସମୟରେ ହଟାତ ହସ୍ପିଟାଲ ଛାତରୁ ପ୍ଲାଷ୍ଟର ଖସି ପଡିଥିଲା । ତେବେ ଭାଗ୍ୟବଶତଃ ପ୍ଲାଷ୍ଟର ଖଣ୍ଡଟି ରୋଗୀଙ୍କ ବେଡ଼ ଉପରେ ପଡ଼ିଥିବା ବେଳେ ରୋଗୀ ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ । କର୍ତ୍ତୃପକ୍ଷ ହସ୍ପିଟାଲର



ସଠିକ ଭାବେ ରକ୍ଷଣା ବେକ୍ଷଣା କରୁନଥିବାରୁ ବାରମ୍ବାର ଏଭଳି ଅଘଟଣ ଘଟି ଚାଲିଛି ବୋଲି ଚିକିତ୍ସିତ ରୋଗୀ ଶ୍ରୀ ବାରିକ କହିଛନ୍ତି । ପୂର୍ବରୁ ଚକ୍ଷୁ ବିଭାଗରେ ପ୍ଲାଷ୍ଟର ଖସିଥିବା ବେଳେ ସିଲିଂ ଓ ଛାତରୁ ଫ୍ୟାନ୍ ଗଳି ପଡ଼ିଥିବାର ନଜିର ରହିଛି । ରକ୍ଷଣାବେକ୍ଷଣ ଅଭାବ ପାଇଁ ଏହିପରି ଘଟଣା ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ପରେ ରୋଗୀ ଭୟଭୀତ ହୋଇ ରହିଥିବା ନେଇ ୱାର୍ଡରେ ଚିକିତ୍ସିତ ସମସ୍ତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ କହିଛନ୍ତି । ସର୍ଜିକାଲ ୱାର୍ଡରେ ଅସ୍ତ୍ରପ୍ରଚାର ପରେ ଗୁରୁତର ରୋଗୀ ରହିଥାନ୍ତି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ଏଭଳି ଘଟଣା ନିଶ୍ଚିତ ଭାବେ ଚିନ୍ତାଜନକ ଅଟେ । ତେବେ ଲଘୁଚାପ ପ୍ରଭାବରେ ୨/୩ ଦିନ ହେବ ଲଗାଣ ବର୍ଷା ହେଉଥିବାରୁ ପ୍ଲାଷ୍ଟର ଖସି ପଡ଼ିଥିବା ନେଇ ଆଶଙ୍କା କରାଯାଉଛି । ଏଥିପ୍ରତି ଯାଞ୍ଚ କରାଯାଇ ମରାମତି କାର୍ଯ୍ୟ କରାଯିବ ବୋଲି ହସ୍ପିଟାଲର ଅଧ୍ୟକ୍ଷ ଡା. ରବୀନ୍ଦ୍ର କୁମାର ମିଶ୍ର କହିଛନ୍ତି ।

## ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ : ଧରାପଡ଼ିଲେ ପୁଣି ୧୧ ଜଣ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଜାଲ୍ ଜାଲିଗତ ପ୍ରମାଣପତ୍ର ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋଟ ୨୭ଟି ମାମଲାର ଯାଞ୍ଚ କରାଯାଇଥିଲା । ସେଥି ମଧ୍ୟରୁ ୧୧ଟି ମାମଲାର ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥବା ବେଳେ ଅନ୍ୟ ୧୬ଟି ମାମଲାର ଶୁଣାଣି ହୋଇଥିଲା । ହୋଇଥିବା ମାମଲା ମୁଖ୍ୟତଃ ନବରଙ୍ଗପୁର ଓ ଗଜପତି ଜିଲ୍ଲାର ରହିଥିଲା । ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବା ୧୧ଟି ମାମଲାରେ ସମସ୍ତ ୧୧ ଜଣ ବ୍ୟକ୍ତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି । ସେମାନେ ନକଲି ବା ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ସ୍ପଷ୍ଟ ହୋଇଛି । ସେଥି ମଧ୍ୟରୁ ଗଜପତି ଜିଲ୍ଲାର ୬ ଜଣ ଓ ନବରଙ୍ଗପୁର ଜିଲ୍ଲାର ଅବଶିଷ୍ଟ ୫ ଜଣ ଥିବା ଜଣାପଡ଼ିଛି । ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୪ଜଣ ଶିକ୍ଷକ, ଜଣେ ରାଜସ୍ୱ ନୀରିକ୍ଷକ, ଜଣେ ଫରେଷ୍ଟ ଗାର୍ଡ଼, ଜଣେ ରିଜର୍ଭ ବ୍ୟାଙ୍କ କିରାଣୀ, ଦୁଇ ଜଣ ବରିଷ୍ଠ କିରାଣି, ଜଣେ ପୂବତନ ସରପଞ୍ଚ ଏବଂ ଜଣେ ଚାଷୀ ଥିବା ଜଣାପଡ଼ିଛି । ଧରାପଡ଼ିଥିବା ବ୍ୟକ୍ତିଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନା ବ୍ଲକ୍‌ର ଦଧିଆମ୍ବ ପଞ୍ଚାୟତର ପୂର୍ବତନ ସରପଞ୍ଚ ନର୍ମଦା ଦଳେଇ ଅନ୍ୟତମ । ନର୍ମଦା ଜାତିରେ କ୍ଷତ୍ରୀୟ ହୋଇଥିବା ବେଳେ ସେ ନିଜକୁ କନ୍ଧ ଦର୍ଶାଇ ଜାଲ୍ ଜାତିଗତ ପ୍ରମାଣପତ୍ର ଦାଖଲ କରି ନିର୍ବାଚନ ଲଢ଼ିଥିଲେ । ଯାହାକୁ ନେଇ ପରବର୍ତ୍ତୀ ସମୟରେ ଅଭିଯୋଗ ହୋଇଥିଲା । ସେହିଭିଳ ଅନୁଷ୍ଠିତ ହୋଇଥିବା ଯାଞ୍ଚ କମିଟିରେ ଶୁଣାଣି ହୋଇଥିବା ଅନ୍ୟ ୧୬ଟି ମାମଲା ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ୧୫ଟି ଓ ଗଜପତି ଜିଲ୍ଲାର ଗୋଟିଏ ମାମଲା ଥିଲା । ସେଥି ମଧ୍ୟରୁ ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଜଣେ ଓଆରଏସ୍, ୨ଜଣ ବରିଷ୍ଠ କିରାଣୀ, ଜଣେ ମୁଖ୍ୟ କିରାଣୀ, ଜଣେ ଫରେଷ୍ଟ ଏକ୍ସଟେନ୍‌ସନ୍ ଅଧିକାରୀ, ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ, ଦୁଇଜଣ କନେଷ୍ଟବଳ ଓ ୨ଜଣ ଶିକ୍ଷକଙ୍କ ସମେତ ଜଣେ ପୂର୍ବତନ ସରପଞ୍ଚ ଓ ଜଣେ ବର୍ତ୍ତମାନର ସମିତି ସଭ୍ୟ ଥିବା ଜଣାପଡ଼ିଛି । ସେହିଭଳି ଜଣେ ସରକାରୀ ପିଅନଙ୍କ ସମେତ ସୁନାବେଡ଼ାସ୍ଥିତ ହାଲ୍‌ର ଜଣେ ବରିଷ୍ଠ ମାଷ୍ଟର ଟେକ୍ନିସିଆନ୍‌ଙ୍କ ମାମଲା ବିଚାରାଧୀନ ରହିଛି । ଜାଲ୍ ଜାତିଗତ ପ୍ରମାଣପତ୍ର ନେଇ ଅଭିଯୋଗ ହୋଇଥିବା ପୂର୍ବତନ ସରପଞ୍ଚ ଜଣଙ୍କ ହେଉଛନ୍ତି ନବରଙ୍ଗପୁର ଜିଲ୍ଲାର ଖୁଟୁବାଇ ପଞ୍ଚାୟତର । ସେହିଭଳି ଗଜପତି ଜିଲ୍ଲାର ରାଜପୁରର ବର୍ତ୍ତମାନର ନିର୍ବାଚିତ ସମିତିସଭ୍ୟଙ୍କ ବିରୁଦ୍ଧରେ ମଧ୍ୟ ରହିଛି ଅନୁରୂପ ତଥା ସଙ୍ଗୀନ ଅଭିଯୋଗ । ଯାଞ୍ଚ କମିଟିରେ ମୋଟ ୧୭ଟି ମାମଲା ପଡ଼ିଥିବା ବେଳେ ଏଥି ସହିତ ମୋଟ ୬୭୧ଟି ମାମଲାର ନିଷ୍ପତ୍ତି ହୋଇସାରିଛି । ଫଳରେ ୨୦୧୦ ମସିହାରୁ ଆଜି ପର୍ଯ୍ୟନ୍ତ ପଡ଼ି ରହିଥିବା ମୋଟ ୧୪୫୯ଟି ଅଭିଯୋଗ ବା ମାମଲା ମଧ୍ୟରୁ ଆଉ ମାତ୍ର ୭୮୮ ଟି ମାମଲାର ନିଷ୍ପତ୍ତି ହେବାକୁ ବାକି ରହିଥିବା ଆରଡ଼ିସିଙ୍କ କାର୍ଯ୍ୟାଳୟର ଏସ୍‌ସି ଆଣ୍ଡ୍ ଏସ୍‌ଟି ଉନ୍ନୟନ ବିଭାଗ ଉପ ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି । ଯାଞ୍ଚ କମିଟି ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଉଭୟ ଗଜପତି ଓ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉଭୟ ଜିଲ୍ଲାର ମଙ୍ଗଳ ଅଧିକାରୀ, ତହସିଲଦାର, ଏସ୍‌ସି ଆଣ୍ଡ୍ ଏସ୍‌ଟି ରିସର୍ଚ୍ଚ ଟ୍ରେନିଂ ସେଣ୍ଟରର ସହକାରୀ ନିର୍ଦ୍ଦେଶକଙ୍କ ସମେତ ଉଭୟ ଜିଲ୍ଲାର ପୋଲିସ ଅଧିକାରୀମାନେ ଉପସ୍ଥିତଥିଲେ ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୫ ସୋମବାର





# ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବାରେ ଶିଶୁସାହିତ୍ୟର ଭୂମିକା ଅତୁଳନୀୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିଶୁ ସାହିତ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ ଅବଦାନ ଓ ସମାଜର କଳୁଷିତ ସଂସ୍କାରକୁ ଦୂର କରିବା ତଥା ଓଡ଼ିଆ ଅସ୍ମିତାକୁ ବଂଚାଇ ରଖିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରି ଓଡ଼ିଆ ଜନଜୀବନରେ ଯେଉଁ ନୂତନ ଆଶା ସଂଚାର କରିପାରିଅଛନ୍ତି ଯାହାକି ଓଡ଼ିଆ ଜାତିକୁ ଏକସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇପାରିଅଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ-କିଶୋର ସାହିତ୍ୟ ଏକାଡେମୀ, ଓଡ଼ିଶାଙ୍କ ମିଳିତ ସହଯୋଗରେ ୨୪ ଅଗଷ୍ଟ ୨୦୨୫ ରବିବାର ପୂର୍ବାହ୍ଣ ୧୦.୦୦ ଘଟିକାରେ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକଦିବସୀୟ ଶିଶୁସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା । ଏହି ଶିଶୁସାହିତ୍ୟ କାର୍ଯ୍ୟକ୍ରମଟିକୁ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍ଘାଟକ ଭାବେ ଯୋଗଦାନ କରି ଓଡ଼ିଆ ଭାଷା, ଶିଶୁସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ଓ ବିକାଶସାଧନ, ଓଡ଼ିଆ ସାହିତ୍ୟରେ ଉଚ୍ଚ ମୂଲ୍ୟବୋଧର ପ୍ରତିଷ୍ଠା ତଥା ଶ୍ରେଷ୍ଠମାନର ପ୍ରବର୍ତ୍ତନ ଦିଗରେ ଶିଶୁସାହିତ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ବୋଲି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଭାଷା ଓ ଶିଶୁସାହିତ୍ୟର ବିକାଶ ଦିଗରେ ଏହିଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଶିଷ୍ଟ ଶିଶୁସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଓଡ଼ିଆ ସାହିତ୍ୟର ସବୁଠୁ ଆଦରଣୀୟ ଶିଶୁସାହିତ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ଆଦିରେ ଯେଉଁ ପରିବର୍ତ୍ତନ ଦେଖାଦେଇପାରିଅଛି ଏହାରି ଉପରେ ଆଲୋଚନା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଶିଶୁସାହିତ୍ୟର ସ୍ରଷ୍ଟାମାନେ ଏହି ମାଟି, ପାଣି, ପବନରେ ଜୀବନ ଅତିବାହିତ କରି ତାଙ୍କ ଲେଖନୀର ପରାକାଷ୍ଠା ଏ ଜାତିକୁ ଏକ ନୂତନ ଦିଗ୍ଦର୍ଶନ ଦେଇପାରିଅଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁର ସଭାମୁଖ୍ୟ ଭାବେ ଯୋଗଦାନ କରି ଉଦ୍ଘାଟନୀ ଅଧିବେଶନରେ ଆମନ୍ତ୍ରିତ ହୋଇଥିବା ଅତିଥି ଓ ବକ୍ତାଙ୍କ ବକ୍ତବ୍ୟରୁ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କୋଣାର୍କ ପତ୍ରିକା ସହିତ ସହଯୋଗୀ ଅନୁଷ୍ଠାନ ଶିଶୁ-କିଶୋର ସାହିତ୍ୟ ଏକାଡେମୀ ପକ୍ଷରୁ ବହୁ ପୁସ୍ତକ ଲୋକାର୍ପିତ ହୋଇଥିଲା । ମାନ୍ୟଗଣ୍ୟ ଅତିଥି ଏବଂ ସହଯୋଗୀ ଅନୁଷ୍ଠାନ ଦ୍ୱାରା ସ୍ଥିରୀକୃତ ଶିଶୁସାହିତ୍ୟିକ ସ୍ରଷ୍ଟାଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା । ଏହି ଉଦ୍ଘାଟନୀ ଅଧିବେଶନରେ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଶିଶୁସାହିତ୍ୟ ଆଲୋଚନାଚକ୍ରର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

ସେହିପରି ପ୍ରଥମ ଅଧିବେଶନ ସଂପାନରେ ଡକ୍ଟର ଅରବିନ୍ଦ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନନୀୟ ଅତିଥି ଭାବେ ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ମନୀନ୍ଦ୍ର ମହାନ୍ତି ଓ ବୀରେନ୍ଦ୍ର କୁମାର ସାମନ୍ତରାୟ, ସମ୍ମାନନୀୟ ଆଲୋଚକ ଭାବେ ଡ. ଆଶୁତୋଷ ଦେବତା, ଇଂ. ମାୟାଧର ସ୍ୱାଇଁ, ଧନଞ୍ଜୟ ସ୍ୱାଇଁ, ଡ. ଲକ୍ଷ୍ମୀକାନ୍ତ ଖୁଂଟିଆ, ପରେଶ କୁମାର ପଟ୍ଟନାୟକ, ଡ. ନମିତା ମହାନ୍ତି, ଡ. କମଳାକାନ୍ତ ଜେନା, ସଭାମୁଖ୍ୟ ଭାବେ ଶିଶୁ-କିଶୋର ସାହିତ୍ୟ ଏକାଡେମୀର ଉପ-ସଭାପତି ମହେନ୍ଦ୍ର କୁମାର ମଲ୍ଲିକ ଯୋଗଦାନ କରି ଆଲୋଚ୍ୟ ବିଷୟ - 'ଓଡ଼ିଆ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ଶିଶୁସାହିତ୍ୟର ଭୂମିକା' ଉପରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଶିଶୁ କବିତା ପାଠୋତ୍ସବରେ ସମ୍ମାନନୀୟ ଅତିଥି ଭାବେ ଡ. ଲିଙ୍ଗରାଜ ରଥ, ଶ୍ରୀମତୀ ହରିପ୍ରିୟା ପଟ୍ଟନାୟକ, ଡ. ବିଜୟା ପାତ୍ର, ଶରତ କୁମାର ନାୟକ, ସଂଯୋଜନା ଭାବେ ହରିହର ଶୁକ୍ଳ, ପ୍ରକାଶ ଚନ୍ଦ୍ର ଦାଶ, ଡ. ପ୍ରବୀଣା ପରିଡ଼ା, ଶ୍ରୀମତୀ କଳ୍ପନା ମିଶ୍ର, ସଭାମୁଖ୍ୟ ଭାବେ ଡକ୍ଟର ଶରତ କୁମାର ବିଶ୍ୱାଳ ଯୋଗଦାନ କରି ଓଡ଼ିଆ ଭାଷା ସାହିତ୍ୟର ପ୍ରସାର କକ୍ଷେ ଶିଶୁସାହିତ୍ୟର ଆୟୋଜନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଅଧିକାର କରିପାରିଅଛି ବୋଲି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ଏବଂ ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୮୪ଜଣ ଶିଶୁ କବି ଓ କବୟିତ୍ରୀମାନେ ନିଜର ନିଜର ଶିଶୁ କବିତା ପାଠ କରିଥିଲେ । ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ପ୍ରାରମ୍ଭିକ ଅଧିବେଶନରେ ଅତିଥି ପରିଚୟ ଓ ପ୍ରତ୍ୟେକ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିବା ସହ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏଥିରେ ଜ୍ଞାନୀଗୁଣୀ, ସଜ୍ଜନମଣ୍ଡଳୀ, ସାହିତ୍ୟିକ/ସାହିତ୍ୟିକା ଏବଂ ସାମ୍ବାଦିକ ବନ୍ଧୁ ଆଦି ଯୋଗଦାନ କରି ଏହି ଏକଦିବସୀୟ ଶିଶୁସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମଟିକୁ ଅତ୍ୟନ୍ତ ପ୍ରଶଂସା କରିବା ସହ ଏଥିରେ ସଂପୂର୍ଣ୍ଣ ଭାବେ ସହଯୋଗ କରିଥିଲେ ।

# ପୂଜା ଉତ୍ସବ ପାଇଁ ହସ୍ତଶିଳ୍ପ ବଜାର କଟନ୍‌ଫ୍ୟାବ୍-୨୦୨୫ ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁନିଟ୍-୩ ଖାରବେଳ ନଗର, ଗେଟ୍ ନଂ.୩ ପ୍ରଦର୍ଶନୀ ପଡିଆରେ ରେଶମ ଓ ସୂତା ବସ୍ତ୍ରର ସମ୍ଭାରକୁ ନେଇ କଟନ୍‌ଫ୍ୟାବ୍-୨୦୨୫ ଶୁଭାରମ୍ଭ ହୋଇଛି । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ୩୫ନଂ. ୱାର୍ଡ କର୍ପୋରେଟର ରଞ୍ଜୁଲତା ରାୟ ଅତିଥି ଭାବେ ଯୋଗ ଦେଇ ଏହି ମେଳାର ଉଦ୍‌ଘାଟନ କରିଥିଲେ । ଏହି ମେଳା ପ୍ରତ୍ୟେହ ସକାଳ ୧୦ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଭୁବନେଶ୍ୱରରେ ୧୪ତମ ଥର ପାଇଁ ଆରମ୍ଭ ହୋଇଥିବା ଏହି ମେଳାରେ ମନସୁନ



ସିଜିନ ଓ ବଡ଼ ପୂଜା ଉତ୍ସବ ପାଇଁ ହସ୍ତଶିଳ୍ପର ବଜାର ଖୋଲିଛି । ୧୨ଟି ରାଜ୍ୟର ୧୨୨ ହସ୍ତଶିଳ୍ପୀ ଏହି ମେଳାରେ ଯୋଗ ଦେଇଛନ୍ତି । ଲକ୍ଷ୍ନୌର ଚିକନଓ୍ୱାକ ଡ୍ରେସ ମ୍ୟାଟେରିଆଲ୍ସ, ଶାଢ଼ୀ, କୁର୍ତ୍ତା ପାଇଜାମା, ଟପ୍‌ସ, ଗୁଜୁରାଟର ଏଥିନିକ୍ ପ୍ରିଣ୍ଟ, କୁର୍ତ୍ତା, ଡ୍ରେସ, ରାଜସ୍ଥାନୀ ବ୍ଲକ ପ୍ରିଣ୍ଟେଡ୍, କୋଟା ଦରୀ ଡ୍ରେସ ମ୍ୟାଟେରିଆଲ୍ସ, ଲେଡିଜ କୁର୍ତ୍ତା, ଲେହେଙ୍ଗା-ଚୋଲି, ମଲ୍‌ମଲ, ସ୍କିଟ୍‌ସ-ଟପ, ସାଲୱାର ଏବଂ ଦୁପଟା, ପଞ୍ଜାବର ଫୁଲକରୀ ଡ୍ରେସ, ପଟିଆଲା ସାମଗ୍ରୀ, ମଧ୍ୟପ୍ରଦେଶର ଚନ୍ଦେରୀ, ମହେଶ୍ୱରୀ, ବାଗ୍ ପ୍ରିଣ୍ଟ, ବାଟିକ୍ ପ୍ରିଣ୍ଟ ଡ୍ରେସ୍ ସାମଗ୍ରୀ, ପଶ୍ଚିମବଙ୍ଗର ଶାନ୍ତିନିକେତନ ତନ୍ତ, କନ୍ଥା, ଧକାଇ ଜାମଦାନୀ ଶାଢ଼ୀ, ଟସର ଡ୍ରେସ, ସିଫୋନ ଓ କ୍ରାପ୍, ଆନ୍ଧ୍ର ପ୍ରଦେଶର କଲାମକରୀ ଭେଜିଟେବୁଲ ହାୟଡ, ମଙ୍ଗଳଗିରି, ଗଡ଼ୱାଲ ଜରୀ ବର୍ଡର ଡ୍ରେସ, ତାମିଲନାଡୁର ମଦୁରାଇ ଶାଢ଼ୀ, ପର୍ଦା ଓ ବେଡ୍ କଭର୍ସ, ହିମାଚଳ ପ୍ରଦେଶର କଟନ କୁର୍ତ୍ତା, ଟପ୍‌ସ, ଉତ୍ତରପ୍ରଦେଶର ବନାରସ ସିଲ୍କ, କଟନ ଶାଢ଼ୀ, ସୁଇଟ୍ସ ମ୍ୟାଟେରିଆଲ୍ସ, ଛତିଶଗଡ଼ର ଶିଲ୍କ, କଟନ ଓ ଖଦୀ, ଝାଡ଼ଖଣ୍ଡର ଟସର ସିଲ୍କ ଡ୍ରେସ ଓ ଶାଢ଼ୀ, ଦିଲ୍ଲୀର ଚିକନ ଏମ୍ବ୍ରୋଡରୀ, ସୀତାପୁରୀର ଏକ୍ସପୋର୍ଟ କ୍ୱାଲିଟି ଦରି, ମ୍ୟାଟ୍‌ସ, ରନର, ବିଭିନ୍ନ ଗହଣା, ଷ୍ଟୋନ ଓ ମେଟାଲ ଗହଣା ଏଠାରେ ମିଳୁଛି ।

# ଓଏସଇଏଫଡ଼ି ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଏବଂ ପ୍ରଶିକ୍ଷଣ ବର୍ଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବିବାର ଭୁବନେଶ୍ୱର ଠାରେ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘର ସାଂଗଠନିକ ବୈଠକ ତଥା କାର୍ଯ୍ୟକାରିଣୀ ଏବଂ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟଅତିଥି ଭାବେ ସକ୍ଷମ ସଂଗଠନର ସଭାପତି ଇଂ ସତ୍ୟବ୍ରତ ସାହୁ ଯୋଗଦେଇ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ମାନଙ୍କ ପାଇଁ କାର୍ଯ୍ୟ କରିବା ପାଇଁ ନିଜର ବକ୍ତବ୍ୟ ମାଧ୍ୟମନରେ ଉପସ୍ଥିତ ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇଥିଲେ, ମୁଖ୍ୟବକ୍ତାଭାବେ ଉପସଭାପତି ଶ୍ରୀ




ବୀରକିଶୋର ମହନ୍ତ ଯୋଗ ଦେଇ ସଂଘରେ ସଂଗଠନର ଭୂମିକା ଏବଂ ନେତୃତ୍ୱରେ ପରିମାର୍ଜିତ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ଏଥିସହିତ ଓଏସଇଏଫଡ଼ି ସଂଘର ସଭାପତି ସୂର୍ଯ୍ୟକାନ୍ତ ବେହେରା, ସଂପାଦକ ଆୟୁଷ୍ମାନ ଚୌଧୁରୀ, ଉପସଭାପତି ବିଶ୍ୱବିଜୟୀ ଦାଶ, କୋଷାଧ୍ୟକ୍ଷ ଅଭିଷେକ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦିକା ଆର୍ଷୀ ଉପାସନା କର,ସହ - କୋଷାଧ୍ୟକ୍ଷ ପ୍ରିୟବ୍ରତ ରାଉତ ପ୍ରମୁଖ ଯୋଗଦେଇ ସଂଘର ସାଂଗଠନିକ ସ୍ଥିତି, ସମୀକ୍ଷା ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଦିବ୍ୟାଙ୍ଗଙ୍କ ବିକାଶ ପାଇଁ ସର୍ବଦା କାର୍ଯ୍ୟଜାରି ରଖିବାକୁ ଓଡ଼ିଶାର ସମସ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲା । ଏହି ବୈଠକରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ନେତୃତ୍ୱ ମାନେ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ବିକାଶ ଏବଂ ସ୍ୱତନ୍ତ୍ର ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିଷ୍କର୍ଷ ଦିଗରେ ଆଲୋଚନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁବର୍ଣ୍ଣରେଖା...

ହସନାବାଦ, ଗୋପବନ୍ଧୁନଗର ଗାଁ ସଂପୂର୍ଣ୍ଣ ଜଳବନ୍ଦୀ ହୋଇଛି । ଲୋକଙ୍କ ଘର ଭିତରେ ପାଣି ପଶିଯିବାରୁ ଖୁବ୍ ହିନସ୍ତା ହେଉଛନ୍ତି ଲୋକେ । ଆଖୁଆପଦାରେ ବୈତରଣୀ ଜଳସ୍ତର ୧୯ ମିଟର ଛୁଇଁ ନଥିଲେ ବି ହସନାବାଦ ବେହାଲ ହୋଇଛି । ଏହାର କାରଣ, ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସକେପ୍ ଆବଶ୍ୟକଠାରୁ ଅଧିକ ଉଚ୍ଚା କରିଦେବାରୁ ଏହି ବନ୍ୟାରେ ଦୁଇ ଏସକେପରେ ଯେତିକି ପାଣି ନିଷ୍କାସନ ହେବା କଥା, ତାହା ହେଉନାହିଁ । ଫଳରେ ସେହି ପାଣି କୋଚିଲା ବାଟେ ଆସି ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତକୁ ଜଳବନ୍ଦୀ କରିଛି । ଧୁଷୁରୀ ଓ ହସନାବାଦ ମୁଖ୍ୟ ସଡ଼କ ବୁଡ଼ିଯିବାରୁ ଅସ୍ତକ, ପଙ୍ଗଟା, ହସନାବାଦ, ଗୋପବନ୍ଧୁନଗର ଆଦି ଗାଁ ସଂପୂର୍ଣ୍ଣ ଭାବେ ବିଛିନ୍ନ ହୋଇ ରହିଛି ।

ରବିବାର ବୈତରଣୀର ଉପରମୁଣ୍ଡରେ ହାଟଡିହିରେ ୨.୫ ସେ.ମି, କେନ୍ଦୁଝରରେ ୯.୨ ସେ.ମି, ପାଟଣାରେ ୫ ସେ.ମି, ଆନନ୍ଦପୁରରେ ୧ ସେ.ମି, ଚମ୍ପୁଆରେ ୫ସେ.ମି ବର୍ଷା ହୋଇଥିବାବେଳେ ଯାଜପୁରର କୋରେଇରେ ୨ ସେଣ୍ଟିମିଟର ବର୍ଷା ହୋଇଛି । ଆନନ୍ଦପୁରର ବନ୍ୟା ଜଳ ଆସି ଆଖୁଆପଦାରେ ପହଞ୍ଚିବାକୁ ୪ ଘଣ୍ଟା ଲାଗିବାକୁ ଥିବାରୁ ସୋମବାର ଦିନ ଧାମନଗର ଅଞ୍ଚଳରେ ବଡ଼ ବନ୍ୟା ହେବାର ଆଶଙ୍କା ରହିଛି ।

## ସର୍ବଭାରତୀୟ...

ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ଭାରତୀୟମାନଙ୍କ ନେତୃତ୍ୱରେ ବ୍ୟବସ୍ଥାପକ ବ୍ୟବସ୍ଥାର ଇତିହାସ ଆରମ୍ଭ କରିଥିଲେ । ସେ କହିଥିଲେ ଯେ ଏହି ସଦନରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନେକ ବିଶିଷ୍ଟ ଏବଂ ବରିଷ୍ଠ ନେତାମାନଙ୍କର ବିଧାୟକ ଭାବେ ଉଲ୍ଲେଖନୀୟ ଅବଦାନ ଦେଖିବାକୁ ମିଳିଛି । ମହାମାନ୍ୟ ମଦନ ମୋହନ ମାଳବ୍ୟ ପ୍ରାୟ ୨୦ ବର୍ଷ ଧରି ଏହି ଗୃହର ସଦସ୍ୟ ରହିଥିଲେ । ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶଦାତା ଗୋପାଳ କୃଷ୍ଣ ଗୋଖଲେ, ଲାଲା ଲାଜପତ ରାୟ ଏବଂ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କ ଶକ୍ତିଶାଳୀ ଭାଷଣ ମାଧ୍ୟମରେ ସ୍ୱାଧୀନତା ପାଇଁ ଦେଶର ଉତ୍କଣ୍ଠା ଏବଂ ସ୍ୱାଧୀନତା ପାଇଁ ସେମାନଙ୍କର ଆକାଂକ୍ଷାକୁ ପ୍ରକାଶ କରିଥିଲେ ।

## ଭାରତରେ ନିର୍ମାଣ...

ପ୍ରୟାସ କେବଳ ଭାରତରେ ସୀମିତ ନୁହେଁ । ଯେତେବେଳେ ଭାରତରେ କିଛି ନିର୍ମାଣ କରାଯାଏ, ତାହା ବିଶ୍ୱ ପାଇଁ ମଧ୍ୟ ନିର୍ମାଣ କରାଯାଇଥାଏ । ପ୍ରତିରକ୍ଷା ମନ୍ତ୍ରଣାଳୟ ଆଡଭାନ୍ସଡ୍ ମଧ୍ୟମ ଯୁଦ୍ଧ ବିମାନ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟାନ୍ୱୟନ ମଡେଲକୁ ଅନୁମୋଦନ କରିବାର କିଛି ମାସ ପରେ ଏହି ଘୋଷଣା କରାଯାଇଛି । ଗତ ଦଶନ୍ଧିରେ ପ୍ରତିରକ୍ଷା ରପ୍ତାନୀ ପ୍ରାୟ ୩୫ ଗୁଣା ବୃଦ୍ଧି ପାଇଛି । ସରକାର ଚଳିତ ବର୍ଷ ୩୦,୦୦୦ କୋଟି ଟଙ୍କା ଏବଂ ୨୦୨୯ ସୁଦ୍ଧା ୫୦,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ରପ୍ତାନୀ ହାସଲ କରିବାର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି ।

## ଆଗାମୀ ୬ ଦିନ...

ବଜ୍ରପାତ ଓ ପବନ ନେଇ ୨ ଜିଲ୍ଲା( କେନ୍ଦ୍ରାପଡ଼ା, ଜଗତସିଂହପୁର)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହା ବ୍ୟତୀତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୬ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨ ଜିଲ୍ଲା( କନ୍ଧମାଳ, ଗଜପତି)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହା ବ୍ୟତୀତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୭ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୮ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୯ ତାରିଖରେ ଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ୨୬ରୁ ୨୮ ତାରିଖ...

ସହିତ ଉତ୍ତର ଓଡ଼ିଶା ଉପକୂଳରେ ଓ ବାହାରେ ଏବଂ ଉତ୍ତର ବଙ୍ଗୋପସାଗରରେ ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ଏବଂ ସ୍ଥଳ ବିଶେଷରେ ୫୫ କି.ମି.କୁ ଛୁଇଁପାରେ । ସେହିପରି ୨୬ରୁ ୨୮ ତାରିଖ ଉତ୍ତର ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳ ଓ ବାହାରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ସ୍ଥଳ ବିଶେଷରେ ୬୦ କି.ମି.କୁ ଛୁଇଁପାରେ । ଏହି ସମୟରେ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବ । ଏଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି ।

## କୃଷି ଉଦ୍ୟମିତାକୁ ...

କୌଶଳର ବିକାଶ କରିବା ସହିତ ଜଳବାୟୁ ପରିବର୍ତ୍ତନ, ବଜାରର ହ୍ରାସ - ବୃଦ୍ଧି ଭଳି ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବେ । ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ ଚାଷ ଓ ଚାଷୀର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ଏକାମ୍ର - ଭୁବନେଶ୍ୱର ବିଧାୟକ ବାବୁ ସିଂହ ଏବଂ ଓୟୁଏଟି ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମଧ୍ୟ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଡିନ୍ ସମ୍ପ୍ରସାରଣ ଶିକ୍ଷା ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ପୁସ୍ତିକା ଉନ୍ମୋଚିତ ହୋଇଥିଲା ଓ ୱାଇଫାଇ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା ।

## ସମନ୍ୱିତ ବାୟୁ ...

ପ୍ରତିରକ୍ଷା ପ୍ରଣାଳୀ (ଭିଏସଏଚଓଆରଏଡିଏସ) କ୍ଷେପଣାସ୍ତ୍ର ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଆଧାରିତ ଲକ୍ଷ୍ୟଭେଦକାରୀ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର (ଡିଇଡବ୍ଲୁ) ମଧ୍ୟ ଖଞ୍ଜା ହୋଇଛି । ଆକାଶମାର୍ଗ ପରୀକ୍ଷଣ ସମୟରେ ଦୁଇଟି ଉଚ୍ଚ ଗତିଶୀଳ ଫିକ୍ସଡ୍ ୱିଙ୍ଗ ମାନବବିହୀନ ଆକାଶମାର୍ଗର ଲକ୍ଷ୍ୟ ଏବଂ ଗୋଟିଏ ମଲ୍ଟି କ୍ୟାପ୍ଟର ଡ୍ରୋନ୍ ସମେତ ତିନୋଟି ଭିନ୍ନଭିନ୍ନ ଲକ୍ଷ୍ୟକୁ ଏକ ସଙ୍ଗେ ଟାର୍ଗେଟ୍ କରାଯାଇଥିଲା ।

## ହୀରାକୁଦର ୧୨...

ରବିବାର ଆଉ ୪ଟି ଫାଟକ ଖୋଲାଯାଇଛି ।ବନ୍ଧ ବାମପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୧୨ଟି ଫାଟକ ଦେଇ ସେକେଣ୍ଡ ପିଛା ୧,୨୬,୧୫୨ ଘନଫୁଟ ଜଳ ନିଷ୍କାସିତ ହେଉଛି । ଏହାସହ ପାୱାର ଚେନାଲରେ ସେକେଣ୍ଡ ପିଛା ୩୨,୧୧୧ ଘନଫୁଟ, ଶିଳ୍ପାଞ୍ଚଳ ବ୍ୟବହାର ପାଇଁ ୨୧୪ ଘନଫୁଟ, ବିଭିନ୍ନ କେନାଲରେ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଥିଲା ।

## ଭାରତୀୟ ବାୟୁସେନାର ...

ଓଜନର ମଲ୍ଟି ରୋଲ୍ ଯୁଦ୍ଧ ବିମାନ । ଏହା ତେଜସ୍ ଏମକେ-୧-ଏ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଆଧୁନିକ । ଏଥିରେ ଜେନେରାଲ ଇଲେକ୍ଟ୍ରିକ୍ ଏଫ-୪୧୪ ଇଞ୍ଜିନ୍ ଲାଗିବ, ଯାହା ଏହାକୁ ଅଧିକ ଶକ୍ତିଶାଳୀ କରିବ । ଏଥିରେ ସ୍ୱଦେଶୀ ଭାବରେ ନିର୍ମିତ ଉତ୍ତମ ଏଇଏସଏ ରାଡାର ରହିବ । ଯାହା ନିରୀକ୍ଷଣ ଏବଂ ଲକ୍ଷ୍ୟଭେଦ କ୍ଷମତାକୁ ବହୁ ପରିମାଣରେ ବୃଦ୍ଧି କରିବ । ଏହି ବିମାନ ଭାରତର ନିଜସ୍ୱ ଦୂରଗାମୀ ଅସ୍ତ୍ର କ୍ଷେପଣାସ୍ତ୍ର ସମେତ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିପାରିବ । ତେଜସ୍ ଏମକେ-୨କୁ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ବିଦ୍ୟମାନ ବିମାନ ଏବଂ ଭବିଷ୍ୟତର ପଞ୍ଚମ ପିଢ଼ିର ଏଏମସିଏ ବିମାନ ମଧ୍ୟରେ ଥିବା ପ୍ରଯୁକ୍ତିବିଦ୍ୟାର ଅଭାବକୁ ପୂରଣ କରିପାରିବ ।

# ନନ୍ଦନକାନନରେ ଧଳା ବାଘ ଶାବକ ମୃତ : ୨୮କୁ ଖସିଲା ସଂଖ୍ୟା




**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଧଳା ବାଘୁଣୀ ମୌସୁମୀର ଅଢେଇ ମାସର ଅଣ୍ଡିରା ଧଳା ଶାବକ ମୃତ । ଗତ ଜୁନ ୭ ତାରିଖରେ ଜନ୍ମ ହୋଇଥିବା ବେଳେ ୧୧ ତାରିଖରେ ଅସୁସ୍ଥ ହୋଇପଡ଼ିଥିଲା । ଶିଶୁ ଯତ୍ନ ଗୃହରେ ପ୍ରାଣୀ ଚିକିତ୍ସକଙ୍କ ଅଧିନରେ ଚିକିତ୍ସିତ ହେଉଥିଲା । ତାର ହଠାତ ମୃତ୍ୟୁ ହୋଇଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର୍ ନାରାୟଣ ସୂଚନା ଦେଇଛନ୍ତି । ଏବେ ପ୍ରାଣୀ ଉଦ୍ୟାନରେ ବାଘ ସଂଖ୍ୟା ୨୮କୁ ଖସିଆସିଛି । ପ୍ରାଣୀ ଉଦ୍ୟାନର ୨୮ ନଂ ଫିଡ଼ିଂ ଚ୍ୟାମ୍ବରରେ ରହୁଥିବା ୯ ବର୍ଷିଆ ଧଳା ବାଘୁଣୀ ମୌସୁମୀ ଗତ ଜୁନ ୭ ତାରିଖ ରାତିରେ ଦୁଇ ଘଣ୍ଟା ଅନ୍ତରରେ ଦୁଇଟି ଶାବକ ଜନ୍ମ ଦେଇଥିଲା । ଖୁଆଡରେ ଲାଗିଥିବା ସିସିଟିଭି ମାଧ୍ୟମରେ ତା' ଉପରେ ନଜର ରଖାଯାଇଥିଲା । ମୌସୁମୀ ଛୁଆମାନଙ୍କର ଯତ୍ନ ନେବା ସହିତ କ୍ଷୀର ପାନ୍ କରୁଥିବା ଦେଖିବାକୁ ମିଳିଥିଲା । ଜୁନ ୧୧ ତାରିଖରେ ଧଳା ଛୁଆଟି ଅସୁସ୍ଥ ଥିବା ସିସିଟିଭି ରେ ଦେଖିବାକୁ ମିଳିଥିଲା । ବାଘୁଣୀ ଦୁଇ ଶାବକକୁ ପାଖରେ ପୂରାଇ ଦେଇ ନଥିଲା । ତେଣୁ ଦୁଇ ଶାବକଙ୍କୁ ବଞ୍ଚାଇବା ପାଇଁ କର୍ତ୍ତୃପକ୍ଷ ସନ୍ଧ୍ୟାରେ ମାଆ ଠାରୁ ଦୁଇ ଶାବକଙ୍କୁ ଅଲଗା କରି ଶିଶୁ ଲାଳନ ପାଳନ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ । ଧଳା ଅଣ୍ଡିରା ବାଘ ଶାବକ ଓଜନ କମ ଥିବା ବେଳେ ଗୁରୁତର ହୋଇ ଯାଇଥିଲା । ତେଣୁ ତାକୁ ଇନକ୍ୟୁବେଟରରେ ରଖାଯାଇ ତା' ଉପରେ ନଜର ରଖାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ତାର ଶନିବାର ସକାଳୁ ହଠାତ ମୃତ୍ୟୁ ହୋଇଛି ।

# ଆଜିଦିଲ୍ଲୀରେ ଓଡିଶା କଂଗ୍ରେସ ବୈଠକ : ଅଧକ୍ଷତା କରିବେ ରାହୁଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ଦିଲ୍ଲୀରେ ଓଡ଼ିଶା କଂଗ୍ରେସ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ । ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଆରମ୍ଭ ହେବ କସରତ । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୈଠକରେ ଅଧକ୍ଷତା କରିବେ । ଏହି ବୈଠକରେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ମହାସଚିବ କେ ସି ବେନୁଗୋପାଳ ମଧ୍ୟ ଯୋଗ ଦେବେ । ତେବେ ଏହି ବୈଠକରେ ଯୋଗ ଦେବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖଙ୍କୁ ଦିଲ୍ଲୀରୁ ଡାକରା ଆସିଛି । ଏହା ସହିତ 'ସଂଗଠନ ସୃଜନ' ପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ୩୫ଜଣ ପର୍ଯ୍ୟବେକ୍ଷକ ମଧ୍ୟ ବୈଠକରେ ରହିବେ ବୋଲି ବରିଷ୍ଠ କଂଗ୍ରେସ ନେତା ସୂଚନା ଦେଇଛନ୍ତି ।

## ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚ ପକ୍ଷରୁ ଜରୁରୀ ଆଲୋଚନାଚକ୍ର

# ଯାତ୍ରା ଟିକେଟ ଦର ୧୦୦ରୁ ଦୁଇ ଶହ ମଧ୍ୟରେ ସୀମିତ ରଖିବାକୁ ଦାବି ଜୋର ଧରିଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅପେରା କମଟି (ଦୋଳ ପୂର୍ଣ୍ଣିମା କମିଟି, ଗ୍ରାମ୍ୟ କମିଟି, ମନ୍ଦିର କମିଟି ଓ ମେଳା କମିଟି)ମାନଙ୍କୁ ନେଇ ଏକ ଜରୁରି ବୈଠକ ଖଣ୍ଡଗିରି ଛକ ନିକଟସ୍ଥ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଯାତ୍ରାରେ ସୁଗମ ଓ ସୁଲଭ ବ୍ୟବସ୍ଥା ଆପଣାଇବା ଯାତ୍ରା ପାର୍ଟି ନିକଟରେ ଦାବି କରିବା ନେଇ କମିଟିରେ ନିଷ୍ପତ୍ତି ହୋଇଛି । ଓଡ଼ିଶାର ପାରମ୍ପରିକ କଳା ମଧ୍ୟରେ 'ଯାତ୍ରା' ବା 'ଅପାରୋ'ର ସ୍ଥାନ ସ୍ୱତନ୍ତ୍ର । ଏହାର ଦର୍ଶକ ମଧ୍ୟ ସ୍ୱତନ୍ତ୍ର । ମାତ୍ର ଯାତ୍ରା ପରିବେଷଣ ପାଇଁ ଯାତ୍ରା ପାର୍ଟି ପକ୍ଷରୁ ରାତି ପିଛା ନିଆଯାଉଥିବା ଦର ସଂପ୍ରତି ସମସ୍ୟା ସୃଷ୍ଟି କରିଛି । ପ୍ରଥମତଃ ରାତି ପିଛା ଏବେ ଏ-ଗ୍ରେଡ୍ ଦଳ ୪ଲକ୍ଷ ୨୦ ହଜାର ଟଙ୍କା ନେଉଛନ୍ତି । ତେଣୁ ଯାତ୍ରା ଦେଖିବା ପାଇଁ ଟିକେଟ ୨୦୦ରୁ ୪ଶହ ଟଙ୍କାରେ ବିକ୍ରି ହେଉଛି । ଫଳରେ ଗୋଟିଏ ପରିବାରରୁ ୫ ଜଣ ଆସିଲେ, ସର୍ବନିମ୍ନ ୧୦୦୦ ଟଙ୍କା ଟିକେଟ୍ ଦେଇ ଯାତ୍ରା ଦେଖିବା ନେଇ ଆଉ ଆଗ୍ରହ ପ୍ରକାଶ ପାଉନାହିଁ ।

ତେଣୁ ଯାତ୍ରା ଦେଖିବାକୁ ଦର୍ଶକଙ୍କ ଆଗମନ ପୂର୍ବ ତୁଳନାରେ ବେଶ ହ୍ରାସ ପାଇଛି । ଏ ନେଇ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା




କହିଛନ୍ତି, ଯାତ୍ରା ପାର୍ଟି ଗ୍ରେଡେସନ ଭିତ୍ତିରେ ରାତି ପିଛା ଯାତ୍ରା ପରିବେଷଣର ଦର ଧାର୍ଯ୍ୟ କରିବାକୁ ଦାବି ହୋଇଛି । ସୁତରାଂ ଯାତ୍ରା ଦଳମାନେ ଏ-ଗ୍ରେଡ ଦଳ ରାତି ପିଛା ଯାତ୍ରା ପରିବେଷଣ ଦର ୨ଲକ୍ଷ ୫୦ ହଜାରରେ ସୀମିତ ରଖନ୍ତୁ, ବି-ଗ୍ରେଡ ଦଳ ୨ଲକ୍ଷ ଟଙ୍କା ଏବଂ ସି-ଗ୍ରେଡ ପାର୍ଟି ୧ଲକ୍ଷ ୮୦ ହଜାର ଟଙ୍କା ଦର ଧାର୍ଯ୍ୟ କରିବାକୁ ଦାବି କରାଯିବ । ଏହା ହୋଇପାରିଲେ ଲୋକେ ୧୦୦ରୁ ୨ଶହ ଟଙ୍କା ଭିତରେ ଟିକେଟ ଦେଇ ଯାତ୍ରା ଦେଖିପାରିବେ ଏବଂ ପୁଣି ଯାତ୍ରା ଦେଖିବାକୁ ବିପୁଳ ଯାତ୍ରା ଦର୍ଶକଙ୍କ ଭିଡ଼ ଜମିବ ବୋଲି ସେ କହିଛନ୍ତି । ବଳିଷ୍ଠ କାହାଣୀକୁ ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବାକୁ ଦାବି ରଖାଯିବ ।

ମଞ୍ଚର ନୃସିଂହ ପ୍ରସାଦ ସୁନ୍ଦରାୟ କହିଛନ୍ତି, ଯାତ୍ରାରେ ନଗ୍ନତାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ । ଏ ନେଇ ସମସ୍ତ ଯାତ୍ରା ଆୟୋଜକ କମିଟିମାନେ ସହମତି ପ୍ରକାଶ କରିଛନ୍ତି । ଯେପରି ସାମାନ୍ୟତମ ନଗ୍ନତା ଦେଖିବାକୁ ନ ମିଳେ ସେଥିପ୍ରତି ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବେ । ନଗ୍ନତା ଯୋଗୁଁ ମହିଳା ଦର୍ଶକଙ୍କ ଆଗମନ ହ୍ରାସ ପାଉଛି । ତେଣୁ ଯେପରି ମହିଳା ଦର୍ଶକ ସପରିବାର ବସି ଯାତ୍ରା ଦେଖିପାରିବେ ସେ ନେଇ ଯାତ୍ରା ମାଲିକମାନେ ଗୁରୁତ୍ୱ ଦେବାକୁ ସମସ୍ତ କମିଟି ପକ୍ଷରୁ ଦାବି କରାଯିବ । ବିଶେଷ କରି ଯାତ୍ରା ମାଲିକ ଓ ଯାତ୍ରା କମିଟି କର୍ମକର୍ତ୍ତାମାନେ ଉଭୟଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବ ଏବଂ ବୁଝାମଣା ଭିତ୍ତିରେ ଯାତ୍ରା କଳାର ଉନ୍ନତି ସାଧନ ହୋଇପାରିବ ସେ ନେଇ ଗୁରୁତ୍ୱ ଦିଆଯିବ । ବିଶେଷ କରି ସମସ୍ତ କମିଟି ଗୁଡିକ ଏ ସମସ୍ତ ଦାବି ଉପରେ ସହମତି ପ୍ରଦାନ କରିଥିଲେ । ସଭାପତି ରଘୁନାଥ ମହାନ୍ତି, ଉପ ସଭାପତି ବୈକୁଣ୍ଠ ନାଥ ପାକଳ ମଧ୍ୟ ଏହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସହ ସମ୍ପାଦକ ପ୍ରମୋଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

# ସବୁ ଥାନାରୁ ହଟିବ ଜବତ ଅଚଳ ଗାଡି : ମେୟର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସବୁ ଥାନାରୁ ଜବତ, ଅବ୍ୟହୃତ ଓ ଅଚଳ ଗାଡ଼ି ହଟିବ । ଏନେଇ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି । ଜବତ ଗାଡ଼ି ପଡ଼ି ରହିବା ଯୋଗୁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ଗାଡ଼ି ହଟିଲେ ଜାଗା ସଫା ହେବା ସହ ରାଜସ୍ୱ ବଢ଼ିବ ବୋଲି ସୁଲୋଚନା କହିଛନ୍ତି । ପୋଲିସ୍ କମିଶନରଙ୍କୁ ଭୁବନେଶ୍ୱର ମହାନଗର ନିଗମ ଏ ସମ୍ପର୍କରେ ଚିଠି କରିବ । କେବଳ ଥାନା ନୁହେଁ, ବିଏମ୍‌ସିର ଅବ୍ୟହୃତ ଓ ଅଚଳ ଗାଡ଼ି ଗୁଡିକ ସ୍କ୍ରାପ୍ ହେବ ବୋଲି ସେ ସୂଚନା ଦେଇଛନ୍ତି ।



E-Mail:rw.kamakhyanagar@yahoo.co.in
O-620
Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar
e-procurement Notice No.07 /Building Work / 2025-26.

| | | |
|---|---|---|
| 1. | Name of the work | : Building Work |
| 2. | Total No. of Works | : 1 (One) No. |
| 3. | Tender Cost | : Rs.11.73 Lakhs |
| 4. | Class Contractor | : "D" & "C" Class |
| 5. | Period of Completion | : 1 Calendar months |
| 6. | Availability of Tender online for bidding | : 29.08.2025 at 11.00 A.M to 08.09.2025 up to 5.00 P.M |
| 7. | Last Date & Time of seeking tender clarification | : 06.08.2025 upto 4.00 PM |
| 8. | Date & Time of opening of Technical Bid | : 09.09.2025. at 11.00 AM |

Other Details can be seen from the website http://tendersorissa.gov.in.
Sd/- Superintending Engineer
R.W. Division-II, Dhenkanal.
Kamakhyanagar
OIPR-25094/11/0030/2526

ଉତ୍କଳ ଦୀପିକା

ଭୁବନେଶ୍ୱର
୨୫ ଅଗଷ୍ଟ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦାବାଗ୍ନି ଲୀଳା ସମ୍ପନ୍ନ



ପୁରୀ ୨୪/୮ ନ୍ୟୁଜ ବ୍ୟୁରୋ
ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କର ଦାବାଗ୍ନୀ ଲୀଳା ଅନୁଷ୍ଠିତ ହୋଇଥାଏ। ମାଟିମଣ୍ଡପ ସାହି ଏହି ଦାବାଗ୍ନି ଲୀଳାର ପରିବେଷଣ କରିଥାନ୍ତି । ରବିବାର ଶୁକ୍ଳ ପ୍ରତିପଦା ତିଥିର ସନ୍ଧ୍ୟାଧୂପ ପରେ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଶ୍ରୀଜଗନ୍ନାଥଙ୍କ ବାଡରୁ ଆଜ୍ଞାମାଳ ପ୍ରାପ୍ତି କରିଥିଲେ। ନାଟ ମଣ୍ଡପ ସ୍ଥିତ ଖଟ ଉପରକୁ ବିଜେ କରିବା ପରେ ପ୍ରଭୁଙ୍କର ଛାମୁରେ ମାଟି ମଣ୍ଡପ ସାହି ଲୋକ ଦାବାଗ୍ନି ପରିବେଷଣ କରିଥିଲେ। ଦ୍ୱାପର ଯୁଗର କଥା ଗୋପାଳମାନେ ଖେଳକୁଦରେ ମାତିଥିବା ସମୟରେ ଗାଈମାନେ ଅନେକ ଦୂରକୁ ଚାଲିଯାଇଥାନ୍ତି। ସମସ୍ତେ ଗାଈଙ୍କୁ ଖୋଜି ଖୋଜି ଚାଲିବା ସମୟରେ ସେମାନଙ୍କୁ ଦାବାଗ୍ନି ଘେରିଗଲା ବା ଅଗ୍ନି ଘେରିଗଲା। ବାଳକ ମାନେ କୃଷ୍ଣଙ୍କୁ ଡାକିଥିଲେ । କୃଷ୍ଣ ସମସ୍ତ ଗୋପାଳ ବାଳକଙ୍କୁ ଆଖିବନ୍ଦ କରିବାକୁ କହିଥିଲେ, ନିଜେ ଭଗବାନ ମନ୍ତ୍ର ଜପ କରିବେ ବୋଲି କହି ବିରାଟ ରୂପ ଧାରଣ କରି ଦାବାଗ୍ନିକୁ ପାନ କରି ଦେଇଥିଲେ। ସେହି ସ୍ମୃତିରେ ମାଟି ମଣ୍ଡପ ସାହିରୁ ଦାବାଗ୍ନି ଲୀଳା କରିବା ପାଇଁ ଜଣେ ବେଶ ହୋଇ ସ୍ୱତନ୍ତ୍ର ଭାବରେ ଉପସ୍ଥିତ ହୋଇଥିଲେ। ସେହି ସମୟରେ ନାଟମଣ୍ଡପରେ ଉପସ୍ଥିତ ହେଲା ପରେ ପ୍ରଭୁଙ୍କ ଶୀତଳ ଭୋଗ ଓ ବନ୍ଦାପନା ବଢିଥିଲା । ଏହାପରେ ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ : ନନ୍ଦିଘୋଷ ଚକ ୩ ଲକ୍ଷ ଟଙ୍କା

ପୁରୀ, ୨୪/୦୫ ନ୍ୟୁଜ ବ୍ୟୁରୋ
ସରିଛି ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ତଥା ରଥଯାତ୍ରା। ରଥରୁ ଶ୍ରୀଜୀଉମାନେ ଶ୍ରୀମନ୍ଦିର ରତ୍ନ ସିଂହାସନକୁ ବିଜେ କରିସାରିଛନ୍ତି । ପୁଣି ବର୍ଷେ ପରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ରଥଯାତ୍ରା। ରଥ ତ୍ରୟ ଏବେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଦଣ୍ଡାୟମାନ ଥିବା ବେଳେ ତିନି ରଥ ଭଙ୍ଗା ଯିବା କାର୍ଯ୍ୟ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ରଥଯାତ୍ରା ଶେଷ ପରେ ତିନି ରଥକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଏ । ରଥରୁ ବାହାରିଥିବା କାଠକୁ ଶ୍ରୀମନ୍ଦିର ରୋଷ ଶାଳାରେ ମହାପ୍ରସାଦ ପ୍ରସ୍ତୁତିରେ ଜାଳେଣି ଭାବେ ବ୍ୟବହାର କରାଯାଏ । ରଥର କଳସ, ଓଲୋଟ ସୁଆ, ଘୋଡ଼ା, ସାରଥୀ, ପାର୍ଶ୍ୱ ଦେବଦେବୀଙ୍କୁ ଏକ ସୁରକ୍ଷିତ ସ୍ଥାନରେ ଶ୍ରୀମନ୍ଦିର ପ୍ରଶାସନ ରଖିଥାଏ । ପୁଣି ଆସନ୍ତା ବର୍ଷକୁ ହେବାକୁ ଥିବା ରଥଯାତ୍ରାରେ ଘୋଡ଼ା, ସାରଥୀ, ଓଲୋଟ ସୁଆ, ପାର୍ଶ୍ୱ ଦେବାଦେବୀଙ୍କୁ ତିନି ରଥରେ ଲଗାଯାଇଥାଏ। ପ୍ରତିବର୍ଷ ରଥଯାତ୍ରା ଶେଷ ପରେ ତିନି ରଥକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଏ। ହେଲେ ଘୋଡ଼ା, ସାରଥୀ, ପାର୍ଶ୍ୱ ଦେବାଦେବୀ, ଓଲୋଟ ସୁଆକୁ ସୁରକ୍ଷିତ ଭାବରେ ରଖାଯାଏ । କେବଳ ମହାପ୍ରଭୁଙ୍କ ନବକଳେବରରେ ଏହି ଘୋଡ଼ା, ସାରଥୀ, ପାର୍ଶ୍ୱ ଦେବାଦେବୀ, ଓଲୋଟ ସୁଆକୁ ଶ୍ରୀଜୀଉଙ୍କ ଶ୍ରୀବିଗ୍ରହ ସହ ପାତାଳୀ କରାଯାଏ। ନୂତନ ବିଗ୍ରହ ସହ ନୂଆ ଘୋଡ଼ା, ସାରଥୀ, ପାର୍ଶ୍ୱ ଦେବାଦେବୀ, ଓଲୋଟ ସୁଆକୁ ମଧ ନିର୍ମାଣ କରାଯାଏ। ତେବେ ରଥ ଚକ, ଗୁଜ, ଆସୁଆରି, ପ୍ରଭାକୁ ଭକ୍ତଙ୍କୁ ବିକ୍ରି କରିଥାଏ ଶ୍ରୀମନ୍ଦିର ପ୍ରଶାସନ। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଦର ନିର୍ଦ୍ଧାରିତ କରାଯାଇଥାଏ । ଭକ୍ତମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରି ନିର୍ଦ୍ଧାରିତ ମୂଲ୍ୟ ଦେଇ ରଥ ଚକ ସହ ରଥର ଅନ୍ୟାନ୍ୟ ଅଂଶ ନେବାର ବ୍ୟବସ୍ଥା ରହିଛି। ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁଯାୟୀ ନନ୍ଦିଘୋଷ ରଥର ଗୋଟିଏ ଚକ ଦାମ ୩ ଲକ୍ଷ ଟଙ୍କା ରହିଛି। ସେହିପରି ତାଳଧ୍ୱଜ



ରଥର ଚକ ଦାମ ୨ ଲକ୍ଷ, ଦେବୀ ଦଳନ ରଥର ଚକ ଦାମ ଦେଢ଼ ଲକ୍ଷ ଟଙ୍କା ରହିଛି। ସେହିପରି ରଥର ଅନ୍ୟ ଅଂଶ ଗୁଜ ୧୫୦୦୦ ଟଙ୍କା, ଅସୁଆରି ୧୫୦୦୦ ଟଙ୍କା ଓ ପ୍ରଭା ୨୫୦୦୦ ଟଙ୍କା ରହିଛି । ତେବେ ମହାପ୍ରଭୁ ବିରାଜ ମାନ କରିଥିବା ରଥ ହେଉଛି ଅତ୍ୟନ୍ତ ପବିତ୍ର । ଏଣୁ ରଥ ଭଙ୍ଗା ଯିବା ପରେ ରଥର ବିଭିନ୍ନ ଅଂଶ, କାଠ ନେବା ପାଇଁ ଅନେକ ଭକ୍ତଙ୍କ ମଧ୍ୟରେ ଆଗ୍ରହ ଥାଏ । ପରମ୍ପରା ଅନୁଯାୟୀ ପ୍ରତିବର୍ଷ ରଥ ଯାତ୍ରା ପାଇଁ ଶ୍ରୀଜୀଉଙ୍କ ନିମନ୍ତେ ୩ଟି ରଥ କାଠରେ ସମ୍ପୂର୍ଣ୍ଣ ନୂତନ ଭାବେ ତିଆରି ହୁଏ । ପୁରୁଣା ରଥ ରଖିବା ପରମ୍ପରା ବିରୋଧୀ । ଶ୍ରୀଜୀଉ ତିନିଟି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ। ଏଣୁ ପ୍ରତିବର୍ଷ ଖୋର୍ଦ୍ଧା, ନୟାଗଡ଼, ଦଶପଲ୍ଲା, ଭଞ୍ଜନଗର, ଘୁମୁସର ଆଦି ବନଖଣ୍ଡରୁ କାଠ ସଂଗ୍ରହ କରାଯାଏ । ଧଉରା, ଅସନ, ଫାଶୀ, ସିମିଳି ଆଦି ବିଭିନ୍ନ କାଠ ଅଣାଯାଇ ତିନି ରଥ ନିର୍ମାଣ ହୁଏ। ଶ୍ରୀମନ୍ଦିର ଭୋଇ ସେବକ ସର୍ଦ୍ଦାର ରବି ଭୋଇ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ମହାପ୍ରଭୁଙ୍କ ରଥ ଯାତ୍ରା ଶେଷ ପରେ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ପରେ ତିନି ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥାଏ । ତେବେ ରଥ ନିର୍ମାଣ ବେଳେ ତଳୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ରଥ ଭାଙ୍ଗିବା ବେଳେ ରଥ ଉପରୁ ଏହି କାର୍ଯ୍ୟ କରାଯାଏ। ପ୍ରଥମେ ରଥ ଉପରେ ଲାଗିଥିବା ଅଁଳା, ଓଲୋଟ ସୁଆ, କଳସକୁ ଖୋଲିଥାଉ। ତିନି ରଥକୁ ସମ୍ପୂର୍ଣ ଭାଙ୍ଗିବାକୁ ୧୨ ଦିନରୁ ୧୫ ଦିନ ସମୟ ଲାଗିଥାଏ। ଭୋଇ ସେବକ ମାନେ ରଥ ଭାଙ୍ଗିବା କାର୍ଯ୍ୟ କରିଥାନ୍ତି।

# ଅନ୍ତ୍ୟୋଦୟ ଗୃହ ଯୋଜନା : ବଢ଼ିଲା ପ୍ରୋତ୍ସାହନ ରାଶି ପ୍ରଦାନ ଅବଧି

## ୬ ମାସରେ ଘର ସାରିଲେ ୨୦ ହଜାର

ଭୁବନେଶ୍ୱର, ୨୪।୮
ନ୍ୟୁଜ ବ୍ୟୁରୋ
ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରୋତ୍ସାହନ ରାଶି ପ୍ରଦାନ ନିୟମ ଆଂଶିକ ବଦଳିଛି । ପୂର୍ବରୁ ୪ ମାସରେ ଘର ସାରିଲେ ୨୦ ହଜାର ଟଙ୍କା ମିଳୁଥିଲା । ଏଣିକି ୪ ମାସ ବଦଳରେ ୬ ମାସରେ ଘର ନିର୍ମାଣ ସାରିଲେ ବି ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ । ସେହିଭଳି ୬ ମାସ ବଦଳରେ ୮ ମାସରେ ଘର ସାରିଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି (ଇନସେନଟିଭ୍) ମିଳିବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଧାର ପେମେଣ୍ଟ୍ ବ୍ରିଜ୍ ସିଷ୍ଟମ୍‌ରେ ସମସ୍ୟା ଯୋଗୁ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ ଘର ନିର୍ମାଣ ସହାୟତା ମିଳି ପାରୁନଥିଲା । ବହୁ ହିତାଧିକାରୀ ବିଳମ୍ବରେ ଦ୍ୱିତୀୟ କିସ୍ତି ଟଙ୍କା ପାଇଥିଲେ । ଏଥିପାଇଁ ଅନେକ ସ୍ଥାନରେ ଘର ନିର୍ମାଣ ଅଧାରେ ଅଟକିଥିଲା। ସେହିଭଳି ମନରେଗା ଅଧୀନରେ ନିର୍ମାଣ ପାଇଁ ମିଳିବାକୁ ଥିବା ଶ୍ରମ ଟଙ୍କା ପାଇବାରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା । ମନରେଗାରେ ଶ୍ରମ ଟଙ୍କା ବାବଦରେ ପ୍ରାୟ ୨୫ ହଜାର ଟଙ୍କା ପାଇଥାଆନ୍ତେ। କିନ୍ତୁ ମନରେଗା ଟଙ୍କା ପାଇବାକୁ ପଞ୍ଚାୟତସ୍ତରରେ ଆଇଡି ଖୋଲିନଥିବାରୁ ଏହି ଟଙ୍କା ହରାଇବାର ଆଶଙ୍କା ଥିଲା ।

ଯଦି ଆଇଡିକୁ ଅପେକ୍ଷା କରି ରହିଥାଆନ୍ତେ ତେବେ ପ୍ରୋତ୍ସାହନ ରାଶି ହାତରୁ ଖସିଥାଆନ୍ତା । ଗୋଟିଏ ପଟେ ମନରେଗା ଟଙ୍କା ଓ ଅପରପକ୍ଷେ ୪ ମାସ ଭିତରେ ପ୍ରୋତ୍ସାହନ ମିଳିବାକୁ ନେଇ ବିରାଟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହାକୁ ନେଇ ହିତାଧିକାରୀମାନେ ବହୁତ ଚିନ୍ତାରେ ଥିଲେ । ସରକାର ପ୍ରୋତ୍ସାହନ ରାଶି ଦେବାର ସମୟସୀମା ବଢ଼ାଇବା ସହ ୪ ମାସ ବଦଳରେ ୬ ମାସରେ ଘର ସାରିଥିଲେ ବି ପ୍ରୋତ୍ସାହନ ରାଶି ଦେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି କରି ଏହି ସଂଶୋଧିତ ଗାଇଡଲାଇନ୍ ସମ୍ପର୍କରେ ଅବଗତ କରାଇଛନ୍ତି । ସେପଟେ ମନରେଗା ଶ୍ରମ ଟଙ୍କା ଦେବାକୁ ଆଇଡି ଖୋଲିବା ପ୍ରକ୍ରିୟା ବି ଆରମ୍ଭ ହୋଇଛି । ଏହି ନିୟମକୁ ଛାଡ଼ି ଗାଇଡଲାଇନରେ ଥିବା ବାକି ସମସ୍ତ ମୂଳ ନିୟମ ଅପରିବର୍ତ୍ତିତ ରହିବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ କୁହାଯାଇଛି ।

## ଦ୍ୱାଦଶ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଯାପିତ

# ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କୁ ସ୍ଥିରତା ବଜାୟ ରଖିବାକୁ ପଡିବ: ରାଜ୍ୟପାଳ

ଭୁବନେଶ୍ୱର, ୨୪।୮
ନ୍ୟୁଜ ବ୍ୟୁରୋ
କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ଦ୍ୱାଦଶ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଆଜିର ବିଶ୍ୱରେ ସ୍ଥିରତା ସଙ୍କଟ ଦେଖା ଦେଇଥିବା ବଳେ ନବସର୍ଜନା ଓ ସାମୂହିକ ପ୍ରୟାସ ଫଳରେ ଏହି ସଙ୍କଟର ସମାଧାନ ହୋଇପାରିବ । ଏବେ ଆମେ ପାରସ୍ପରିକ ସହବସ୍ଥାନ ମଧ୍ୟରେ ବାସ କରୁଛୁ । ତେବେ ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ, ମହାମାରୀ, ଲିଙ୍ଗଗତ ସମାନତା, ଡିଜିଟାଲ ପରିବର୍ତ୍ତନ ଏବଂ ଆଞ୍ଚଳିକ ସଂଘର୍ଷ ଆଦି ଏବେ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ତଥାପି ନବସର୍ଜନା, ସ୍ଥାୟୀ ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ଅପାର ସୁଯୋଗ ରହିଛି ବୋଲି ସେ କହିଥିଲେ। ନେତୃତ୍ୱକୁ କ୍ଷମତାର




ମାଧ୍ୟମ ରୂପେ ବ୍ୟବହାର କରିବା ପରିବର୍ତ୍ତେ ଏହାକୁ ସେବାର କର୍ତ୍ତବ୍ୟ ଏବଂ ସହଯୋଗର ମାଧ୍ୟମ ଭାବେ ଆପଣାଇବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଗୋଟିଏ ରାଷ୍ଟ୍ରର ପ୍ରକୃତ ଶକ୍ତି ଆଧିପତ୍ୟରେ ନୁହେଁ ସହଯୋଗରେ ନିହିତ ରହିଛି ବୋଲି ରାଜ୍ୟପାଳ କହିଥିଲେ । ନିଜର ବ୍ୟକ୍ତିଗତ ଅନୁଭୂତି ନେଇ ସେ କହିଲେ, ଜାତିସଂଘରେ ଭାରତକୁ ପ୍ରତିନିଧିତ୍ୱ କରିବା ତାଙ୍କର ଜୀବନବ୍ୟାପୀ ସ୍ୱପ୍ନ ଥିଲା, କିନ୍ତୁ ସେହି ସ୍ୱପ୍ନ ପୂରଣ ହୋଇପାରିନାହିଁ । ତେବେ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବେଶ୍ ଆନନ୍ଦିତ ବୋଲି କହିଥିଲେ । ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ରାଜ୍ୟପାଳଙ୍କ ନମ୍ରତା ଏବଂ ମାନବିକ ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ। ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଡ. କମ୍ଭମପାଟି କିପରି କିସ୍ ଛାତ୍ରଛାତ୍ରୀଙ୍କ ସହିତ ସାମୂହିକ ଭୋଜନ କରିଥିଲେ ତାହା ମନେପକାଇ ଡ. ସାମନ୍ତ ରାଜ୍ୟପାଳଙ୍କ ଉଦାରତାର ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଡ. ସାମନ୍ତ କହିଲେ, ଛାୟା ଜାତିସଂଘ ଭଳି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ଚିନ୍ତାଧାରା ସହ ଆସିଥାନ୍ତି, ହେଲେ ଫେରିବା ସମୟରେ ହଜାରେଟି ଚିନ୍ତାଧାରା ସହ ଫେରିବାର ସୁଯୋଗ ସେମାନଙ୍କୁ ମିଳିଥାଏ । ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଚେୟାରପର୍ସନ ଡ. ମୋନାଲିସା ବଳ, ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମର ମୁଖ୍ୟ ମାର୍କ ଏଲ୍. କୋଲମ୍ୟାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ସାଇବର ଯୁଦ୍ଧ, ପରମାଣୁ ଅସ୍ତ୍ରର ବିରୋଧ, ପରିବେଶ-ଉନ୍ନତି, ଶରଣାର୍ଥୀ ସଙ୍କଟ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଶହେ ଜଣ ଛାତ୍ରଛାତ୍ରୀଙ୍କ ସମେତ ଦେଶର ବିଭିନ୍ନ ବିଦ୍ୟାଳୟରୁ ୧ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୋଟ ୧୩ଟି କମିଟି ଗଠନ କରାଯାଇଥିବା ବେଳେ ଶାନ୍ତି, ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପକସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମା' ସମଲେଶ୍ୱରୀଙ୍କ ପାଖକୁ ଆସିଲା ନୂଆଁଖାଇ ପାଇଁ ଷାଠିଆ ଧାନ



ସମ୍ବଲପୁର, ୨୪/୮ ନ୍ୟୁଜ ବ୍ୟୁରୋ
ନୂଆଁଖାଇ ପାଇଁ ମା' ସମଲେଶ୍ୱରୀଙ୍କ ପୀଠକୁ ପହଞ୍ଚିଲା ସ୍ୱତନ୍ତ୍ର ସରିଆ ବା ଷାଠିଆ ଧାନ । ଆସନ୍ତା ୨୮ ତାରିଖରେ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବାକୁ ଥିବା ବେଳେ ରବିବାର ଦିନ ୧୦ଟା ସମୟରେ ବଲବସପୁର ଗାଁର ସୁବାଷ ବେହେରାଙ୍କ ଘରୁ ଏହି ସ୍ୱତନ୍ତ୍ର ଧାନ ଆସିଛି। ଆସନ୍ତା ୨୮ ତାରିଖରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ । ଏଥିପାଇଁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ମନ୍ଦିରରେ ଜୋର ସୋରରେ ଚାଲିଛି ପ୍ରସ୍ତୁତି । ନୂଆଁଖାଇ ହେଉଛି ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ । ଏଥିପାଇଁ ନୂଆଁଖାଇ ଅବସରରେ ମା'ସମଲେଶ୍ୱରୀଙ୍କ ଠାରେ ନୂଆଁ କରି ଉତ୍ପାଦିତ ଧାନର ଚାଉଳ ନବାନ୍ନ ଲାଗି ହେବାର ପରମ୍ପରା ରହିଛି। ତେଣୁ ଏହି ନୂଆଁ ଧାନ ଯୋଗାଇ ଦେବାକୁ ଜଣେ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥାଏ । ଏହିଭଳି ଜଣେ ବ୍ୟକ୍ତି ହେଲେ ସମ୍ବଲପୁର ସହର ନିକଟରେ ଥିବା ବଲବସପୁର ଗାଁର ସୁବାଷ ବେହେରା । ସେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ରବିବାର ଦିନ ୧୦ ଟାରେ ମା' ସମଲେଶ୍ୱରୀଙ୍କ ପୀଠକୁ ଆସି ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ଏହି ନୂଆଁ ଧାନ ଅର୍ପଣ କରିଛନ୍ତି। ଏହି ଧାନ ଏବେ ମୁଖ୍ୟ ପୂଜକଙ୍କ ଘରେ ରହିବ ଓ ଏହାକୁ ଶୁଖାଇ ଏଥିରୁ ଚାଉଳ ବାହାର କରାଯାଇ ନୂଆଁ ଚାଉଳର ଖିରି ଓ ଭୋଗ ପ୍ରସ୍ତୁତ କରାଯିବ । ଏହି ଧାନକୁ ଷାଠିଆ ଧାନ ବା ସରିଆ ଧାନ କୁହାଯାଏ। ଏହି ଧାନ ୬୦ ଦିନରେ ଅମଳ ହୋଇଥାଏ, ତେଣୁ ଏହାକୁ ଷାଠିଆ ଧାନ କୁହାଯାଏ । ଏହି ଧାନ ଚାଷ କରୁଥିବା ସୁବାଷ ବେହେରା କୁହନ୍ତି, 'ଏହି ଧାନକୁ ଆମେ ୧୨ ବର୍ଷ ହେଲା ମା'ଙ୍କୁ ଅର୍ପଣ କରି ଆସୁଛୁ । ଏହି ଧାନର ବିଶେଷତ୍ୱ ହେଲା ଏହା ୬୦ ଦିନରେ ଅମଳ ହୋଇଥାଏ । ଏହି ଧାନରେ କୌଣସି ରାସାୟନିକ ସାର କି କୀଟନାଶକ ପ୍ରୟୋଗ କରାଯାଇନାହିଁ । ମା'ଙ୍କ ପାଇଁ ୪୦ରୁ ୫୦ ଡେସିମିଲ ଜମିରେ ଏହି ଚାଷ କରିଥାଉ । ଶହ ଶହ ବର୍ଷ ହେଲା ମା'ଙ୍କ ଠାରେ ଏହି ପ୍ରଜାତିର ଧାନର ନବାନ୍ନ ଭୋଗ ଲାଗିଥାଏ। ଏହି ଚାଷ କରିବାକୁ ଆମକୁ ୩ ମାସ ପୂର୍ବରୁ ଜମିକୁ ପ୍ରସ୍ତୁତ କରିବାକୁ ପଡିଥାଏ। ତେବେ ଏହି ଧାନ ୬୦ ଦିନରେ ଅମଳ ହୋଇଥାଏ । ଏହି ଧାନ କିଆରୀରେ ଯେମିତି କୌଣସି ପଶୁ ପକ୍ଷୀ ସ୍ପର୍ଶ ନ କରିବେ ତା'ଉପରେ ନଜର ରଖିବାକୁ ପଡିଥାଏ । ଏହା ସହ ଧାନରୁ ଚାଉଳ ସମ୍ପୂର୍ଣ୍ଣ ଭାବେ ତିଆରି ହେବା ପୂର୍ବରୁ ଧାନ ଭିତରେ ଗୋରସ ଥିବା ଅବସ୍ଥାରେ ଏହାକୁ କଟାଯାଇ ମନ୍ଦିରକୁ ଅଣା ଯାଇଥାଏ । ତେବେ ଯେଉଁ ଦିନ ଏହି ଧାନ କଟାଯାଏ ଧାନ କିଆରୀରେ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇ ଦୁଗ୍ଧ ଢାଳି ଏହାକୁ କଟାଯାଏ। ଏହି ଧାନ ଆମ ଘରକୁ ଆସିବା ପରେ ଏହାକୁ ଶୁଖାଯାଏ । ଏହା ଶୁଖିଲା ପରେ ଏହାର ଚୋପା ଛଡ଼ାଯାଏ । ଏହା ପରେ ନୂଆଁଖାଇ ଦିନ ଏହାକୁ ଗୁଣ୍ଡ କରି ଚୁନା କରାଯାଇ ଏଥିରେ ଗାଈ ଘିଅ, ମହୁ, ଗୁଡ଼, ଗୋରସ ଦେଇ ନବାନ୍ନ ପ୍ରସ୍ତୁତ ହୋଇଥାଏ। ପରମ୍ପରା ମୁତାବକ ମା' ସମଲେଶ୍ୱରୀଙ୍କ ଠାରେ ସରିଆ ଅଥବା କଳାହଂସ ଧାନର ନବାନ୍ନ ଲାଗି ହୋଇଥାଏ।

## ଆରମ୍ଭ ହେଲା ପିଜି ଦ୍ୱିତୀୟ ପର୍ଯ୍ୟାୟ

# ନାମଲେଖା : ସେପ୍ଟେମ୍ବର ୩ ଯାଏ ଆବେଦନ

ଭୁବନେଶ୍ୱର, ୨୪।୮
ନ୍ୟୁଜ ବ୍ୟୁରୋ
ଆରମ୍ଭ ହେଲା ସ୍ନାତକୋତ୍ତର (ପିଜି) ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ । ୩ ତାରିଖ ଯାଏ ସାମ୍ସ ୱେବସାଇଟ୍‌ରେ ଆବେଦନ କରିପାରିବେ ଛାତ୍ରଛାତ୍ରୀ । ୯ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୦ରୁ ୧୩ ତାରିଖ ମଧ୍ୟରେ ନାମ ଲେଖାଇବେ । ୧୩ରୁ ୧୫ ତାରିଖ ମଧ୍ୟରେ ବଳକା ଥିବା ସିଟ୍‌ରେ ନାମଲେଖା ପାଇଁ ଆବେଦନ ହେବ । ୱେଟିଂ ଲିଷ୍ଟରେ ଥିବା ପିଲାମାନେ ସିଧା ନିଜର ଡକ୍ୟୁମେଣ୍ଟ ଦେଇ ଆବେଦନ କରିପାରିବେ। ୧୬ ତାରିଖରେ ଏହାର ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ପିଲାମାନେ ୧୭ରୁ ୨୦ ତାରିଖ ମଧ୍ୟରେ ନାମଲେଖାଇବେ । ସୂଚନାଯୋଗ୍ୟ, ରାଜ୍ୟର ୧୨୫ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ମୋଟ୍ ୩୧ ହଜାର ୬୮୦ସିଟ୍ ରହିଛି । ଏଥିରୁ ପ୍ରଥମ ପର୍ଯ୍ୟାୟ ସୁଦ୍ଧା ୨୧ ହଜାର ୭୫ ଜଣ ନାମ ଲେଖାଇଛନ୍ତି । ଆହୁରି ୧୦ ହଜାର ୫୦୦ ସିଟ୍ ଖାଲି ପଡ଼ିଛି ।

Higher Education Department
Government of Odisha




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସମୁଦ୍ର ସ୍ନାନ ଓ ବେଳାଭୂମି ସୁରକ୍ଷା ନେଇ ପ୍ରଶ୍ନବାଚୀ : ଏବର୍ଷ ଗଲାଣି ୬ ଯାତ୍ରୀଙ୍କ ଜୀବନ

ପୁରୀ, ୨୪।୮ ନ୍ୟୁଜ ବ୍ୟୁରୋ
ପୁରୀ ଜିଲ୍ଲାକୁ ଘେରି ରହିଥିବା ବିଶାଳ ସମୁଦ୍ରକୂଳ ଏବେ ଯାତ୍ରୀଙ୍କ ଆମୋଦପ୍ରମୋଦର ପ୍ରମୁଖ ସ୍ଥାନ ପାଲଟିଛି। ପୁରୀର ଷ୍ଟର୍ଲିଂ-ପେଣ୍ଟକଟା ବେଳାଭୂମି ବାଦ୍ ଏବେ ବ୍ରହ୍ମଗିରି, ଗୋପ, କୋଣାର୍କ, ଅସ୍ତରଙ୍ଗ ପ୍ରଭୃତି ଅଞ୍ଚଳକୁ ସଂଯୋଗ କରୁଥିବା ବେଳାଭୂମି ଗୁଡ଼ିକରେ ପ୍ରତିଦିନ ଲକ୍ଷାଧିକ ଯାତ୍ରୀଙ୍କ ଭିଡ଼ ଜମୁଛି । ବାଲୁଖଣ୍ଡ ଅଭୟାରଣ୍ୟ ଓ ସମୁଦ୍ରର ଏହି ମିଳନ ସ୍ଥଳରେ ଟିକିଏ ଶାନ୍ତିରେ ପରିବାର ସହ ସମୟ କଟାଇବାକୁ କାହିଁ କେତେ ଦୂରରୁ ଯାତ୍ରୀମାନେ ପୁରୀ ଛୁଟି ଆସୁଛନ୍ତି । ସମୁଦ୍ର ସ୍ନାନ କରୁଛନ୍ତି ଓ ବେଳାଭୂମିରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖୁଛନ୍ତି। ଏଥିସହ ବାଲୁଖଣ୍ଡର ପିକନିକ୍ ସ୍ପଟମାନଙ୍କରେ ଭୋଜି ଭାତ ଖାଇ ପୁଣି ନିଜ ସ୍ଥାନକୁ ଫେରି ଯାଉଛନ୍ତି। ଦେଶୀ, ବିଦେଶୀ ଯାତ୍ରୀଙ୍କ ନିମନ୍ତେ ପୁରୀ ଛୁଟି ଓ ଅବସର ବିନୋଦନର ପ୍ରମୁଖ ସ୍ଥଳ ହୋଇଛି । ତେବେ ସତର୍କତା ନରଖି ସମୁଦ୍ର ସ୍ନାନ କରିବା ଯାତ୍ରୀଙ୍କ ଜୀବନ ନେଉଥିବାରୁ



ସେମାନଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁରୀ ସମୁଦ୍ରର ସ୍ୱର୍ଗଦ୍ୱାର ନିକଟ ଏକ ହୋଟେଲ ସମ୍ମୁଖଠାରୁ ବ୍ଲୁ ଫ୍ଲାଗ୍ ବିଚ୍ ପର୍ଯ୍ୟନ୍ତ ଓ ରାମଚଣ୍ଡୀ ବେଳାଭୂମିର ଏକ ସୀମିତ ସ୍ଥାନରେ ପ୍ରାୟ ୧୦୦ ଜଣ ଲାଇଫ୍ ଗାର୍ଡ ମୁତୟନ କରିବାକୁ ସରକାରୀ ପଦକ୍ଷେପ ନିଆଯାଇଛି। ଅନ୍ୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ନାହିଁ। ସେପଟେ ଯେଉଁ ୧୦୦ ପଦବୀ ସୃଷ୍ଟି ହୋଇଛି ସେଥିରୁ ୩ଟି ଫାଙ୍କା ପଡ଼ିଥିବା ବେଳେ ବିଭିନ୍ନ କାରଣ ନିମନ୍ତେ ପ୍ରତିଦିନ ପ୍ରାୟ ୫ରୁ ୭ଜଣ କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି। କାମ କଲେ ଦରମା, ନହେଲେ ନାହିଁ ବୋଲି ସରକାରୀ ନିୟମ ହୋଇଥିବାରୁ ଲାଇଫ୍ ଗାର୍ଡମାନେ କାମରେ ମନ ଦେଉନାହାନ୍ତି । ସେମାନଙ୍କ ଜୀବନ ସୁରକ୍ଷା ନିମନ୍ତେ ନା ବୀମା ଅଛି, ନା ରୋଗବ୍ୟାଧି ହେଲେ ଚିକିତ୍ସା ଖର୍ଚ୍ଚ ମିଳିବା ସୁବିଧା ରହିଛି । ସରକାରୀ ଲାଇଫ୍ ଗାର୍ଡ କୁହାଯାଉଥିଲେ ହେଁ ସୀମିତ ଦରମାରେ ହାଇରିସ୍କ ନେଇ କାମ କରିବାକୁ ପଡୁଥିବାରୁ ଅନେକଙ୍କ ଭିତରେ ଅସନ୍ତୋଷ ରହିଛି। ଏହା ସାଙ୍ଗକୁ ଯାତ୍ରୀଙ୍କ ଜୀବନ ବଞ୍ଚାଇବା ନିମନ୍ତେ ସେମାନଙ୍କୁ ଅତ୍ୟାଧୁନିକ ଉପକରଣ ଯୋଗାଇ ଦିଆଯାଉନାହିଁ। କୌଣସି ଯାତ୍ରୀ ଲହଡ଼ି ମାଡ଼ରେ ବୁଡ଼ି ଗଲେ ଖୋଜିବାକୁ ନା ଜେଟ୍ ସ୍କି ଅଛି, ନା ଅକ୍ସିଜେନ୍ ମାସ୍କ। ଜୀବନକୁ ପାଣି ଛଡ଼ାଇ ଉତ୍ତାଳ ତରଙ୍ଗ ଓ ଗଭୀର ସମୁଦ୍ର ପାଣିରେ ବୁଡ଼ିଉଠି ନିଖୋଜ୍ ଯାତ୍ରୀଙ୍କୁ ଠାବ କରିବାକୁ ଲାଇଫ୍ ଗାର୍ଡମାନେ ଚେଷ୍ଟା କରୁଛନ୍ତି। ମିଳିଲେ ଭଲ, ନହେଲେ ନାହିଁ । ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର ପରେ ଚିକିତ୍ସା ଓ ମେଡିକାଲ ସ୍ଥାନାନ୍ତର ନିମନ୍ତେ ଫାଷ୍ଟଏଡ୍ ସେଣ୍ଟର ଟିଏ ସମୁଦ୍ରକୂଳରେ ନାହିଁ। ମେଡିକାଲ ପର୍ଯ୍ୟନ୍ତ ନେବାକୁ ଆମ୍ବୁଲାନ୍ସଟେ ମଧ ମିଳୁନି। ଷ୍ଟ୍ରେଚର, ଅକ୍ସିଜେନ ମାସ୍କ ପ୍ରଭୃତି ନିମନ୍ତେ ମଧ ଧ୍ୟାନ ଦିଆଯାଉନି । ସମୁଦ୍ରରେ ସ୍ନାନ କରୁଥିବା ଯାତ୍ରୀଙ୍କ ନିମନ୍ତେ ଡାକବାଜିରେ ସତର୍କ ସୂଚନା ଜାରି କରିବା ବ୍ୟବସ୍ଥା ନାହିଁ । ଚଳିତ ବର୍ଷ କେବଳ ପୁରୀ ମହୋଦଧିରେ ବୁଡ଼ି ୬ରୁ ଅଧିକ ଯାତ୍ରୀଙ୍କ ଜୀବନ ଚାଲିଗଲାଣି। ପୁରୀ ବେଳାଭୂମିର ଷ୍ଟର୍ଲିଂ ଠାରୁ ପେଣ୍ଟକଟା ପର୍ଯ୍ୟନ୍ତ ଯାତ୍ରୀମାନେ ସମୁଦ୍ର ସ୍ନାନ ନିମନ୍ତେ ଆସୁଥିବାରୁ ସେମାନଙ୍କ ଜୀବନ ସୁରକ୍ଷା ନିମନ୍ତେ ସରକାରୀ ଲାଇଫ୍ ଗାର୍ଡ ମୁତୟନ ଦାବି ହେଉଛି । ହେଲେ ଏଥିପ୍ରତି ପ୍ରଶାସନ କାନ ଦେଉନି। ସମୁଦ୍ରକୂଳେ ବସବାସ କରୁଥିବା ମତ୍ସ୍ୟଜୀବୀମାନେ ଏବେ ଯାହା ଯେତିକି ଭରସା । ସେପଟେ ଜିଲ୍ଲା ଲୋକପ୍ରିୟ ବେଳାଭୂମି ଓ ଜଳଉତ୍ସ ସମ୍ମୁଖରେ ସୁରକ୍ଷା ବ୍ୟବସ୍ଥା ସହ ଉପକରଣ ଯୋଗାଇ ଦେବାକୁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ଯାହା ଭିତରେ ରେସ୍କ୍ୟୁ ଟ୍ୟୁବ୍, ହୁଇସିଲ, ବିଚ୍ ଅମ୍ବ୍ରେଲା, ମେଗା ଫୋନ୍, ୱାକି ଟକି, ପୋର୍ଟେବୁଲ ଅକ୍ସିଜେନ ସିଲିଣ୍ଡର କିଟ୍ (୨.୨ ୱାଟର କାପାସିଟି), ବ୍ୟାଗ ଭାଲଭ ମାସ୍କ, ବାଇନା କୁଲାର, ଏଟିଭି ଏହି ତାଲିକାରେ ରହିଛି। ଏନେଇ ଜିଲ୍ଲା ପର୍ଯ୍ୟଟନ ଉପନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ କହିଛନ୍ତି, ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ପର୍ଯ୍ୟଟନ ବିଭାଗ ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ତେବେ ଲାଇଫ୍ ଗାର୍ଡମାନେ ଅଗ୍ନିଶମ ବିଭାଗ ଅଧୀନରେ କାମ କରୁଥିବାରୁ ଏହି ବିଭାଗ ସମସ୍ତ ସୁରକ୍ଷା ଉପକରଣ ଓ ତାଲିମ ପ୍ରଭୃତି ଦେବା କଥା। ସରକାରୀ ଲାଇଫ୍ ଗାର୍ଡ ପଦବୀ ବୃଦ୍ଧି ନିଷ୍ପତ୍ତି ସରକାରଙ୍କ ଉପରେ ନିର୍ଭରଶୀଳ । ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ପ୍ରଶାସନିକ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନା ଥାଉକି, ପୁରୀ ଜିଲ୍ଲାର ସାତପଡ଼ା, ଅରଖକୁଦା, ରାଜହଂସ, ବାଲିହରଚଣ୍ଡୀ, ରାମଚଣ୍ଡୀ, ନୂଆନଈ ମୁହାଣ, ମେରାଇନ ଡ୍ରାଇଭ୍‌ର ବିଭିନ୍ନ ବେଳାଭୂମି, କୋଣାର୍କ ଓ ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମି ପ୍ରଭୃତି ଯାତ୍ରୀଙ୍କୁ ବର୍ଷ ତମାମ ଆକୃଷ୍ଟ କରିଥାଏ। ହେଲେ ଏହି ବେଳାଭୂମିରେ ଆନୁଷଙ୍ଗିକ ପୁଲିସ ସୁରକ୍ଷା, ଲାଇଫ୍ ଗାର୍ଡ ସୁରକ୍ଷା ବ୍ୟବସ୍ଥା ଓ ମେଡିକାଲ ସେବା ସୁବିଧା ନାହିଁ। ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ୨୦୨୪ ଅଗଷ୍ଟରୁ ଫେବୃୟାରୀ ୨୦୨୫ ଭିତରେ ଯାତ୍ରୀଙ୍କ ଉପରେ ୯ଟି ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣା ଘଟିଛି । ବେଳାଭୂମିରେ ପୁଲିସର ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ଦାବି ହୋଇଛି।